* Vol.- 46, Issue No. 143
* Sunday, 23 August 2026
* ରବିବାର, ୨୩ ଅଗଷ୍ଟ ୨୦୨୬
* Bhubaneswar
* Price: Rs. 3.00, Page: 8
* R.N.I. Regd. No. 34063/81
* Postal Regd. No. BN/79/18-20
* Online Portal: www.dinalipi.com
* Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

* https://www.facebook.com/dinalipilive
* www.youtube.com/@dinalipilive
* https://www.dinalipi.com
* https://www.dinalipiepaper.com
* https://www.dinalipi.in
* twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


## ବନ୍ୟା ପରିସ୍ଥିତିର ମୁକାବିଲା
# ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧ

● ରିଲିଫ୍ ସହାୟତା ଓ ଉଦ୍ଧାର କାର୍ଯ୍ୟ ଜାରି ● ହାରାହାରି ବର୍ଷା ପରିମାଣ ୬.୮ ମି.ମି. ● ସ୍ୱାଭାବିକ ବର୍ଷା ୨୯ ପ୍ରତିଶତ ଅଧିକ


ଭୁବନେଶ୍ୱର, ୨୨।୮(ନିପ୍ର): ରାଜ୍ୟର ବର୍ତ୍ତମାନ ବନ୍ୟା ଓ ବର୍ଷା ପରିସ୍ଥିତି ସମ୍ପର୍କରେ ରାଜ୍ୟ ଜରୁରୀକାଳୀନ ପରିଚାଳନା କେନ୍ଦ୍ର ପକ୍ଷରୁ ଜାରି ସ୍ଥିତି ରିପୋର୍ଟ ଅନୁଯାୟୀ, ରାଜ୍ୟରେ ବନ୍ୟା ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ଜିଲ୍ଲା ପ୍ରଶାସନଗୁଡ଼ିକୁ ସମସ୍ତ ପ୍ରକାର ଆକସ୍ମିକ ପରିସ୍ଥିତି ପାଇଁ ସଜାଗ ରହିବାକୁ ପରାମର୍ଶ ଦିଆଯାଇଛି।ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଆଜି ସକାଳ ୧୧ଟି ସୁଦ୍ଧା ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, ଜଳକା ଆଦି ସମସ୍ତ ନଦୀର ଜଳପତ୍ତନ ସ୍ତର ଉଭୟ ବିପଦ ସଙ୍କେତ ଏବଂ ସତର୍କ ସଂକେତ ଠାରୁ କମ୍ ଅଛି ; ଯାହା ଆଶ୍ୱସ୍ତିର ବିଷୟ । ୨୨ ଅଗଷ୍ଟ ସକାଳ ସୁଦ୍ଧା ପୂର୍ବ ୨୪ ଘଣ୍ଟାରେ ରାଜ୍ୟର ହାରାହାରି ବର୍ଷା ପରିମାଣ ୬.୮ ମି.ମି. ରେକର୍ଡ କରାଯାଇଛି। ଏହି ସମୟରେ ଖୋର୍ଦ୍ଧା ଜିଲ୍ଲାର ଚିଲିକା ବ୍ଲକରେ



ସର୍ବାଧିକ ୯୩ ମି.ମି. ବର୍ଷା ରେକର୍ଡ ହୋଇଛି। ସେହିପରି ଜୁନ୍ ୧ରୁ ଅଗଷ୍ଟ ୨୨ ପର୍ଯ୍ୟନ୍ତ ରାଜ୍ୟରେ ୧୦୨୮.୪ ମି.ମି. ବର୍ଷା ରେକର୍ଡ ହୋଇଛି, ଯାହା ସ୍ୱାଭାବିକ ବର୍ଷା ୭୯୭.୦ ମି.ମି. ତୁଳନାରେ ୨୯ ପ୍ରତିଶତ ଅଧିକ।ବର୍ତ୍ତମାନ ଉପଲବ୍ଧ ତଥ୍ୟ ଅନୁଯାୟୀ, ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ଅଞ୍ଚଳ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ବାଲେଶ୍ୱର ଜିଲ୍ଲାର ୬ଟି ବ୍ଲକର ୫୦ଟି ଗ୍ରାମ ପଞ୍ଚାୟତ ଓ ୩୨୭ଟି ଗ୍ରାମ ପ୍ରଭାବିତ ହୋଇଛି। ୧୨୯ଟି ଗ୍ରାମ ଜଳବନ୍ଦୀ ହୋଇଥିବା ବେଳେ ୨୪,୭୦୯ ଜଣ ପ୍ରଭାବିତ ହୋଇଛନ୍ତି। ୧୭,୭୯୯ ଜଣଙ୍କୁ ସ୍ଥାନାନ୍ତର କରାଯାଇ ୮୯ଟି ରିଲିଫ୍ କ୍ୟାମ୍ପରେ ଆଶ୍ରୟ ଓ ସହାୟତା ଯୋଗାଇ ଦିଆଯାଉଛି।ଭଦ୍ରକ ଜିଲ୍ଲାର ୪ଟି ବ୍ଲକର ୩୨ଟି ଗ୍ରାମ ପଞ୍ଚାୟତ ଓ ୧୪୩ଟି ଗ୍ରାମ ପ୍ରଭାବିତ ହୋଇଛି। ମୋଟ ୧,୫୧,୯୩୨ ଜଣ ପ୍ରଭାବିତ ହୋଇଥିବା ବେଳେ ୨୦,୫୬୭ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ୨୩ଟି ରିଲିଫ୍ କ୍ୟାମ୍ପ କାର୍ଯ୍ୟକ୍ଷମ ରହିଛି।ଯାଜପୁର ଜିଲ୍ଲାର ୫ଟି ବ୍ଲକର ୨୪ଟି ଗ୍ରାମ ପଞ୍ଚାୟତ ଓ ୬୯ଟି ଗ୍ରାମ ପ୍ରଭାବିତ ହୋଇଛି। ୪୮ଟି ଗ୍ରାମ ଜଳବନ୍ଦୀ ହୋଇଥିବା ବେଳେ ୭୧,୪୨୫ ଜଣ ପ୍ରଭାବିତ ହୋଇଛନ୍ତି। ୩୩୪ଟି ରିଲିଫ୍ କ୍ୟାମ୍ପ କାର୍ଯ୍ୟକ୍ଷମ ରହିଛି।କେନ୍ଦ୍ରାପଡ଼ା ଜିଲ୍ଲାର ୫ଟି ବ୍ଲକର ୬୭ଟି ଗ୍ରାମ ପଞ୍ଚାୟତ ଓ ୧୬୪ଟି ଗ୍ରାମ ପ୍ରଭାବିତ ହୋଇଛି। ୪୨ଟି ଗ୍ରାମ ଜଳବନ୍ଦୀ ହୋଇଥିବା ବେଳେ ୨,୪୭,୪୯୩ ଜଣ ପ୍ରଭାବିତ ହୋଇଛନ୍ତି। ୨,୩୨୩ ଜଣଙ୍କୁ ସ୍ଥାନାନ୍ତର କରାଯାଇ ୧୮ଟି ରିଲିଫ୍ କ୍ୟାମ୍ପରେ ସହାୟତା ଯୋଗାଇ ଦିଆଯାଉଛି।ବନ୍ୟା ପ୍ରଭାବିତ ଜିଲ୍ଲାଗୁଡ଼ିକରେ ମୋଟ ୩୨ଟି ଓଡ୍ରାଫ , ୮ଟି ଏନଡିଆରଏଫ ଏବଂ ୪୬ଟି ଫାୟାର ଏଣ୍ଡ ଇମରଜେନ୍ସି ସର୍ଭିସେସ ଟିମ୍ ସମେତ ମୋଟ ୮୬ଟି ଉଦ୍ଧାରକାରୀ ଦଳ ମୁତୟନ ହୋଇଛନ୍ତି । ବନ୍ୟା ପରିସ୍ଥିତିର ପ୍ରଭାବଶାଳୀ ନିରୀକ୍ଷଣ ଓ ପରିଚାଳନା ପାଇଁ ତିନିଜଣ ଆଇଏଏସ ଅଧିକାରୀଙ୍କୁ ଯଥାକ୍ରମେ ଭଦ୍ରକ, ବାଲେଶ୍ୱର ଓ ଯାଜପୁର ଜିଲ୍ଲାରେ ନିୟୋଜିତ କରାଯାଇଛି।ରିଲିଫ୍ କ୍ୟାମ୍ପ ପରିଚାଳନା, ଉଦ୍ଧାରକାର୍ଯ୍ୟ ସମେତ ବନ୍ୟା ପରିଚାଳନା ନିମନ୍ତେ ଏସଡିଆରଏଫ ପର୍ଯ୍ୟାୟକ୍ରମେ ୧୧୦ କୋଟି, ୨୬ କୋଟି ଓ ୩୧.୫୫ କୋଟି ଟଙ୍କା ମିଶି ମୋଟ ୧୬୭.୫୫ କୋଟି ଟଙ୍କା ପ୍ରଦାନ କରାଯାଇଛି।ବଜ୍ରପାତ ସମୟରେ ଲୋକମାନଙ୍କୁ ପାଣିପାଗର ସୂଚନା ଉପରେ ନଜର ରଖିବା ସହ ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେବାକୁ ପରାମର୍ଶ ଦିଆଯାଇଛି। ସ୍ପେଶାଲ୍ ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ ରାଜ୍ୟ ଜରୁରୀକାଳୀନ ପରିଚାଳନା କେନ୍ଦ୍ର ସମସ୍ତ ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ର ସହ ସମନ୍ୱୟ ରକ୍ଷା କରି ୨୪ ଗୁଣନ ୭ ଘଣ୍ଟା ପରିସ୍ଥିତି ଉପରେ ନଜର ରଖିଛି।

## ମଝି ସମୁଦ୍ରରେ ଜାହାଜ ନିଖୋଜ

- ଥିଲେ ୨୪ ଜଣ କ୍ରୁ ସଦସ୍ୟ
- ତଟରକ୍ଷୀ ବାହିନୀର ସ୍ୱତନ୍ତ୍ର ଟିମ୍ ଜରିଆରେ ତଲାସି




ପାରାଦୀପ, ୨୨।୮: ଓଡିଶା ଉପକୂଳରେ ବଡ଼ ଧରଣର ଅଘଟଣ ଘଟିଛି । ୭୦ ହଜାର ଟନ୍ ପରିମାଣର ଲୁହା ପଥର ବୋଝେଇ କରି ଫେରୁଥିବା ଏକ ଜାହାଜ ଶନିବାର ମଝି ସମୁଦ୍ରରେ ନିଖୋଜ ହୋଇଛି। ସମୁଦ୍ର ତଟରୁ ପ୍ରାୟ ୨୪୦ ନଟିକାଲ ମାଇଲ ଯିବା ପରେ ଏହା ଘଟିଛି।ଜାହାଜରେ ଥିଲେ ୨୪ ଜଣ କ୍ରୁ ସଦସ୍ୟ । ଓଡ଼ିଶା ତଟରକ୍ଷୀ ବାହିନୀ ପକ୍ଷରୁ ସ୍ୱତନ୍ତ୍ର ଟିମ୍ ଜରିଆରେ ତଲାସି ଜାରି ରହିଛି। ଏନ.ଭି. ଓସେନ୍ ୱିନର ନାମକ ଜାହାଜଟି ପାରାଦୀପରୁ ଚୀନ୍ ଅଭିମୁଖେ ଯାଉଥିଲା । ସୂଚନା ମୁତାବକ ୨୦ ଚୀନ୍ ନାଗରିକ, ଜଣେ ବାଂଲାଦେଶୀ ନାଗରିକ ଏବଂ ୩ ଜଣ ମିଆଁମାର ନାଗରିକ ଏଥିରେ ଥିଲେ। ଗତ ରାତି ପ୍ରାୟ ୧୨ଟାରେ ଏହାର ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ପୂର୍ବରୁ ଜାହାଜଟି ପ୍ରାୟ ୨୦୦ ନଟିକାଲ୍ ମାଇଲ୍‌ରୁ ଅଧିକ ଯାତ୍ରା କରିସାରିଥିଲା। ଜାହାଜଟି ବିଶାଖାପାଟଣା ମୁହାଁଇଥିଲା। ପ୍ରାଥମିକ ସୂଚନା ଅନୁଯାୟୀ ଏହା ଓଡ଼ିଶାର ସାମୁଦ୍ରିକ ସୀମା ଅତିକ୍ରମ କରିଥାଇପାରେ। ଜାହାଜଟି ଅଗଷ୍ଟ ୫ ତାରିଖରେ ପାରାଦୀପକୁ ଆସିଥିଲା ।

## ପ୍ରଶ୍ନପତ୍ର ଲିକ୍ ମାମଲା
# ପ୍ରଫେସର ଏବଂ ଅନ୍ୟ ୬ ଗିରଫ

ରାୟପୁର, ୨୨।୮: ଇନ୍ଦିରା ଗାନ୍ଧୀ କୃଷି ବିଶ୍ୱବିଦ୍ୟାଳୟର ବି. ଏସ୍. ସି. କୃଷି ଦ୍ୱିତୀୟ ସେମିଷ୍ଟର କୀଟ ବିଜ୍ଞାନ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣାରେ ରାୟପୁର ପୋଲିସ ଶନିବାର ମୁଖ୍ୟ ଅଭିଯୁକ୍ତ ପ୍ରଫେସରଙ୍କ ସମେତ୬ ଅଭିଯୁକ୍ତଙ୍କୁ ଗିରଫ କରିଛି। ମାତ୍ର ୩୬ ଘଣ୍ଟା ମଧ୍ୟରେ ପୋଲିସ ଏହି ମାମଲାର ପର୍ଦ୍ଦାଫାସ କରି ଅଭିଯୁକ୍ତମାନଙ୍କ ନିକଟରୁ ୧୧ ହଜାର ଟଙ୍କା ନଗଦ, ୬ଟି ମୋବାଇଲ୍ ଫୋନ୍ ଏବଂ ପ୍ରଶ୍ନପତ୍ର ଲିକ୍ କରିବାରେ ବ୍ୟବହୃତ ସାମଗ୍ରୀ ଜବତ କରିଛି। ଏହି ମାମଲାରେ ଅନ୍ୟ ଦୁଇ ଅଭିଯୁକ୍ତ ଏବେବି ଫେରାର ଅଛନ୍ତି।

## ସ୍ୱତନ୍ତ୍ର ଅଧିବେଶନ ବସୁ: ରାଜ୍ୟପାଳଙ୍କୁ ଭେଟିଲା କଂଗ୍ରେସ



ଭୁବନେଶ୍ୱର, ୨୨।୮(ନିପ୍ର): ଏମଏମଡିଆର୍ ବିଲ୍‌କୁ ନେଇ ରାଜ୍ୟପାଳଙ୍କୁ ଭେଟିଛି କଂଗ୍ରେସ । ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଦାବି କରି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ନେତୃତ୍ୱରେ କଂଗ୍ରେସର ଏକ ପ୍ରତିନିଧିମଣ୍ଡଳୀ ଶନିବାର ଲୋକ ଭବନ ଯାଇ ରାଜ୍ୟପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛି । ଏ ସସମ୍ପର୍କରେ ରାମଚନ୍ଦ୍ର କାଡାମ କହିଛନ୍ତି, ଏମ୍‌ଏମଡିଆର ବିଲ୍‌ରେ ସରକାର ଯେଉଁ ସଂଶୋଧନ କରିଛନ୍ତି, କଂଗ୍ରେସ ତାହାକୁ ବିରୋଧ କରୁଛି । ଏହି ସଂଶୋଧନ ଯୋଗୁଁ ଓଡ଼ିଶା ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ରାଜସ୍ୱ ହରାଇବ। ଏଥିସହ ପ୍ରତିବର୍ଷ ରାଜ୍ୟ ପ୍ରାୟ ୨୦ ହଜାର କୋଟି ଟଙ୍କାର କ୍ଷତି ସହିବ।


## ଆସୁଛି ଆଉ ଏକ ଲଘୁଚାପ
### ବନ୍ୟାପ୍ରବଣ ଅଞ୍ଚଳ ବାସିନ୍ଦାଙ୍କୁ ସତର୍କତା

ଭୁବନେଶ୍ୱର, ୨୨।୮: ଆଗାମୀ ୨୪ ଘଣ୍ଟା ମଧ୍ୟରେ ସୃଷ୍ଟି ହେବ ଲଘୁଚାପ । ଶୁକ୍ରବାର ମିଆଁମାର ଏବଂ ତାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଥିବା ଘୂର୍ଣ୍ଣିବଳୟ, ଶନିବାର ଉତ୍ତର ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ତତ୍-ସଂଲଗ୍ନ ବାଂଲାଦେଶ ଉପକୂଳସ୍ଥ ସମୁଦ୍ର ଅଞ୍ଚଳ ଉପରେ ବାୟୁମଣ୍ଡଳର ୫.୮ କିମି ଯାଏଁ ବ୍ୟାପିଛି । ଘୂର୍ଣ୍ଣିବଳୟ ପ୍ରଭାବରେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ସଂପୃକ୍ତ ଅଞ୍ଚଳରେ ଏକ ଲଘୁଚାପ ସୃଷ୍ଟି ହେବା ସମ୍ଭାବନା ରହିଛି । ଲଘୁଚାପ ପ୍ରଭାବରେ ଓଡ଼ିଶାରେ ପୁଣି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ପାଣିପାଗ ବିଭାଗ କହିଛି ୨୨ ଅଗଷ୍ଟରୁ ୨୯ ଅଗଷ୍ଟ ମଧ୍ୟରେ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଲଘୁଚାପ ପ୍ରଭାବରେ ପଶ୍ଚିମ, ଉତ୍ତର ଏବଂ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ହେବ ବୋଲି ଆକଳନ କରାଯାଇଛି । ଏଥିପାଇଁ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ କିଛି ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି । ଆଗକୁ ବର୍ଷା ପରିମାଣ ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ ତଳିଆ ଏବଂ ବନ୍ୟାପ୍ରବଣ ଅଞ୍ଚଳର ବାସିନ୍ଦାମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି ।

# ୪ ବର୍ଷରୁ କମ୍ ପିଲାଙ୍କୁ କଟକଣା
### କ୍ଲୋରଫେନିରାମିନ୍-ଫିନାଇଲେଫ୍ରିନ୍ ମିଶ୍ରଣ

ନୂଆଦିଲ୍ଲୀ, ୨୨।୮: କେନ୍ଦ୍ର ସରକାର ପିଲାମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କ୍ଲୋରଫେନିରାମିନ୍ ମାଲେଟ୍ ଏବଂ ଫିନାଇଲେଫ୍ରିନ୍ ହାଇଡ୍ରୋକ୍ଲୋରାଇଡ୍ ଯୁକ୍ତ ସମସ୍ତ ସ୍ଥିର-ଡୋଜ୍ ମିଶ୍ରଣ (ଏଫଡିସି) କାଶ ଏବଂ ଥଣ୍ଡା ଔଷଧର ଉତ୍ପାଦନ, ବିକ୍ରୟ ଏବଂ ବଣ୍ଟନ ଉପରେ ନୂତନ କଟକଣା ଲାଗୁ କରିଛନ୍ତି। ସରକାର ସ୍ପଷ୍ଟ କରିଛନ୍ତି ଯେ ଏହି ଔଷଧଗୁଡ଼ିକ ଚାରି ବର୍ଷରୁ କମ୍ ବୟସର ପିଲାମାନଙ୍କୁ ଦିଆଯିବ ନାହିଁ। ଶନିବାର ଜାରି ହୋଇଥିବା ଏକ ବିଜ୍ଞପ୍ତି ଅନୁଯାୟୀ, ଏହି ଔଷଧଗୁଡ଼ିକର ଲେବଲ୍, ପ୍ୟାକେଜ୍ ଇନସର୍ଟ ଏବଂ ପ୍ରଚାରମୂଳକ ସାମଗ୍ରୀରେ ଏକ ଚେତାବନୀ ଦେବାକୁ ପଡ଼ିବ। ପୂର୍ବରୁ, ଏହି ନିର୍ଣ୍ଣୟ ଏପ୍ରିଲ୍ ୧୫, ୨୦୨୫ ପର୍ଯ୍ୟନ୍ତ କିଛି ଏଫଡିସି ଔଷଧ ଉପରେ ଲାଗୁ କରାଯାଇଥିଲା। ବର୍ତ୍ତମାନ, ସରକାର ଏହି ନିୟମ ଅଧୀନରେ କ୍ଲୋରଫେନିରାମିନ୍ ମାଲେଟ୍ ଏବଂ ଫିନାଇଲେଫ୍ରିନ୍ ହାଇଡ୍ରୋକ୍ଲୋରାଇଡ୍ ଯୁକ୍ତ ସମସ୍ତ ଏଫଡିସି ଔଷଧକୁ ଅନ୍ତର୍ଭୁକ୍ତ କରିବା ପାଇଁ ଏହାର ପରିସରକୁ ବିସ୍ତାର କରିଛନ୍ତି। ବିଶେଷଜ୍ଞ କମିଟି ଏବଂ ଡ୍ରଗ୍ସ ଟେକ୍ନିକାଲ୍ ଆଡଭାଇଜରୀ ବୋର୍ଡର ସୁପାରିଶ ଆଧାରରେ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ସରକାର କହିଛନ୍ତି ଯେ ସୁରକ୍ଷିତ ବିକଳ୍ପ ଉପଲବ୍ଧତାକୁ ଦୃଷ୍ଟିରେ ରଖି ୪ବର୍ଷରୁ କମ୍ ବୟସର ପିଲାମାନଙ୍କଠାରେ ଏହି ଔଷଧଗୁଡ଼ିକର ବ୍ୟବହାର ବିପଦ ସୃଷ୍ଟି କରେ। ଔଷଧ ଏବଂ ପ୍ରସାଧନ ସାମଗ୍ରୀ ଆଇନ, ୧୯୪୦ ର ଧାରା ୨୬ଏ ଅନୁଯାୟୀ ଜନସ୍ୱାସ୍ଥ୍ୟର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ନିର୍ଦ୍ଦେଶ ଜାରି କରାଯାଇଛି।

## ଅଗଷ୍ଟ ୩୧ରେ ରତ୍ନଭଣ୍ଡାର ଗଣତି ଆରମ୍ଭ



ପୁରୀ, ୨୨।୮: ଶ୍ରୀମନ୍ଦିର ରତ୍ନ ଭଣ୍ଡାର ଗଣତି ପୁଣି ଆରମ୍ଭ ହେବ। ଆସନ୍ତା ଅଗଷ୍ଟ ୩୧ ଓ ସେପ୍ଟେମ୍ବର ୧ ତାରିଖ ଦୁଇ ଦିନ ଧରି ରତ୍ନଭଣ୍ଡାର ଗଣତି ହେବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ବ୍ୟବସ୍ଥାବଳୀ ଅନୁସାରେ ରତ୍ନ ଅଳଙ୍କାର ଗଣତି ହେବ । ଏଥିପାଇଁ ଶ୍ରୀମନ୍ଦିରର ସମସ୍ତ ସେବକ ଓ ଶ୍ରଦ୍ଧାଳୁଙ୍କୁ ସହଯୋଗ କାମନା କରିଛି ମନ୍ଦିର ପ୍ରଶାସନ । ପୂର୍ବରୁ ବିଭିନ୍ନ ପର୍ଯ୍ୟାୟରେ ଶ୍ରୀମନ୍ଦିରର ବାହାର ଓ ଭିତର ଭଣ୍ଡାର ଗଣତି ହୋଇଛି । ଦେବସ୍ନାନ ପୂର୍ଣ୍ଣିମା ଓ ରଥଯାତ୍ରା ପାଇଁ ଭିତର ରତ୍ନ ଭଣ୍ଡାର ଗଣତି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରିନଥିଲା । ରଥଯାତ୍ରା ସମୟରେ ଜୁଲାଇ ୧୯ ତାରିଖରେ ଶେଷ ଥର ପାଇଁ ଗଣତି ହୋଇଥିଲା । ଏସଓପି ଅନୁସାରେ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଟ୍ରେଜେରିରୁ ରତ୍ନ ଭଣ୍ଡାର ଚାବି ଅଣାଯିବ । ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ରତ୍ନ ଭଣ୍ଡାର ଖୋଲାଯିବ । ଗଣତି ସମୟରେ ଥ୍ରୀଡି ମ୍ୟାପିଂ ଓ ଭିଡ଼ିଓ ଗ୍ରାଫି କରାଯିବ । ଗଣତି ସମୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ପୁରୀ ଜିଲ୍ଲାପାଳ, ରିଜର୍ଭ ବ୍ୟାଙ୍କ୍ ପ୍ରତିନିଧି, ଅଧିକୃତ ସେବାୟତ ଏବଂ ଅଧିକାରୀମାନେ ଉପସ୍ଥିତ ରହିବେ।

## 'ଗରିମା' କର୍ମଶାଳାରେ ମୁଖ୍ୟମନ୍ତ୍ରୀ
# ମୃତ୍ୟୁ ପୂର୍ବରୁ ସୁରକ୍ଷା ଆମ ଲକ୍ଷ୍ୟ



**ଗରିମା ରକ୍ଷା କରିବା ମଧ୍ୟ ଆମର ଦାୟିତ୍ୱ**

ଭୁବନେଶ୍ୱର, ୨୨।୮: ପ୍ରତିବର୍ଷ ଅଗଷ୍ଟ ମାସର ଚତୁର୍ଥ ଶନିବାର 'ଗରିମା ଦିବସ' ଭାବେ ପାଳିତ ହେବ। ସମୃଦ୍ଧ ଓଡ଼ିଶା ପାଇଁ ସ୍ୱଚ୍ଛ ସହର, ସୁରକ୍ଷିତ ପରିବେଶ ଏବଂ ଯେଉଁ ଲୋକମାନେ ଏହି ସ୍ୱଚ୍ଛତାକୁ ନିଶ୍ଚିତ କରୁଛନ୍ତି। ସେମାନଙ୍କ ସୁରକ୍ଷିତ ଜୀବନ ଏକାନ୍ତ ଅପରିହାର୍ଯ୍ୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗରିମା ଦିବସ ୨୦୨୬ ଅବସରରେ କହିଛନ୍ତି।ଲୋକସେବା ଭବନ କନଭେନସନ୍ ସେଣ୍ଟର ଠାରେ ଗରିମା ଦିବସ ଅବସରରେ ଏକ ଜାତୀୟ କର୍ମଶାଳା ଆୟୋଜିତ ହୋଇଛି । ଏହି କର୍ମଶାଳାର ବିଷୟବସ୍ତୁ ରହିଛି, ମିଶନ୍ ଜିରୋ ସଫେଇ କାର୍ଯ୍ୟରେ ମୃତାହତ ଘଟଣାର ଅବସାନ । ଏହି କର୍ମଶାଳାରେ ୮ଟି ରାଜ୍ୟର ସଫେଇ କ୍ଷେତ୍ରରେ କାର୍ଯ୍ୟରତ ଥିବା ବିଶେଷଜ୍ଞ, ଅଧିକାରୀଙ୍କ ସମେତ ସଫେଇ କର୍ମଚାରୀମାନେ ମଧ୍ୟ ଯୋଗ ଦେଇଛନ୍ତି ।ସେ ଆହୁରି କହିଥିଲେ ଯେ, ଗରିମା ଦିବସ ପ୍ରତିବର୍ଷ ଆମକୁ ମନେ ପକାଇବ ଯେଉଁ ହାତ ସ୍ୱଚ୍ଛତା ଦିଏ, ସେହି ହାତର ଗରିମା ରକ୍ଷା କରିବା ମଧ୍ୟ ଆମର ଦାୟିତ୍ୱ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୂର୍ବତନ ସଫେଇ କର୍ମୀ ସ୍ୱର୍ଗତ ପ୍ରତାପ ଦଲେଇଙ୍କ ପତ୍ନୀଙ୍କୁ ୧୦ ଲକ୍ଷ ଟଙ୍କାର ବୀମା ରାଶି ପ୍ରଦାନ କରିଥିଲେ ଏବଂ କହିଥିଲେ କ୍ଷତି ପୂରଣ ଆମର ଲକ୍ଷ୍ୟ ନୁହେଁ, ଆମର ଲକ୍ଷ୍ୟ ହେଉଛି, ମୃତ୍ୟୁ ପରେ ସହାୟତା ନୁହେଁ, ମୃତ୍ୟୁ ପୂର୍ବରୁ ସୁରକ୍ଷା । ଦୁର୍ଘଟଣା ପରେ କ୍ଷତିପୂରଣ ନୁହେଁ, ଦୁର୍ଘଟଣା ପୂର୍ବରୁ ପ୍ରତିରୋଧ। ବିପଦପୂର୍ଣ୍ଣ କାର୍ଯ୍ୟରତ ଆମର ଏହି କର୍ମଯୋଗୀ ମାନଙ୍କ ଜୀବନ ସୁରକ୍ଷିତ ରହୁ । ଏହା ହିଁ ହେଉଛି ମିଶନ ଜିରୋର ଆଭିମୁଖ୍ୟ।

# 'ଜେନ୍ ଜି'କୁ ଆକର୍ଷିତ କରିବ ବିଜେପି !
## ଯୁବପିଢ଼ିଙ୍କ ଆକାଂକ୍ଷା ଓ ଆଶାକୁ ବୁଝିବାକୁ ପ୍ରୟାସ



ନୂଆଦିଲ୍ଲୀ, ୨୨।୮: ଭାରତୀୟ ଜନତା ପାର୍ଟି ଦେଶର ଯୁବପିଢ଼ି ଓ 'ଜେନ୍ ଜି' ସହିତ ନିଜର ସମ୍ପର୍କ ଦୃଢ଼ କରିବାକୁ ସ୍ୱତନ୍ତ୍ର ଭାବରେ ପହଞ୍ଚିବା (ଆଉଟରିଚ୍) କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଛି। ଏଥିପାଇଁ ଦଳ ଏକ ଉଚ୍ଚସ୍ତରୀୟ କେନ୍ଦ୍ରୀୟ ଟିମ୍ ଗଠନ କରିଛି। ଦଳୀୟ ସୂତ୍ର ଅନୁଯାୟୀ, ଏହି ବିଶେଷ ଆଉଟରିଚ୍ ଅଭିଯାନର ନେତୃତ୍ୱ ନେବାକୁ ଥିବା ଟିମ୍ ସଙ୍ଗଠନାତ୍ମକ ଅନୁଭବ ଓ ଯୁବ ନେତୃତ୍ୱର ସମାବେଶ ବୋଲି ଜଣାପଡ଼ିଛି। ଏହି ଟିମ୍‌ରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନଙ୍କ ବ୍ୟତୀତ ରାଷ୍ଟ୍ରୀୟ ମହାସଚିବ ସ୍ମୃତି ଇରାନୀ ଓ ବିନୋଦ ତାୱ୍‌ଡ଼େ ମଧ୍ୟ ସାମିଲ ଅଛନ୍ତି। ଗୁଜରାଟ ସରକାରରେ ମନ୍ତ୍ରୀ ଥିବା ହର୍ଷ ସାଂଘଭୀ ଓ ଛତିଶଗଡ଼ ସରକାରରେ ମନ୍ତ୍ରୀ ଥିବା ଓପି ଚୌଧୁରୀଙ୍କୁ ମଧ୍ୟ ଏଥିରେ ସାମିଲ କରାଯାଇଛି। ଟିମ୍‌ର ମୁଖ୍ୟ ଉଦ୍ଦେଶ୍ୟ ଯୁବପିଢ଼ିଙ୍କ ଆକାଂକ୍ଷା, ଚିନ୍ତା ଓ ଆଶାକୁ ବୁଝିବା ଓ ଏହାକୁ ସିଧାସଳଖ ବିଜେପିର ଶୀର୍ଷ ନେତୃତ୍ୱ ସହିତ ସମ୍ବାଦ ସ୍ଥାପିତ କରିବାକୁ ଏକ ପ୍ଲାଟଫର୍ମ ପ୍ରଦାନ କରିବା। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଯୁବ ଭୋଟରଙ୍କୁ ଓ ପ୍ରଥମ ଥର ଭୋଟ ଦେବାକୁ ଥିବା ନାଗରିକଙ୍କ ସହିତ କଥାବାର୍ତ୍ତା, ଚର୍ଚ୍ଚା ଓ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସିଧାସଳଖ ସମ୍ପର୍କ ସ୍ଥାପନ କରିବା। ଆଉଟରିଚ୍ ଅଭିଯାନ ମାଧ୍ୟମରେ ନିଯୁକ୍ତି, ବୈଷୟିକ ଜ୍ଞାନ, ଷ୍ଟାର୍ଟଅପ୍ ଓ ଶିକ୍ଷା ପରି ପ୍ରସଙ୍ଗରେ ଯୁବପିଢ଼ିଙ୍କ ବିଚାରକୁ ନିଜ କାର୍ଯ୍ୟସୂଚୀରେ ସାମିଲ କରିବା। ଏହାସହିତ ନୂଆ ଓ ଯୁବ ଭୋଟରଙ୍କ ମଧ୍ୟରେ ନିଜ ଦଳର ସ୍ଥିତିକୁ ମଜଭୁତ କରିବା। ବିଜେପି ଅଧ୍ୟକ୍ଷ ନୀତିନ ନବୀନ ନିଜ ନୂଆ ଟିମ୍ ଘୋଷଣା କରିବା ପରେ ଶନିବାର ଏହାର ପ୍ରଥମ ବୈଠକ ପରେ ତୁରନ୍ତ ଏହା ଜଣାପଡ଼ିଛି। ବୈଠକରେ ଆଗକୁ ଆସୁଥିବା ବିଧାନସଭା ନିର୍ବାଚନ ପାଇଁ ପ୍ରସ୍ତୁତି, ବୁଥ୍ ସ୍ତରରେ ଦଳକୁ ମଜଭୁତ କରିବା ଓ ସରକାରଙ୍କ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଧ୍ୟାନ କେନ୍ଦ୍ରିତ କରାଯାଇଛି। ଶନିବାର ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଦଳର ନବଗଠିତ ଜାତୀୟ ଦଳର ପ୍ରଥମ ପରିଚୟ ବୈଠକର ଅଧ୍ୟକ୍ଷତା କରିଥିଲେ। ବୈଠକ ପୂର୍ବରୁ ଜାତୀୟ ଗୀତ 'ବନ୍ଦେ ମାତରମ୍'ର ସମସ୍ତ ଛଅଟି ପଦ ପାଠ କରାଯାଇଥିଲା।

## ଏମ୍‌ଏମ୍‌ଡିଆର୍, ରାଜ୍ୟବାସୀଙ୍କୁ ବିଭ୍ରାନ୍ତ କରୁଛନ୍ତି ବିରୋଧୀ: ବିଜେପି


ଭୁବନେଶ୍ୱର, ୨୨।୮: ଓଡ଼ିଶାରେ କିଛି ବିରୋଧୀ ଦଳର ନେତାଙ୍କଠାରୁ ଆରମ୍ଭ କରି ଅନ୍ୟ ରାଜନୈତିକ ଦଳର ନେତାମାନେ ବିଭିନ୍ନ ପ୍ରକାର ମିଥ୍ୟା ତଥ୍ୟ ଦେଇ ଓଡ଼ିଶାବାସୀଙ୍କୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରୁଛନ୍ତି । ଏମ୍‌ଏମ୍‌ଡିଆର୍ ୧୯୫୭ ମସିହାରୁ ଯାହା ଚାଲିଆସିଛି, ସେଥିରେ କିଛି ସଂଶୋଧନ କରିବା ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ ସଂସଦରେ ବିଲ୍ ଆଗତ କରାଯାଇଥିଲା, ଯାହା ଗୃହୀତ ହେଇସାରିଛି ଏବଂ ରାଷ୍ଟ୍ରପତି ଦସ୍ତଖତ କରିବା ପରେ ବହୁଶୀଘ୍ର ତାହା ଆଇନ୍‌ରେ କାର୍ଯ୍ୟକାରୀ ହେବ । ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ ଏହା କହିଛନ୍ତି । ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ବିରୋଧୀ ଓଡ଼ିଶାକୁ ମିଳୁଥିବା ଲାଭ ବିଷୟରେ ନ କହି ଓଡ଼ିଶାବାସୀଙ୍କୁ ବିଭ୍ରାନ୍ତକର ତଥ୍ୟ ଦେଉଛନ୍ତି। ୨୦୧୪ ମସିହାରେ କେନ୍ଦ୍ରରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଭାରତୀୟ ଜନତା ପାର୍ଟିର ସରକାର ଆସିବା ପୂର୍ବରୁ ଖଣି ଟିକସ ବାବଦରେ ଓଡ଼ିଶା ସରକାରଙ୍କୁ ପାଖାପାଖି ୫,୦୦୦ କୋଟି ଟଙ୍କା ମିଳୁଥିଲା । କିନ୍ତୁ ୨୦୧୫ରେ ଏମ୍‌ଏମ୍‌ଡିଆର୍ ଆଇନ୍ ସଂଶୋଧନ ହେବା ପରେ ଖଣି ନିଲାମ ଏବଂ ଅନ୍ୟାନ୍ୟ ସୂତ୍ରରୁ ଓଡ଼ିଶା ସରକାର ପାଖାପାଖି ୧୦ ଗୁଣା ଅର୍ଥାତ୍ ୫୦,୦୦୦ କୋଟି ଟଙ୍କା ରାଜସ୍ୱ ଆକାରରେ ପାଉଛନ୍ତି । ୨୦୧୪-୧୫ରେ ଯେତେବେଳେ ଏହି ଆଇନରେ ସଂଶୋଧନ ହୋଇଥିଲା, ସେତେବେଳେ ତତ୍କାଳୀନ ଓଡ଼ିଶା ସରକାର ଏହାକୁ ଘୋର ବିରୋଧ କରିଥିଲେ । ଓଡ଼ିଶାର କ୍ଷତି ହେଇଯିବ ବୋଲି ପ୍ରଚାର କରିଥିଲେ । କିନ୍ତୁ ଫଳ ଓଡ଼ିଶା ସପକ୍ଷରେ ଗଲା । ଅପରପକ୍ଷେ ବିଜେଡି ସରକାର ଶାସନ ବ୍ୟବସ୍ଥାରେ ଥିବାବେଳେ ଓଡ଼ିଶାରେ ସବୁଠାରୁ ମହାଖଣି ଦୁର୍ନୀତି ହେଇଥିଲା । ଆଉ ଆଜି କ'ଣ ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଭଦ୍ରଲୋକି ଦେଖେଇ ହେଉଛନ୍ତି ? ଶାହା କମିଶନର ରିପୋର୍ଟ ଅନୁଯାୟୀ ଖଣି ଦୁର୍ନୀତି ଯୋଗୁଁ ଓଡ଼ିଶା ଯେଉଁ ବ୍ୟାପକ କ୍ଷତିଗ୍ରସ୍ତ ହେଲା ସେଥିପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ ନେତୃତ୍ୱାଧୀନ ସରକାର କ'ଣ କରିଛନ୍ତି ତାର ଉତ୍ତର ଦିଅନ୍ତୁ ?

ରବିବାର, ୨୩.୦୮.୨୬, ଭୁବନେଶ୍ୱର

ନବପ୍ରଭାତ

ଦିନଲିପି ପୃଷ୍ଠା-୨

# ଆତ୍ମୋତ୍ସର୍ଗର ତାତ୍ପର୍ଯ୍ୟ




ମରୁତ ଦେବ ମିତ୍ରଙ୍କ ପାଇଁ ଆତ୍ମୋତ୍ସର୍ଗ କରିବାରେ ତତ୍ପର ଥାଆନ୍ତି ତଥା ମିତ୍ରପ୍ରବଣ ଅଟନ୍ତି। ସେହିପରି ବିଶ୍ୱଦେବ ଦାନଶୀଳ ତଥା ପ୍ରକାଶିତ କରିବାବାଲା ଅଟନ୍ତି। ଇନ୍ଦ୍ରଦେବ ଐଶ୍ୱର୍ଯ୍ୟଶାଳୀ ଏବଂ ଦେବତାଙ୍କ ଅଧିପତି ଅଟନ୍ତି। ସେହିପରି ବୃହସ୍ପତି ବିରାଟ ବିଚାରର ଅଧିପତି ଏବଂ ବିତରକ ଅଟନ୍ତି। ବରୁଣ ଦେବ ଶୁଭ ତଥା ସତ୍ୟ ଗ୍ରହଣ କରି ଅସତ୍ୟ, ଅଶୁଭକୁ ତ୍ୟାଗ କରିବା ସହ ଅନ୍ୟମାନଙ୍କୁ ଏହି ବ୍ୟବହାର କରାଇଥାନ୍ତି। ଅଗ୍ନିଦେବତା, ସୂର୍ଯ୍ୟ ଦେବତା, ଚନ୍ଦ୍ରମା ଦେବତା, ବସବୋ ଦେବତା, ରୁଦ୍ର ଦେବତା, ଆଦିତ୍ୟ ଦେବତା, ମରୁତ ଦେବତା, ବିଶ୍ୱେଦେବା ଦେବତା, ବୃହସ୍ପତି ଦେବତା, ବରୁଣ ଦେବତା। ଅଗ୍ନିଦେବ ନିଜେ ଅଗ୍ରସର ହୋଇ ଅନ୍ୟକୁ ମଧ୍ୟ ଅଗ୍ରସର କରାଇଥାନ୍ତି । ସୂର୍ଯ୍ୟ ଦେବତା ଉତ୍ପାଦନ କରିବାବାଲା ଅଟନ୍ତି ତଥା ଉତ୍ପାଦନ ପାଇଁ ସମସ୍ତଙ୍କୁ ପ୍ରେରଣା ଦେଇଥାନ୍ତି। ଚନ୍ଦ୍ର ଦେବତାଙ୍କ ଆହ୍ଲାଦମୟ ଅଟନ୍ତି ଏବଂ ଅନ୍ୟକୁ ଆହ୍ଲାଦ ବିତରଣ କରିଥାନ୍ତି । ସେହିପରି ବାସବ ଦେବତା ସର୍ବଦା ସ୍ଥିରତା ଅବଲମ୍ବନ କରିଥାନ୍ତି। ରୁଦ୍ର ଦେବତା ଉପଦେଶ, ସୁଖ, କର୍ମାନୁସାରେ ଦଣ୍ଡ ପ୍ରଦାନ କରି କନ୍ଦାଇଥାନ୍ତି।

## ଚାଣକ୍ୟ ନୀତି

# ଶତ୍ରୁଠାରୁ ମଧ୍ୟ ଅଧିକ ବିପଜ୍ଜନକ ହୋଇଥାନ୍ତି ଏପରି ବନ୍ଧୁ

ଏହାର ଅର୍ଥ ନୁହେଁ ଯେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସନ୍ଦେହ କରିବା ଉଚିତ। ଚାଣକ୍ୟଙ୍କ ଶିକ୍ଷା ହେଉଛି ବିଶ୍ୱାସ କରନ୍ତୁ, କିନ୍ତୁ ପରଖିବା ପରେ । ସତ ବନ୍ଧୁ ସିଏ, ଯିଏ ଆପଣଙ୍କ ସଫଳତାରେ ଖୁସି ହୁଏ, ଆପଣଙ୍କ ଭୁଲ୍‌ରେ ବୁଝାଏ ଏବଂ କଷ୍ଟ ସମୟରେ କୌଣସି ସ୍ୱାର୍ଥ ବିନା ଆପଣଙ୍କ ସହ ଠିଆ ହୁଏ । ତେଣୁ ଲୋକଙ୍କ କଥା ଅପେକ୍ଷା ତାଙ୍କ କାମ ଓ ବ୍ୟବହାରକୁ ଦେଖନ୍ତୁ । ସମୟ ପ୍ରତ୍ୟେକ ମୁହଁର ପ୍ରକୃତ ମୁଖା ଖୋଲିଦିଏ । ନିଜର ଯୋଜନାକୁ ଭାବି ଚିନ୍ତି ଅନ୍ୟମାନଙ୍କ ସହ ଆଲୋଚନା କରନ୍ତୁ ଏବଂ ନିଜର ଦୁର୍ବଳତାକୁ ସମସ୍ତଙ୍କ ସାମ୍ନାରେ ପ୍ରକାଶ କରନ୍ତୁ ନାହିଁ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ନିଜ ଉପରେ ବିଶ୍ୱାସ କରିବା ଶିଖନ୍ତୁ ।



ଆପଣଙ୍କ ସହ ଯିଏ ହସେ, ସେ ସତରେ କ'ଣ ଆପଣଙ୍କ ଖୁସିରେ ଖୁସି ହୁଏ ? ଅନେକ ସମୟରେ ସବୁଠାରୁ ବଡ଼ ଧୋକା କୌଣସି ଶତ୍ରୁଠାରୁ ନୁହେଁ, ବରଂ ଯାହାକୁ ଆମେ ନିଜ ବନ୍ଧୁ ଭାବୁଥାଉ, ସେହି ବ୍ୟକ୍ତିଠାରୁ ମିଳେ । ଚାଣକ୍ୟ ନୀତିରେ କୁହାଯାଇଛି, ଯିଏ ପଛରେ ଆପଣଙ୍କ କାମ ବିଗାଡ଼େ ଏବଂ ସାମ୍ନାରେ ମିଠା କଥା କୁହେ, ତା'ଠାରୁ ସାବଧାନ ରହିବା ଉଚିତ। ଏପରି ବନ୍ଧୁ ବାହାରୁ କ୍ଷୀର ପରି ଦେଖାଯାଇପାରନ୍ତି, କିନ୍ତୁ ଭିତରେ ବିଷ ଲୁଚିଥାଇପାରେ । ଆବଶ୍ୟକତାଠାରୁ ଅଧିକ ପ୍ରଶଂସା । ଚାଣକ୍ୟ ନୀତି ଅନୁସାରେ, ଯିଏ ପ୍ରତ୍ୟେକ କଥାରେ ଆପଣଙ୍କ ସହ ହଁରେ ହଁ ମିଳାଏ ଏବଂ କେବେ ଆପଣଙ୍କ ଭୁଲ୍ ଦେଖାଏ ନାହିଁ, ତା'ଠାରୁ ସାବଧାନ ରୁହନ୍ତୁ । ସତ ବନ୍ଧୁ ପ୍ରଶଂସା କରିବା ସହ ଆପଣଙ୍କ ଭୁଲ୍ ପାଇଁ ମଧ୍ୟ ସତର୍କ କରେ । ଯିଏ ଅନ୍ୟମାନଙ୍କ ସାମ୍ନାରେ ଅନ୍ୟ କାହାର ଦୁର୍ବଳତା ଓ ଗୁପ୍ତ କଥା ପ୍ରକାଶ କରେ, ସେ ଆପଣଙ୍କ କଥା ମଧ୍ୟ ଅନ୍ୟମାନଙ୍କ ପାଖରେ ପହଞ୍ଚାଇପାରେ ।

**ଆପଣଙ୍କ ସଫଳତାକୁ ନେଇ ଈର୍ଷା:** କଷ୍ଟ ସମୟରେ ସାଥ୍ ଦେବା ସହଜ, କିନ୍ତୁ ଆପଣଙ୍କ ଉନ୍ନତି ଦେଖି ହୃଦୟରୁ ଖୁସି ହେବା ହେଉଛି ପ୍ରକୃତ ବନ୍ଧୁତ୍ୱର ପରିଚୟ । ଯଦି ଆପଣଙ୍କ ସଫଳତାରେ ତାଙ୍କ ମୁହଁର ଖୁସି ଗାଏବ ହୋଇଯାଏ, ତେବେ ସମ୍ପର୍କକୁ ବୁଝିବା ଆବଶ୍ୟକ ।

**ପ୍ରତ୍ୟେକ କଥାରେ ଆପଣଙ୍କୁ ରୋକିବା:** ଯଦି କୌଣସି ବନ୍ଧୁ ଆପଣଙ୍କ ପ୍ରତ୍ୟେକ ନୂଆ ପ୍ରୟାସକୁ ତୁମ ଦ୍ୱାରା ହେବ ନାହିଁ କହି ରୋକେ, ତେବେ ତାଙ୍କ ପରାମର୍ଶକୁ ଆଖି ବନ୍ଦ କରି ବିଶ୍ୱାସ କରନ୍ତୁ ନାହିଁ । ପରାମର୍ଶ ଓ ନିରୁତ୍ସାହିତ କରିବା ମଧ୍ୟରେ ଥିବା ତଫାତ ବୁଝନ୍ତୁ।

**କେବଳ ସ୍ୱାର୍ଥ ସମୟରେ ମନେ ପକାଇବା:** ଚାଣକ୍ୟ ନୀତି ଅନୁସାରେ, ଯିଏ ଆପଣଙ୍କ ଆବଶ୍ୟକତା ସମୟରେ ଗାଏବ ହୋଇଯାଏ ଏବଂ ନିଜର କାମ ପଡ଼ିଲେ ପୁଣି ଫେରିଆସେ, ସେ ବନ୍ଧୁ କମ୍ ଓ ସ୍ୱାର୍ଥପର ଅଧିକ ହୋଇପାରେ।

**ଆପଣଙ୍କ ଗୁପ୍ତ କଥାକୁ ଅସ୍ତ୍ର କରିବା:** ନିଜର ଦୁର୍ବଳତା ଓ ବ୍ୟକ୍ତିଗତ କଥା ପ୍ରତ୍ୟେକଙ୍କ ସହ ଆଲୋଚନା କରନ୍ତୁ ନାହିଁ । ସମୟ ସହ ସମ୍ପର୍କ ବଦଳିପାରେ ଏବଂ ଆପଣ କହିଥିବା କଥା ଆପଣଙ୍କ ବିରୋଧରେ ବ୍ୟବହାର ହୋଇପାରେ ।

**ବ୍ୟବହାରରେ ପରିବର୍ତ୍ତନ:** ଯେପର୍ଯ୍ୟନ୍ତ ଆପଣ ତାଙ୍କଠାରୁ ତଳେ ଥାଆନ୍ତି, ସେ ଆପଣଙ୍କ ସାଥ୍ ଦିଅନ୍ତି । କିନ୍ତୁ ଯେତେବେଳେ ଆପଣ ଆଗକୁ ବଢ଼ିବାକୁ ଲାଗନ୍ତି, ତାଙ୍କ ବ୍ୟବହାର ବଦଳିଯାଏ, ତେବେ ଏପରି ଲୋକଙ୍କଠାରୁ ସାବଧାନ ରୁହନ୍ତୁ ।

**ଚାଣକ୍ୟ ନୀତିର ଶିକ୍ଷା:** ଏହାର ଅର୍ଥ ନୁହେଁ ଯେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସନ୍ଦେହ କରିବା ଉଚିତ। ଚାଣକ୍ୟଙ୍କ ଶିକ୍ଷା ହେଉଛି ବିଶ୍ୱାସ କରନ୍ତୁ, କିନ୍ତୁ ପରଖିବା ପରେ । ସତ ବନ୍ଧୁ ସିଏ, ଯିଏ ଆପଣଙ୍କ ସଫଳତାରେ ଖୁସି ହୁଏ, ଆପଣଙ୍କ ଭୁଲ୍‌ରେ ବୁଝାଏ ଏବଂ କଷ୍ଟ ସମୟରେ କୌଣସି ସ୍ୱାର୍ଥ ବିନା ଆପଣଙ୍କ ସହ ଠିଆ ହୁଏ । ତେଣୁ ଲୋକଙ୍କ କଥା ଅପେକ୍ଷା ତାଙ୍କ କାମ ଓ ବ୍ୟବହାରକୁ ଦେଖନ୍ତୁ । ସମୟ ପ୍ରତ୍ୟେକ ମୁହଁର ପ୍ରକୃତ ମୁଖା ଖୋଲିଦିଏ । ନିଜର ଯୋଜନାକୁ ଭାବି ଚିନ୍ତି ଅନ୍ୟମାନଙ୍କ ସହ ଆଲୋଚନା କରନ୍ତୁ ଏବଂ ନିଜର ଦୁର୍ବଳତାକୁ ସମସ୍ତଙ୍କ ସାମ୍ନାରେ ପ୍ରକାଶ କରନ୍ତୁ ନାହିଁ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ନିଜ ଉପରେ ବିଶ୍ୱାସ କରିବା ଶିଖନ୍ତୁ।

## ହୃଦ୍‌ଘାତର ସତର୍କ ସୂଚନା


# ଅଣଦେଖା କରିବା ଅନୁଚିତ୍

## ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ, ହୃଦ୍‌ରୋଗ ବିଶ୍ୱରେ ମୃତ୍ୟୁର ପ୍ରମୁଖ କାରଣ

ହୃଦ୍‌ଘାତ ପ୍ରତିବର୍ଷ ପ୍ରାୟ ୧୭.୯ ନିୟୁତରୁ ୧୯.୮ ନିୟୁତ ଜୀବନ ନେଇଥାଏ । ହୃଦ୍‌ଘାତ ସେତେବେଳେ ହୁଏ, ଯେତେବେଳେ ହୃତ୍‌ପିଣ୍ଡ ବା ହୃଦୟକୁ ରକ୍ତ ଏବଂ ଅମ୍ଳଜାନ ପଠାଉଥିବା ଏକ ଧମନୀ ଅବରୋଧିତ ହୋଇଯାଏ । ସମୟ ସହିତ ଚର୍ବି, କୋଲେଷ୍ଟ୍ରଲ୍ ଜମା ହୋଇ ହୃଦୟର ଧମନୀରେ ପ୍ଲାକ୍ ସୃଷ୍ଟି ହୁଏ। ଯଦି ଏକ ପ୍ଲାକ୍ ଫାଟିଯାଏ, ତେବେ ଏକ ରକ୍ତ ଜମାଟ ତିଆରି ହୋଇ ଧମନୀକୁ ଅବରୋଧ କରିପାରେ, ଯାହା ହୃଦ୍‌ଘାତ ସୃଷ୍ଟି କରେ । ରକ୍ତ ପ୍ରବାହର ଅଭାବ ହୃଦ୍‌ଘାତ ମାଂସପେଶୀର ଏକ ଅଂଶକୁ କ୍ଷତି କିମ୍ବା ନଷ୍ଟ କରିପାରେ । ହୃଦ୍‌ଘାତକୁ ମାୟୋକାର୍ଡିଆଲ୍ ଇନଫାର୍କ୍ସନ୍ ମଧ୍ୟ କୁହାଯାଏ । ଛାତିରେ ଚାପଅନୁଭବ ହେବା, ଝାଳ ନିର୍ଗତ କିମ୍ବା ହାତ ଯନ୍ତ୍ରଣା ଭଳି ସତର୍କତା ସଙ୍କେତ ( ୧୦ ରୁ୧୫ ମିନିଟରୁ ଅଧିକ ସମୟ ପାଇଁ ) ତୁରନ୍ତ ଜରୁରୀକାଳୀନ ଚିକିତ୍ସା ଆବଶ୍ୟକ କରେ । ଶୀଘ୍ର ଚିକିତ୍ସା ସ୍ଥାୟୀ ହୃଦ୍‌ଘାତକୁ ରୋକିଥାଏ ଏବଂ ଜୀବନ ବଞ୍ଚାଏ । ଅନେକ ଲୋକ, ବିଶେଷକରି ମହିଳା ଏବଂ



ମଧୁମେହ ରୋଗୀ ହୃଦ୍‌ଘାତର ଲକ୍ଷଣଗୁଡ଼ିକୁ ଅବହେଳା କରି ଗୁରୁତ୍ୱପୂର୍ଣ୍ଣ ଚିକିତ୍ସାରେ ବିଳମ୍ବ କରନ୍ତି । ସମୟ ହେଉଛି ମାଂସପେଶୀ - ଆପଣ ଯେତେ ଶୀଘ୍ର ଚିକିତ୍ସା ପାଇବେ, ଆପଣ ସେତେ ଅଧିକ ହୃଦୟ ମାଂସପେଶୀ ବଞ୍ଚାଇପାରିବେ । ଲକ୍ଷଣଗୁଡ଼ିକର ପ୍ରାରମ୍ଭିକ ଚିହ୍ନଟ ଜୀବନ ବଞ୍ଚାଇପାରେ । ହୃଦ୍‌ଘାତର ଲକ୍ଷଣ ଭିନ୍ନ ଭିନ୍ନ ହୋଇଥାଏ । କିଛି ଲୋକଙ୍କର ସାମାନ୍ୟ ଲକ୍ଷଣ, ଅନ୍ୟମାନଙ୍କର ଗୁରୁତର ଲକ୍ଷଣ ତଥା କିଛି ଲୋକଙ୍କର କୌଣସି ଲକ୍ଷଣ ନ ଥାଏ । ପ୍ରମୁଖ ସତର୍କତା ସଙ୍କେତଗୁଡ଼ିକୁ ଅଣଦେଖା କରିବା ଉଚିତ ନୁହେଁ: ଛାତି ଯନ୍ତ୍ରଣା କିମ୍ବା ଅଶ୍ୱସ୍ତି , ଛାତିରେ ଚାପ ଅନୁଭବ, ଛାତିର ମଝି ଭାଗରେ ଭାରୀ ଲାଗିବା, ବଦହଜମୀ, ଛାତିର ଜଳାପୋଡ଼ା । ଏହା ଆସିପାରେ ଏବଂ ଚାଲିଯାଇପାରେ କିମ୍ବା କିଛି ମିନିଟ୍ ପର୍ଯ୍ୟନ୍ତ ରହିପାରେ । ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ- ବିଶ୍ରାମ ସମୟରେ କିମ୍ବା ହାଲୁକା କାମ କଲେ ମଧ୍ୟ ଶ୍ୱାସ ନେବାରେ କଷ୍ଟ । ବେଦନା ଶରୀରର ଅନ୍ୟ ଅଂଶକୁ ପ୍ରସାରିତ ହେବା - ଏହା ଛାତିରୁ ଆରମ୍ଭ ହୋଇ ବାମ ହାତକୁ ବିକିରଣ କରେ (କିନ୍ତୁ ଡାହାଣ ହାତ କିମ୍ବା ଉଭୟକୁ ପ୍ରଭାବିତ କରିପାରେ), ହନୁହାଡ, କାନ୍ଧ, ବାହୁ, ବେକ , ପିଠି କିମ୍ବା ପେଟକୁ ବିକିରଣ କରେ । ଛାତି ଅଶ୍ୱସ୍ତି ବିନା ହନୁହାଡ କିମ୍ବା ବେକ ଯନ୍ତ୍ରଣା ବି ହୃଦ୍‌ଘାତର ସଙ୍କେତ ଦେଇପାରେ, ବିଶେଷକରି ମହିଳାମାନଙ୍କ କ୍ଷେତ୍ରରେ । ଅସ୍ୱଷ୍ଟ ଥକ୍କାପଣ: ଅତ୍ୟଧିକ କ୍ଳାନ୍ତି ତଥା ବିଶେଷକରି ମହିଳାମାନଙ୍କ ମଧ୍ୟରେ ହାଲୁକା କାର୍ଯ୍ୟକଳାପରେ ଥକ୍କାପଣ ଅନୁଭବ । ଥଣ୍ଡା ଝାଳ ବାହାରିବା , ବାନ୍ତି ଲାଗିବା, ବଦହଜମୀ , ଅସୁସ୍ଥ ଅନୁଭବ କରିବା, ଜଳାପୋଡ଼ା, ଉପର ପେଟରେ ଅଶ୍ୱସ୍ତି କିମ୍ବା ହଠାତ୍ ପେଟ ସମସ୍ୟା ଇତ୍ୟାଦି । ମୁଣ୍ଡ ବୁଲାଇବା , ହଠାତ୍ ଭାରସାମ୍ୟ ହରାଇବା କିମ୍ବା ପ୍ରାୟ ଚେତାଶୂନ୍ୟ ହେବା ମସ୍ତିଷ୍କକୁ ରକ୍ତ ପ୍ରବାହ କମ୍ ହୋଇପାରେ । ଛାତିରେ ଯନ୍ତ୍ରଣା ନ ଥାଇ ଏହା ନୀରବ ହୃଦ୍‌ଘାତରେ ହୁଏ । ଅନିୟମିତ ହୃଦ୍‌ସ୍ପନ୍ଦନ: ହଠାତ୍ ଧଡ଼ଧଡ଼, ଏହା ହୃଦସ୍ପନ୍ଦନକୁ ପ୍ରଭାବିତ କରୁଥିବା ଅବରୋଧକୁ ସୂଚାଇପାରେ । ଯଦି ଆପଣ ଏହି ଲକ୍ଷଣଗୁଡ଼ିକ ଅନୁଭବ କରନ୍ତି ତେବେ କ'ଣ କରିବେ: ସମସ୍ତ କାର୍ଯ୍ୟକଳାପ ବନ୍ଦ କରନ୍ତୁ, ଶାନ୍ତ ରୁହନ୍ତୁ ଏବଂ ବସିଯାଆନ୍ତୁ - ଭୟଭୀତ ହୁଅନ୍ତୁ ନାହିଁ ଏବଂ ପୋଷାକ ଢିଲା କରିଦିଅନ୍ତୁ । ଏକ ଭଲ ବାୟୁ ଚଳାଚଳ କରୁଥିବା କୋଠରୀରେ ବିଶ୍ରାମ ନିଅନ୍ତୁ । ଅପେକ୍ଷା କରନ୍ତୁ ନାହିଁ ! ତୁରନ୍ତ ଜରୁରୀକାଳୀନ ସେବାକୁ କଲ୍ କରନ୍ତୁ - ପ୍ରତ୍ୟେକ ମିନିଟ୍ ଗୁରୁତ୍ୱପୂର୍ଣ୍ଣ ଅଟେ । ରକ୍ତ ଜମାଟ ବାନ୍ଧିବାକୁ ରୋକିବାରେ ସାହାଯ୍ୟ କରିବା ପାଇଁ ଏକ ଆସ୍ପିରିନ୍ ଟାବଲେଟ୍ (୩୦୦-୩୨୫ ମିଗ୍ରା )- ( ଯଦି ଆସ୍ପିରିନ୍ ପ୍ରତି ଆଲର୍ଜିକ୍ ବା କୌଣସି ସକ୍ରିୟ ରକ୍ତସ୍ରାବ ଜନିତ ରୋଗ ନ ଥାଏ ) ଚୋବାଇ ଦିଅନ୍ତୁ, ନଚେତ୍ ପାଣିରେ ଗୋଳାଇ ପିଇ ଦିଅନ୍ତୁ । ଟାବଲେଟ୍ ଚୋବାଇବା ଦ୍ୱାରା, ଔଷଧ ସମ୍ପୂର୍ଣ୍ଣ ଗିଳିବା ଅପେକ୍ଷା ରକ୍ତପ୍ରବାହରେ ଶୀଘ୍ର ପ୍ରବେଶ କରେ। ନାଇଟ୍ରୋଗ୍ଲିସେରିନ୍ ଟାବଲେଟ୍ ଡାକ୍ତରଙ୍କ ନିର୍ଦ୍ଦେଶ ଅନୁସାରେ ନେବା ଉଚିତ୍ । ଅନ୍ୟ କାହାର ନାଇଟ୍ରୋଗ୍ଲିସେରିନ୍ ଟାବଲେଟ୍ ବ୍ୟବହାର କରନ୍ତୁ ନାହିଁ । ନିଜେ ଗାଡି ଚାଳନା କରିବାରୁ ନିବୃତ୍ତ ରୁହନ୍ତୁ । କିଏ ଅଧିକ ବିପଦରେ ରହନ୍ତି:କମ୍ ସକ୍ରିୟ ଜୀବନଶୈଳୀ ବ୍ୟକ୍ତି, ଅସ୍ୱାସ୍ଥ୍ୟକର ଖାଦ୍ୟାଭ୍ୟାସ, ଧୂମପାନ, ତମାଖୁ,ମଦ୍ୟପାନ, ମଧୁମେହ ରୋଗୀ, ଉଚ୍ଚ ରକ୍ତଚାପ, ଉଚ୍ଚ କୋଲେଷ୍ଟ୍ରଲ୍, ମେଦବହୁଳତା,ହୃଦ୍‌ଘାତର ପାରିବାରିକ ଇତିହାସ, ମାନସିକ ଚାପ ଏବଂ ନିଶାଦ୍ରବ୍ୟ ଅପବ୍ୟବହାର,ବାୟୁ ପ୍ରଦୂଷଣ ଭଳି ପରିବେଶଗତ କାରଣ । ମହିଳାମାନେ ଥକ୍କାପଣ, ବାନ୍ତି ଏବଂ ପିଠି ଯନ୍ତ୍ରଣା ଭଳି ଅସାଧାରଣ ଲକ୍ଷଣ ଅନୁଭବ କରନ୍ତି । ବୟସ ବଢ଼ିବା ସହିତ ବିପଦ ବଢିପାରେ , ବିଶେଷ କରି ପୁରୁଷମାନେ ୪୫ ବର୍ଷ ପରେ ଏବଂ ମହିଳା ମାନେ ୫୫ବର୍ଷ ପରେ । ପ୍ରତିରୋଧ ମୂଳକ ପରାମର୍ଶ:ଆପଣଙ୍କର ରକ୍ତଚାପ, ରକ୍ତ ଶର୍କରା, ଶରୀରର ଓଜନ, ଏବଂ ରକ୍ତକୋଲେଷ୍ଟ୍ରଲ୍




ସର୍ବଦା ନିୟନ୍ତ୍ରଣରେ ରଖନ୍ତୁ । ସୁସ୍ଥ ଓଜନ ବଜାୟ ରଖନ୍ତୁ । ଧୂମପାନ, ତମାଖୁ ଏବଂ ମଦ୍ୟପାନ ପରିହାର କରନ୍ତୁ । ପରୋକ୍ଷ ଧୂମପାନ ଠାରୁଦୂରେଇ ରୁହନ୍ତୁ ।ନିୟମିତ ବ୍ୟାୟାମ (୩୦-୪୫ ମିନିଟ୍ ଚାଲିବା) କରନ୍ତୁ । ଅତ୍ୟଧିକ ଚର୍ବି , ଶର୍କରା ଜାତୀୟ ତଥା ଅଧିକ ଲୁଣଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ । ହୃଦୟ-ସୁସ୍ଥ ଖାଦ୍ୟ ଖାଆନ୍ତୁ, ଯାହା ସମ୍ପୂର୍ଣ୍ଣ ଶସ୍ୟ, ପନିପରିବା ଏବଂ ଫଳରେ ଭରପୂର । ନିୟମିତ ହୃଦୟ ତଥା ସ୍ୱାସ୍ଥ୍ୟ ପରୀକ୍ଷା କରାନ୍ତୁ, ବିଶେଷ କରି ପରିବାରରେ ହୃଦ୍ ରୋଗର ଇତିହାସ ଥିଲେ ।ମାନସିକ କିମ୍ବା ଶାରୀରିକ ଭାବରେ ବିଚଳିତ କିମ୍ବା ଚାପଗ୍ରସ୍ତ ହୁଅନ୍ତୁ ନାହିଁ । ଯୋଗ, ଧ୍ୟାନ ଏବଂ ସୁସ୍ଥ ଅଭ୍ୟାସ ସହିତ ମାନସିକ ଚାପ ପରିଚାଳନା କରନ୍ତୁ ।ରାତିରେ ହାରାହାରି ୭-୯ ଘଣ୍ଟା ଶୋଇବା ଉଚିତ। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ନିର୍ଦ୍ଧାରିତ ସମୟ ଅନୁସାରେ ଆପଣଙ୍କର ଔଷଧ ସେବନ କରନ୍ତୁ ଏବଂ ନିଜ ଇଚ୍ଛାରେ ବନ୍ଦ କରନ୍ତୁ ନାହିଁ । ପ୍ରଥମ ୧ ଘଣ୍ଟା ମଧ୍ୟରେ ଅଧିକାଂଶ ହୃଦ୍‌ଘାତ ମୃତ୍ୟୁ ଘଟିଥାଏ । ଯଦି କାହାକୁ ଛାତିରେ ଯନ୍ତ୍ରଣା + ଝାଳ ନିର୍ଗତ + ପ୍ରଶ୍ୱାସ ନେବାରେ ଅସୁବିଧା ହୁଏ, ତେବେ ଏହାକୁ ଜରୁରୀକାଳୀନ ଭାବରେ ଚିକିତ୍ସା କରନ୍ତୁ । ଲକ୍ଷଣ ନିଜେ ଭଲ ହୋଇଯିବ ବୋଲି ଅପେକ୍ଷା କରନ୍ତୁ ନାହିଁ । ଆପଣଙ୍କ ଶରୀରର ସତର୍କ ସୂଚନାକୁ ଅଣଦେଖା କରନ୍ତୁ ନାହିଁ। କିଛି ମିନିଟ୍‌ର କାର୍ଯ୍ୟ ଏକ ଜୀବନ ବଞ୍ଚାଇପାରେ ।-

**ଡା:ଅଶୋକ କୁମାର ମହାନ୍ତି,ମାଟିମଣ୍ଡପ ସାହି, ପୁରୀ ଟାଉନ, ମୋ:୯୨୩୪୬ ୬୭୫୪୬**

# କୋକେଇରେ ବାଉଁଶ ବିଧି

କୌଣସି ଧାର୍ମିକ ବିଧିବିଧାନ ହେଉ ଅଥବା ସଂସ୍କାରରେ ବାଉଁଶ କେଉଁଠାରେ ବି ଜଳାଯାଏ ନାହିଁ। ଯଦିଓ ମଣିଷର ମୃତ୍ୟୁରେ ତାକୁ ବାଉଁଶ କୋକେଇରେ ନେବାର ବିଧି ରହିଛି ହେଲେ ହିନ୍ଦୁ ଧର୍ମରେ ଦାହ କାର୍ଯ୍ୟରେ କାଠ ବ୍ୟତୀତ ବାଉଁଶର ଉପଯୋଗ ସମ୍ପୂର୍ଣ୍ଣ ବର୍ଜିତ। ହଜାର ହଜାର ବର୍ଷର ଭାରତୀୟ ଧାର୍ମିକ ସଂସ୍କୃତିରେ ଥିବା ବିଧିବିଧାନରେ ବାଉଁଶକୁ ବର୍ଜିତ ରଖା ଯାଇଛି। ତେବେ କେବଳ ଧାର୍ମିକ କାର୍ଯ୍ୟ ଲାଗି ନା ଏହା ପଛରେ ଅନ୍ୟ ବୈଜ୍ଞାନିକ କାରଣ ରହିଛି ସେ ସମ୍ପର୍କରେ ଆସନ୍ତୁ ଜାଣିବା। ବାଉଁଶକୁ ଭାରତୀୟ ଧର୍ମ ଶାସ୍ତ୍ରରେ ଜଳେଇବା ନିଷେଧ। ହୋମ ହେଉ କି ଯଜ୍ଞ ଏଥିରେ ବିଭିନ୍ନ କାଠର ଉପଯୋଗ ହୁଏ ହେଲେ ଶୁଖିଲା ଥିଲେ ବି ବାଉଁଶକୁ ଏ ସବୁ ଧାର୍ମିକ କାର୍ଯ୍ୟରେ ବ୍ୟବହାର କରାଯାଏନାହିଁ। ସେହିପରି ମଣିଷର ମୃତ୍ୟୁରେ ବାଉଁଶକୁ କୋକେଇ କରି ବୋହିନେବାର ବିଧି ରହିଛି। କିନ୍ତୁ ଶ୍ମଶାନରେ କାଠ ବ୍ୟତୀତ ଶବ ପୋଡିବାରେ ବାଉଁଶକୁ କେବେବି ବ୍ୟବହାର କରନ୍ତିନାହିଁ। ହିନ୍ଦୁ ଧାର୍ମିକ ନିୟମରେ ବାଉଁଶ ଜଳାଇଲେ ଲୋକଙ୍କୁ ପିତୃ ଦୋଷ ଲାଗିଥାଏ ବୋଲି ମାନ୍ୟତା ରହିଛି। ଏଣୁ ଲୋକେ ଦୋଷ ଲାଗିବା ଭୟରେ ବାଉଁଶ ଜଳାନ୍ତି ନାହିଁ। ତେବେ ଏହାର ବୈଜ୍ଞାନିକ କାରଣ ବି ରହିଛି। ତାହା ହେଉଛି ବାଉଁଶରେ ଉପସ୍ଥିତ ଥିବା ଲିଡ୍। ବାଉଁଶ ଜଳିଲେ ସେଥିରୁ ଲିଡ୍ ଅକ୍ସାଇଡ ନିର୍ଗତ ହୁଏ। ଯାହା ନ୍ୟୁରୋଟିକ୍ସିକ ବୋଲି ବିଜ୍ଞାନ କୁହେ। ଧୂପ କାଠିରେ ବାଉଁଶ ବ୍ୟବହାର ହେଉଛି। ଏଣୁ ଭାରତୀୟ ଧାର୍ମିକ ବିଧିରେ କେଉଁଠାରେ ହେଲେ ପୂଜାରେ ଅଗରବତି ଉପଯୋଗର ନିୟମ ନାହିଁ । ଅଗରବତି ଜଳିଲେ ଏଥିରୁ ସୁଗନ୍ଧ ବିଚ୍ଛୁରିତ ହୁଏ। ହେଲେ ଏହା ସହ ଜଳୁଥିବା ବାଉଁଶ କାଠି ଶାରୀରିକ ସମସ୍ୟାର କାରଣ ପାଲଟିଥାଏ। ବାଉଁଶ ପୋଡା ବାସ୍ନା ନିଶ୍ୱାସରେ ଶରୀରକୁ ପହଞ୍ଚିଯାଏ। ଶରୀରରେ ଏହାର ଉପସ୍ଥିତି କ୍ୟାନସର ଅଥବା ମସ୍ତିଷ୍କାଘାତର କାରଣ ହୋଇପାରେ। ଭାରୀ ଧାତୁ ପୋଡିଲେ ଲିଡ୍ ଅକ୍ସାଇଡ ନିର୍ଗତ ହୁଏ । ତେବେ ବାଉଁଶରୁ ମଧ୍ୟ ସେତିକି ପରିମାଣରେ ଏହି ବିଷାକ୍ତ ବାଷ୍ପ ନିର୍ଗତ ହେଉଥିବାରୁ ଜାଳିବା ଲାଗି ବାଉଁଶ ବର୍ଜିତ କରାଯାଇଛି।



# ନାକରୁ ଆରମ୍ଭ ହୁଏ ଉତ୍ତେଜନା



ଛିଙ୍କ ଆସିବା ସ୍ୱାଭାବିକ, ଏହା ଯେକୌଣସି ସମୟରେ ହୋଇପାରେ। ଥଣ୍ଡା ଏବଂ ଫ୍ଲୁ ସମୟରେ ଛିଙ୍କିବା ଏକ ସାଧାରଣ କଥା । ଛିଙ୍କ ଆସିବା ସ୍ୱାଭାବିକ, ଏହା ଯେକୌଣସି ସମୟରେ ହୋଇପାରେ। ଥଣ୍ଡା ଏବଂ ଫ୍ଲୁ ସମୟରେ ଛିଙ୍କିବା ଏକ ସାଧାରଣ କଥା । ଅନ୍ୟ ପଟେ, ଯଦି ଜଣେ ବ୍ୟକ୍ତି ବହୁତ ଥର ଛିଙ୍କନ୍ତି, ତେବେ ଏହା ଏକ ସମସ୍ୟା ହୋଇପାରେ । ଆୟୁର୍ବେଦରେ ଅତ୍ୟଧିକ ଛିଙ୍କିବା ଅନେକ ଗମ୍ଭୀର ରୋଗ ସହିତ ଜଡିତ ବୋଲି ସୂଚନା ମିଳିଛି । ଛିଙ୍କିବା ହେତୁ କୌଣସି ବ୍ୟକ୍ତିର ଗଳା ଏବଂ ନାକ ବହୁତ ପରିଷ୍କାର ରହିଥାଏ। ଏବଂ ଏହା ଯେକୌଣସି ବ୍ୟକ୍ତିଙ୍କୁ ଅନେକ ପ୍ରକାରର ଆଲର୍ଜିରୁ ରକ୍ଷା କରିଥାଏ । ଛିଙ୍କିବା ପୂର୍ବରୁ ଆମ ନାକରେ ପ୍ରତିକ୍ରିୟା ହେବା ଆରମ୍ଭ କରେ । ଯାହା ପରେ ଏହା ନାକ ଏବଂ ପାଟିରୁ ଏକ ସନ୍ତୋଷଜନକ ସ୍ଥିତିରେ ପରିଣତ ହୁଏ । ଯାହା ପରେ ଆମେ ବହୁତ ଆରାମଦାୟକ ଅନୁଭବ କରୁ । କିନ୍ତୁ ପ୍ରଶ୍ନ ଉଠେ ଆମେ କାହିଁକି ଛିଙ୍କି ଥାଉ ଆପଣ ନିଶ୍ଚୟ ଧ୍ୟାନ ଦେଇଥିବେ ଯେ ଛିଙ୍କିବା ପରେ ଆମେ ଏକ ଅଦ୍ଭୁତ ପ୍ରକାରର ଶାନ୍ତି ପାଇଥାଉ। ତେବେ କଣ ଆପଣଙ୍କ ମନରେ କେବେ ପ୍ରଶ୍ନ ଆସିଛି ଯେ ଛିଙ୍କ କାହିଁକି ହୁଏ । ଯଦି ମନରେଏହି ପ୍ରଶ୍ନ ଆସିଥାଏ ତାହେଲେ ଏଠାରେ ତାହାର ଉତ୍ତର । ବେଳେବେଳେ ଧୂଳି ଏବଂ ପାଉଡର ପରି କଣିକା ନାକ ଭିତରକୁ ଯାଏ। ଯେଉଁ କାରଣରୁ ନାକର ସ୍ନାୟୁରେ ଉତ୍ତେଜନା ଏବଂ ଅସନ୍ତୋଷ ଅନୁଭବ ହୁଏ । ଯାହା ପରେ ଏହାକୁ ବାହାର କରିବା ପାଇଁ ସ୍ନାୟୁ ଛିଙ୍କିଥାଏ । ବେଳେବେଳେ ଆଲର୍ଜି ହେତୁ ମଧ୍ୟ ଛିଙ୍କ ହୁଏ । ଯଦି ଆପଣ ନାକରେ ଅତର କିମ୍ବା ଅନ୍ୟ କୌଣସି ଧୂଳି ପ୍ରବେଶ କଲେ ତାହେଲେ ଛିଙ୍କ ହୋଇଥାଏ। ବେଳେବେଳେ ପ୍ରବଳ ଆଲୋକ ଯୋଗୁଁ ଆଖିର ରେଟିନା ଏବଂ ମସ୍ତିଷ୍କକୁ ଯାଉଥିବା ଅପ୍ଟିକ୍ ସ୍ନାୟୁ ସକ୍ରିୟ ହୋଇଯାଏ, ଯାହା ଶ୍ୱାସର କାରଣ ହୋଇଥାଏ । ଆଉ ଏହି ସମୟରେ ମଧ୍ୟ ଛିଙ୍କ ହୋଇଥାଏ । ନାକରେ ମ୍ୟୁକସ୍ ନାମକ ଏକ ପତଳା ଝୁଲା ଅଛି। ଯାହାର କୋଷ ଏବଂ ଟିସୁ ଅତ୍ୟନ୍ତ ସମ୍ବେଦନଶୀଳ । ଯେତେବେଳେ କୌଣସି ଧୂଳି କିମ୍ବା କଣିକା ଆସେ ଏବଂ ଏହି ଟିସୁ କିମ୍ବା କୋଷଗୁଡ଼ିକରେ ବାଡେଇ ହେଇଯାଏ, ସେତେବେଳେ ଛିଙ୍କ ହୁଏ । ଏହା କୌଣସି କଣିକା କିମ୍ବା ଧୂଳି ସଂସ୍ପର୍ଶରେ ଆସିବା ମାତ୍ରେ ନାକରୁ ଉତ୍ତେଜନା ଆରମ୍ଭ ହୁଏ ଏବଂ ସଙ୍ଗେ ସଙ୍ଗେ ମସ୍ତିଷ୍କକୁ ଏକ ବାର୍ତ୍ତା ଯାଏ । ତା'ପରେ ମସ୍ତିଷ୍କ ଏହି ଧୂଳି ଶୀଘ୍ର ବାହାର କରିବା ପାଇଁ ମାଂସପେଶୀକୁ ସଙ୍କେତ ଦେଇଥାଏ। ଯାହା ପରେ ଛିଙ୍କ ଆସେ । ଛିଙ୍କିବାର ଅନ୍ୟ ଅନେକ କାରଣ ସବୁ ଜାଣନ୍ତୁ ଯେତେବେଳେ ପାଗ ପରିବର୍ତ୍ତନ ହୁଏ ସାଧାରଣତଃ ଛିଙ୍କ ଆରମ୍ଭ ହେଇଯାଏ । ଯଦି ଆପଣ ଶଯ୍ୟା କିମ୍ବା ତକିଆ କିମ୍ବା ଟେବୁଲ୍ ସଫା କରିନାହାନ୍ତି ଏବଂ ଯଦି ଏହା ଉପରେ ଦୀର୍ଘ ସମୟ ଧରି ଧୂଳି ଜମା ହୋଇଯାଏ, ତେବେ ଏହା ଛିଙ୍କର କାରଣ ହୋଇପାରେ । ଦୀର୍ଘ ସମୟ ଏସିରେ ରହିବା ପରେ ଛିଙ୍କିବା ସାଧାରଣ କଥା , ଏହା ପାଇଁ ମଧ୍ୟ ଛିଙ୍କ ହୁଏ। ସାଇନସ୍ ରୋଗୀ ବହୁତ ଛିଙ୍କନ୍ତି। ନାକ ଭିତରେ ଏହାର ଏକ ଆବରଣ ଅଛି । ଯାହାକୁ ନାଜାଲ୍ ଲାଇନ୍ କୁହାଯାଏ । ସେଥିରେ ଅସୁବିଧା ଆରମ୍ଭ ହୁଏ । ଯାହା ପରେ ନାକରୁ ଧ୍ୱନି ବାହାରିଥାଏ । ଏବଂ ଏହା ଛିଙ୍କିବା ପାଇଁ ମଧ୍ୟ କାରଣ ହୋଇପାରେ ।ଛିଙ୍କ କେବେ ହେଲେ ରୋକିବା ଉଚିତ ନୁହେଁ। ରୁମାଲର ସହାୟତା ନେବା ଭଲ।





# ଗଣିଆରେ ମନରେଗା ଜନଶୁଣାଣି ପ୍ରହସନ !

## ଅଧିକାଂଶ ଜବ୍‌କାର୍ଡଧାରୀ ଅନ୍ଧାରରେ, ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ

ଗଣିଆ,(ନିପ୍ର): ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାକୁ ସ୍ୱଚ୍ଛ ଓ ଲୋକାଭିମୁଖୀ କରିବା ପାଇଁ ପ୍ରଶାସନ ପକ୍ଷରୁ କରାଯାଉଥିବା ସାମାଜିକ ସମୀକ୍ଷା ତଥା ଜନଶୁଣାଣି ଏବେ କେବଳ ଏକ ଔପଚାରିକତାରେ ସୀମିତ ରହିଛି। ଗଣିଆ ବ୍ଲକ ଅଞ୍ଚଳରେ ଚାଲିଥିବା ମନରେଗା ଜନଶୁଣାଣି ପ୍ରକ୍ରିୟା ଏବେ ସମ୍ପୂର୍ଣ୍ଣ ରୂପେ ଏକ ପ୍ରହସନ ପାଲଟିଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଅଭିଯୋଗ ଅନୁଯାୟୀ, ଜନଶୁଣାଣି ସମ୍ପର୍କରେ ପ୍ରକୃତ ହିତାଧିକାରୀ ତଥା ଜବ୍‌କାର୍ଡଧାରୀଙ୍କ ପାଖରେ କୌଣସି ସୂଚନା ପହଞ୍ଚା ଯାଉନାହିଁ। ଗ୍ରାମରେ ଡାକବାଜି ଯନ୍ତ୍ର କିମ୍ବା ଡିଣ୍ଡିମ ପିଟି ପ୍ରଚାର ପ୍ରସାର କରାଯିବାର ନିୟମ ଥିଲେ ସୁଦ୍ଧା ଅଧିକାରୀମାନେ ଏହାକୁ ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି। ଫଳରେ ଗ୍ରାମର ଅଧିକାଂଶ ଯୋଗ୍ୟ ଶ୍ରମିକ ଜନଶୁଣାଣି ସମ୍ପର୍କରେ କିଛି ଜାଣିପାରୁ ନାହାନ୍ତି। ପ୍ରଶାସନିକ ଖାମଖିଆଲି ମନୋଭାବ କାରଣରୁ ମାତ୍ର କିଛି ହାତଗଣତି ଲୋକଙ୍କୁ ଏକାଠି କରି କାଗଜପତ୍ରରେ ଜନଶୁଣାଣି ଶେଷ କରାଯାଉଛି। କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀମାନଙ୍କର ଜବ୍‌କାର୍ଡଧାରୀଙ୍କ ପ୍ରତି କୌଣସି ଆନ୍ତରିକତା ନ ଥିବା




ବେଳେ ଶ୍ରମିକମାନଙ୍କ ବାକିଆ ମଜୁରି, କାମ ଯୋଗାଣରେ ଅନିୟମିତତା ଏବଂ ଦୁର୍ନୀତି ସମ୍ପର୍କିତ ଅଭିଯୋଗକୁ ସମ୍ପୂର୍ଣ୍ଣ ଚାପି ଦିଆଯାଉଛି। ଗ୍ରାମସଭା ଓ ଜନଶୁଣାଣିରେ ସ୍ୱଚ୍ଛତା ରହୁ ନ ଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ଉଦ୍‌ବେଗ ପ୍ରକାଶ ପାଇଛି। ଯୋଜନାର ପ୍ରକୃତ ଉଦ୍ଦେଶ୍ୟ ସାଧନ ପାଇଁ ତୁରନ୍ତ ଉଚ୍ଚପଦସ୍ଥ ଅଧିକାରୀ ଏଥିରେ ହସ୍ତକ୍ଷେପ କରି ସମସ୍ତ ଜବ୍‌କାର୍ଡଧାରୀଙ୍କ ଉପସ୍ଥିତିରେ ସ୍ୱଚ୍ଛ ଜନଶୁଣାଣି କରିବାକୁ ସାଧାରଣରେ ଦାବି ହେଉଛି।

# ୧୬୫ ଭିନ୍ନକ୍ଷମ ହିତାଧିକାରୀ ଚିହ୍ନଟ

କଣ୍ଟିଲୋ,(ନି.ପ୍ର): ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆସନ୍ତା ୨୫ ତାରିଖରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜନ ନେଇ ଏକ ପ୍ରସ୍ତୁତି ବୈଠକ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅରୁଣ କୁମାର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡା ବିଡିଓ ଅଙ୍କୁର ଅଭିଳାଷ,ଏବିଡିଓ ଝାଡ଼େଶ୍ୱର ଦାଶଙ୍କ ସମେତ ବ୍ଲକ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ। ଭିନ୍ନକ୍ଷମ ସାମର୍ଥ୍ୟ ଶିବିରର ସୁଚାରୁରୂପେ ଆୟୋଜନ ନେଇ ଅଧିକାରୀମାନେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।ରାଜ୍ୟ ସରକାରଙ୍କ ଭିନ୍ନକ୍ଷମ ଅଧିକାର ଅଧିନିୟମ ୨୦୧୬ ଅନୁଯାୟୀ ଅନଲାଇନ ଜରିଆରେ ଆବେଦନ କରି ପ୍ରମାଣପତ୍ର ହାସଲ କରିବା ବାଧ୍ୟତାମୂଳକ କରାଯାଇଥିବା ବେଳେ ବ୍ଲକ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ପ୍ରାରମ୍ଭିକ ଭାବେ ଖଣ୍ଡପଡା ବ୍ଲକ ଅଧୀନ ୨୨ ଟି ପଞ୍ଚାୟତରୁ ୧୬୫ ଜଣ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ଆବେଦନପତ୍ର ଗ୍ରହଣ କରାଯାଇଥିବା ନେଇ ବିଭାଗୀୟ ଅଧିକାରୀ ସୂଚନା ପ୍ରଦାନ କରିଥିଲେ। ଏ ଅବସରରେ ସାଧାରଣରେ ସଚେତନତା ସୃଷ୍ଟି ନିମନ୍ତେ ଏକ ଗାଡି ଆସନ୍ତା ୨୧ ତାରିଖ ଶୁକ୍ରବାର ଠାରୁ ୪ ଦିନ ଧରି ପ୍ରତ୍ୟେକ ପଞ୍ଚାୟତ ପରିକ୍ରମା କରି ଜନସାଧାରଣଙ୍କୁ ଆୟୋଜିତ ଶିବିର ସଂପର୍କରେ ସଚେତନ କରିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

# ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା

ହିଞ୍ଜିଳିକାଟୁ,(ନି.ପ୍ର): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଥାନା ଗୌଡ ଗାଁ ନିବାସୀ ଗୋବିନ୍ଦ ମହାରଣାଙ୍କ ଅକାଳ ବିୟୋଗ ହୋଇଥିଲା। ଆର୍ଥିକ ଅନଟନ ଭିତରେ ସେ କୌଳିକ ବୃତ୍ତି ଆପଣେଇ ନିଜ ପରିବାରର ଗୁଜରାଣ ମେଣ୍ଟାଇ ଆସୁଥିଲେ। ତାଙ୍କ ବିୟୋଗ ପରେ ପରିବାର ପୂରା ଭାଙ୍ଗି ପଡ଼ିଛି। ସେ କୁଠାରି ବଂଶର ସଦସ୍ୟ ଥିଲେ। ଗଞ୍ଜାମ ଜିଲ୍ଲା କୁଠାରି ବଂଶ ସଭାପତି ସୀମାଞ୍ଚଳ ମହାରଣାଙ୍କ ନେତୃତ୍ୱରେ ସମ୍ପାଦକ ଅଜିତ କୁମାର ମହାରଣା, ସହ ସମ୍ପାଦକ ପ୍ରଦୀପ କୁମାର ମହାରଣା ଓ କୋଷାଧ୍ୟକ୍ଷ କାଳୁ ମହାରଣା ଗୌଡଗାଁରେ ପହଞ୍ଚି ଶୋକ ସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଥିଲେ। କର୍ମକର୍ତ୍ତାମାନେ କୁଠାରି ବଂଶ କଲ୍ୟାଣ ପାଣ୍ଠିରୁ ୫ ହଜାର ଟଙ୍କା ଓ କିଛି ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

# କୃଷି ଅଧିକାରୀଙ୍କ ନିମାପଡ଼ା ପରିଦର୍ଶନ

ନିମାପଡ଼ା,(ନି.ପ୍ର.): ରାଜ୍ୟ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ ଦ୍ୱାରା ୫୦ ଜଣ ନବ ନିଯୁକ୍ତ ସହକାରୀ କୃଷି ଅଧିକାରୀ ନିମାପଡ଼ା ବ୍ଲକ୍‌ର ବିଭିନ୍ନ ପରିଦର୍ଶନ ଓ ଅନୁସନ୍ଧାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୃଷି ଜିଲ୍ଲା ଅଧିକାରୀ ପୀୟୁଷ ପଲ୍ଲବ ପରିଡ଼ାଙ୍କ ତତ୍ତ୍ୱାବଧାନରେ ବ୍ଲକ୍ କୃଷି ଅଧିକାରୀ ପ୍ରିୟବ୍ରତ ପୃଷ୍ଟି, ସହକାରୀ କୃଷି ଅଧିକାରୀ ପ୍ରୀତିଶ ପଟ୍ଟନାୟକ ସମସ୍ତ ନବ ନିଯୁକ୍ତ ଅଧିକାରୀଙ୍କ କାର୍ଯ୍ୟକ୍ରମକୁ ସଫଳ ରୂପାୟନ ଦେଇଥିଲେ। ସାର କଳା ବଜାର ରୋକିବା, ମାନ ଯାଂଚ, ନମୁନା ସଂଗ୍ରହ, ପରୀକ୍ଷାଗାରକୁ ପଠାଇବା ସଂପର୍କରେ ବିବରଣୀ ସଂଗ୍ରହ କରିଥିବା ସୂଚନା ମିଳିଛି । ମୁଖ୍ୟମନ୍ତ୍ରୀଙ୍କ କୃଷି ଉଦ୍ୟୋଗ ଯୋଜନାରେ ନିର୍ମିତ ଗୋଦାମ ଘର ପରିଦର୍ଶନ ପରେ ବ୍ଲକ୍ କୃଷି କାର୍ଯ୍ୟାଳୟରେ ସରକାରୀ ଯୋଜନାର କାର୍ଯ୍ୟଶୈଳୀ, ଯୋଜନାକୁ ସଫଳ କରାଇବା ସଂପର୍କରେ ଆଲୋଚନା କରିଥିଲେ ।

# ଜିଲ୍ଲା ସ୍କାଉଟ ଗାଇଡ ପକ୍ଷରୁ ପ୍ରଶିକ୍ଷଣ ଶିବିର

ଆସିକା,(ନିପ୍ର): ରାଜ୍ୟ ଭାରତ ସ୍କାଉଟ ଗାଇଡ ନିର୍ଦ୍ଦେଶ ଓ ଗଞ୍ଜାମ ଜିଲ୍ଲା ଭାରତ ସ୍କାଉଟ ଗାଇଡ଼ ଜିଲ୍ଲା ସମ୍ପାଦକ ଭାଗିରଥି ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କ୍ରମେ ଆସିକା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ଠାରେ ତୃତୀୟ



ସୋପାନ ପରୀକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ପ୍ରଥମେ ସ୍କାଉଟ ଗାଇଡ଼ମାନଙ୍କ ନାମ ପଞ୍ଜିକରଣ କରାଯାଇଥିଲା ପରେ ଜିଲ୍ଲା ପରିଚାଳନା କମିଶନର ରାମହରୀ ସାହୁ, ଜିଲ୍ଲା ଗାଇଡ଼ ତାଲିମ କମିଶନର ସ୍ୱପ୍ନାରାଣୀ ପାଣିଗ୍ରାହୀ,ଜିଲ୍ଲା ସହକାରୀ ଗାଇଡ଼ ତାଲିମ କମିସନର କାଦମ୍ବିନୀ ହୋତା, ଜିଲ୍ଲା ସହକାରୀ ସ୍କାଉଟ ତାଲିମ କମିସନର ଅରୁଣକୁମାର ପଟ୍ଟନାୟକ, ସ୍କାଉଟ ମାଷ୍ଟର କମଳେନ୍ଦୁ ହୋତାଙ୍କ ଉପସ୍ଥିତରେ ଆସିକା ବ୍ଲକ ତଥା ଏହାର ଆଖ ପାଖ ବ୍ଲକର ୧୩୬ ଜଣ ସ୍କାଉଟ ୮୪ ଜଣ ଗାଇଡ଼ ଓ ୨୦ଜଣ ସ୍କାଉଟ ମାଷ୍ଟର ଓ ଗାଇଡ଼ କ୍ୟାପଟେନମାନଙ୍କୁ ନେଇ ଭାରତ ସ୍କାଉଟ ଗାଇଡ଼ ପତାକା ଉତ୍ତୋଳନ କରାଯାଇଥିଲା ଏହା ପରେ ଆରମ୍ଭ ହୋଇଥିଲା ତୃତୀୟ ସୋପାନ ପ୍ରଶିକ୍ଷଣ ଶିବିର । ଶିବିରରେ ନଟିଙ୍ଗ, ମେପିଙ୍ଗ, କମ୍ପାସ, ପ୍ରାଥମିକ ଚିକିତ୍ସା, ସ୍କାଉଟ ଗାଇଡ଼ ଇତିହାସ,ସିଗନାଲିଙ୍ଗ ଏସ୍ଟିମେଶନ, ଫ୍ଲାଗ ପ୍ରୋସିଜର,ଲେସିଂ, ଗେମିଙ୍ଗ, ସ୍କାଉଟ ଗାଇଡ଼ ନିୟମ, ପ୍ରତିଜ୍ଞା ଆଦି ବିଭିନ୍ନ ପ୍ରକାରର ପ୍ରଶିକ୍ଷଣ ଦିଆଯାଇଥିଲା।

# ଯୁବକର ସନ୍ଦେହଜନକ ମୃତ୍ୟୁ

ଭାପୁର,(ନିପ୍ର): ଫତେଗଡ଼ ଥାନା ରାକମା ଗ୍ରାମ ମଝିସାହିର ସୁକାନ୍ତ ସାହୁଙ୍କ ପୁଅ ଚଗଲା ସାହୁ (୨୬) ସନ୍ଦେହଜନକ ଭାବରେ ମୃତ୍ୟୁ ବରଣ କରିଛନ୍ତି। ଘଟଣାରୁ ପ୍ରକାଶ, ପରିବାର ସହିତ ଖାଇପିଇ ଚଗଲା ଶୋଇବାକୁ ଯିବାର ଅଳ୍ପ ସମୟ ମଧ୍ୟରେ ତାଙ୍କ ଦେହ ବିଗିଡିବାକୁ ଲାଗିଥିଲା। ଦେହରୁ ଝାଳ ବୋହିବା ସହିତ ଅସ୍ୱାଭାବିକ ଲକ୍ଷଣ ଦେଖାଯିବାରୁ ପରିବାର ପକ୍ଷରୁ ତାଙ୍କୁ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା।

# ଚାଉଳରୁ ବାଦ୍ ପଡି ହିତାଧିକାରୀ ହନ୍ତସନ୍ତ

## ଫିଙ୍ଗର ପ୍ରିଣ୍ଟ୍ ଓ ଆଖି ସ୍କାନ୍ କରିବାରେ ଅସୁବିଧା

ରାୟଗଡ଼ା,(ନିପ୍ର): ରାୟଗଡ଼ା ଜିଲ୍ଲାର ମୁନିଗୁଡ଼ା ବ୍ଲକର ସମସ୍ତ ପଞ୍ଚାୟତର ରାସନ୍ କାର୍ଡଧାରୀ ଶଯ୍ୟାଶାୟୀ, ବିକଳାଙ୍ଗ ଓ ବାର୍ଦ୍ଧକ୍ୟ ହିତାଧିକାରୀଙ୍କ ପାଇଁ ସରକାର ନୂଆ ନୋମିନି ନିୟମ ଅସୁବିଧାରେ ପକାଉଛି। ଏଥିପୁର୍ବରୁ ଏହି ଅସହାୟ ହିତାଧିକାରୀଙ୍କ ପାଇଁ ପଂଚାୟତ ନିର୍ବାହୀ ଅଧିକାରୀମାନେ ବ୍ଲକ ଯୋଗାଣ ନିରୀକ୍ଷକଙ୍କୁ ଅବଗତ କଲେ ବାଇପାସ୍ କରି ତାଙ୍କ ପରିବାର ବା ସମ୍ପର୍କୀୟଙ୍କୁ ମାଗଣା ଚାଉଳ ପ୍ରଦାନ କରାଯାଇଥିଲା। କିନ୍ତୁ ରାଜ୍ୟ ଯୋଗାଣ ବିଭାଗ ଉକ୍ତ ନିୟମକୁ ପରିବର୍ତ୍ତନ କରି ଏବେ ନୋମିନୀ ନୀୟମ ଲାଗୁ କରିଥିବାରୁ ଉକ୍ତ କରାଯାଉଥିବା ନୂତନ ନିୟମ ଅନୁସାରେ ହିତାଧିକାରୀଙ୍କ ଫିଙ୍ଗର୍ ପ୍ରିଣ୍ଟ ବା ଆଖି ସ୍କାନ ବାଧ୍ୟତାମୂଳକ ରହିଥିବା ବେଳେ ମୁଖ୍ୟତଃ ବୟସାଧିକ୍ୟ ବ୍ୟକ୍ତି ବିଶେଷଙ୍କ, ଖାସ୍ କରି ବୃଦ୍ଧ ବୃଦ୍ଧାଙ୍କ ଫିଙ୍ଗର୍ ପ୍ରିଣ୍ଟ ଆଉ ଆଖି ସ୍କାନ ହୋଇପାରୁନାହିଁ। ଫଳରେ କି ନୋମିନି ଥିଲେ ବି ସେମାନଙ୍କୁ ବିନା ମୂଲ୍ୟର ସରକାରୀ ଚାଉଳ ମିଳୁନାହିଁ।

ଏହି ଦୁର୍ଦ୍ଦଶା ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକର ସମସ୍ତ ପଞ୍ଚାୟତର ବାୟାଣୀ ବାଥ୍ରା, ବସୁମତୀ କୌଶଲ୍ୟା, ସାରଦା ସୁନା, ଲଛମା ସୁନା, ସୁକବାସି କରକରିଆ, ପଦ୍ମିନୀ କୌଶଲ୍ୟା, ଚମ୍ପା ପାତ୍ର, ମୟ ସୁନା, ରାଜା କୁରୁ , ଗୋବୋଡା କୌଶଲ୍ୟା, ଘାସିଆଣି କରକରିଆ, ସହ ଆମ୍ଲଭଟା ପଞ୍ଚାୟତର ଟଙ୍କଧର ରାଉତ, ମନ୍ଦି ନାହାକ, ସରସ୍ୱତୀ ଆଚାରି,ନନ୍ଦ ଦୁର୍ଗା, ସରସ୍ୱତୀ ନାୟକ ଏବଂ ଆଉ କିଛି ଏହି ସମସ୍ୟାର ସମ୍ମୁଖୀନ ହୋଇ ହନ୍ତସନ୍ତ ହେଉଛନ୍ତି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ମାଗଣା ଚାଉଳରୁ ସେମାନେ ବଞ୍ଚିତ ହେଉଛନ୍ତି। ମୁନିଗୁଡ଼ା ଯୋଗାଣ ନିରୀକ୍ଷକଙ୍କୁ ଏ ବିଷୟରେ ପଚାରି ବୁଝିବାରୁ ଯେଉଁ ହିତାଧିକାରୀଙ୍କ ଫିଙ୍ଗର୍ ପ୍ରିଣ୍ଟ ବା ଆଖି ସ୍କାନର ଅସୁବିଧା ହେଉଛି, ସେମାନେ ଥରେ ନୁହେଁ ଦୁଇଥର କରି ଦେଖନ୍ତୁ, ଯଦି ସେଥିରେ ହୋଇଗଲେ ଭଲକଥା ଯଦି ସେଥିରେ ନହେଲା ତେବେ ଆମେ ବ୍ଲକରେ ପାସ୍ କରି ନୋମିନି ଦ୍ୱାରା ଚାଉଳ ସଂଗ୍ରହ କରିବା ପାଇଁ ଅନୁମତି ଦିଆଯିବ ବୋଲି ସେ କହିଛନ୍ତି। ଏଣୁ ଅଯଥା ବ୍ୟସ୍ତ ହେବା ଆବଶ୍ୟକ ନାହିଁ ବୋଲି ସେ କହିଛନ୍ତି।

# ତୁହାକୁ ତୁହା ବର୍ଷା ଚାଷୀକୁଳ ପାଇଁ ସଂଜୀବନୀ

କାଶୀନଗର,(ନିପ୍ର): କାଶୀନଗର ବ୍ଲକ ତଥା ଏହାର ନିକଟବର୍ତ୍ତୀ ଗ୍ରାମମାନଙ୍କରେ ବସତି ସ୍ଥାପନ କରୁଥିବା ଚାଷୀମାନେ ଶ୍ରାବଣ ମାସର ପନ୍ଦର ଦିନ ଚାଲି ଯାଇଥିଲେ ସୁଦ୍ଧା ରୁଆ ବେଉସା ବର୍ଷା ଅଭାବ ହେତୁ ବିଲ କିଆରୀରେ ଆବଶ୍ୟକ ପାଣି ନ ଥିବାରୁ ଆରମ୍ଭ ମଧ୍ୟ କରି ନ ପାରି ଚାଷୀକୂଳ ହତାଶ ହୋଇ ବସିଥିଲେ। କାଶୀନଗର ଠାରେ ଲଗାତାର ତୁହାକୁ ତୁହା ବର୍ଷା ଆରମ୍ଭ ହୋଇଛି ଯାହା କି ଚାଷୀମାନଙ୍କୁ ଏକ ସଂଜୀବନୀ କହିଲେ ଅତ୍ୟୁକ୍ତି ହେବ ନାହିଁ। ଲଗାତାର ବର୍ଷା ହେବା ଯୋଗୁଁ ଚାଷୀମାନେ ବିଲରେ ରୁଆ, ତଳି ପକା ଓ ସାର ଛିଞ୍ଚନ କାମ ଆରମ୍ଭ କରିଥିବା ଦୃଷ୍ଟିକୁ ଆସିଛି।

# ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା

ନୟାଗଡ଼,(ନିପ୍ର): ଆସନ୍ତା ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ନୟାଗଡ଼ ମୁନିସିପାଲିଟି ପକ୍ଷରୁ ଏନ.ଏ.ସି. ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି।

ଏହି ପ୍ରତିଯୋଗିତାରେ ମୁନିସିପାଲିଟି ଅନ୍ତର୍ଗତ ବିଭିନ୍ନ ସରକାରୀ ଓ ବେସରକାରୀ ବିଦ୍ୟାଳୟର



ଛାତ୍ରଛାତ୍ରୀମାନେ କନିଷ୍ଠ ଓ ବରିଷ୍ଠ ଉଭୟ ବିଭାଗରେ ଅଂଶଗ୍ରହଣ କରିଥିଲେ। ବକ୍ତୃତା ,ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ଦେଶାତ୍ମବୋଧ ସଙ୍ଗୀତ ଏବଂ ନୃତ୍ୟ ଆଦି ବିଭିନ୍ନ ବିଭାଗରେ ମୋଟ ୧୨୧ ଜଣ ପ୍ରତିଯୋଗୀ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିଥିଲେ। ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ଆସନ୍ତା ସ୍ୱାୟତ୍ତ ଶାସନ ଦିବସ ଅବସରରେ ପଠାଣି ସାମନ୍ତ ସଂସ୍କୃତି ଭବନରେ ଆୟୋଜିତ ହେବାକୁ ଥିବା ସ୍ୱତନ୍ତ୍ର ଉତ୍ସବରେ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯିବ। ଆଜିର ଏହି କାର୍ଯ୍ୟକ୍ରମରେ ପୌରାଧକ୍ଷା ନିରୁପମା ଖଟେଇ, ଉପାଧକ୍ଷ ଗୁରୁପ୍ରସାଦ ଜେନା, କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ନେହଲତା ମିଶ୍ରଙ୍କ ସମେତ ସମସ୍ତ କାଉନସିଲର ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଏଥିସହିତ ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ଖଣ୍ଡା ଏବଂ କାଉନସିଲର ଲକ୍ଷ୍ମୀଧର ମହାପାତ୍ର ସମଗ୍ର କାର୍ଯ୍ୟକ୍ରମଟିକୁ ସୁଚାରୁରୂପେ ପରିଚାଳନା କରିଥିଲେ।

# ଆଇଆଇଟି ଭୁବନେଶ୍ୱରରେ ବିଶ୍ୱ ଉଦ୍ୟୋଗୀ ଦିବସ

ଜଟଣୀ,(ନିପ୍ର): ବିଶ୍ୱ ଉଦ୍ୟୋଗୀ ଦିବସ ଅବସରରେ ଭାରତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ (ଆଇଆଇଟି) ଭୁବନେଶ୍ୱରର ଗବେଷଣା ଏବଂ ଉଦ୍ୟୋଗୀତା ପାର୍କ (ଆରଇପି) ଟେଗା ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ଅଧକ୍ଷ ମଦନ ମୋହନ ମୋହଙ୍କାଙ୍କ ସହିତ ଏକ ଆକର୍ଷଣୀୟ ଆଲୋଚନାର



ଆୟୋଜନ କରିଥିଲା, ଯେଉଁଥିରେ ଉଦ୍ୟୋଗୀ ଅନ୍ତର୍ଦୃଷ୍ଟି, ନେତୃତ୍ୱ ଏବଂ ଉଦ୍ଦେଶ୍ୟମୂଳକ ଉଦ୍ୟୋଗ ଗଠନ ଉପରେ ଏକ ଦୃଢ଼ ବାର୍ତ୍ତା ସାମିଲ ହୋଇଥିଲା। ଏହି ଆଲୋଚନା ଦୃଷ୍ଟିକୋଣ, ନେତୃତ୍ୱ ଏବଂ ଉଦ୍ୟୋଗିତା ଉପରେ କେନ୍ଦ୍ରିତ ଥିଲା। ଶ୍ରୀ ମୋହଙ୍କାଙ୍କୁ ସ୍ୱାଗତ କରି ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପାଦ କରମଲକର ଉଦ୍ୟୋଗ ଉପରେ ପ୍ରତିଷ୍ଠାନର ବର୍ଦ୍ଧିତ ଧ୍ୟାନ ଏବଂ ଛାତ୍ର ଏବଂ ଗବେଷକଙ୍କୁ କେବଳ ଚାକିରି ଖୋଜୁଥିବା ବ୍ୟକ୍ତି ଭାବରେ ନୁହେଁ, ବରଂ ଭବିଷ୍ୟତର ନିଯୁକ୍ତି ସୃଷ୍ଟିକାରୀ ଭାବରେ ପ୍ରତିପାଳନ କରିବାର ଦୃଷ୍ଟିକୋଣ ଉପରେ ଆଲୋକପାତ କରିଥିଲେ। ଯୁବଗୋଷ୍ଠୀ ପାଇଁ ଏକ କ୍ୟାରିୟର ପଥ ଭାବରେ ଉଦ୍ୟୋଗୀତାକୁ ଚୟନ କରିବା ଏବଂ ଏ ସମ୍ବନ୍ଧରେ ଅନୁସନ୍ଧାନ କରିବାକୁ ପ୍ରେରଣା ଦେବା ପାଇଁ ଏହି ଅବସରର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଫେସର କର୍ମଲକର ଆଇଆଇଟି ଭୁବନେଶ୍ୱରର ମହତ୍ତ୍ୱାକାଂକ୍ଷୀ ୧୦୦ କ୍ୟୁବ୍ ଷ୍ଟାର୍ଟ-ଅପ୍ ଇନିସିଏଟିଭ୍ ମଧ୍ୟ ଉଲ୍ଲେଖ କରିଥିଲେ, ଯାହାର ଲକ୍ଷ୍ୟ ଓଡ଼ିଶାର ଶତବାର୍ଷିକୀ ବର୍ଷ ଅର୍ଥାତ ୨୦୩୬ ମସିହା ସୁଦ୍ଧା ୧୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ୧୦୦ ଟି ଷ୍ଟାର୍ଟଅପକୁ ମାର୍ଗଦର୍ଶନ ଦେବା। ପ୍ରତିଷ୍ଠାନ ବର୍ତ୍ତମାନ ପ୍ରାୟ ୧୪୦ ଷ୍ଟାର୍ଟଅପକୁ ଏହି କ୍ରମରେ ସାମିଲ କରିଛି, ଯାହାର ସଂଖ୍ୟା ଦୁଇ ବର୍ଷ ପୂର୍ବେ ପ୍ରାୟ ୧୮ ଥିଲା। ଶ୍ରୀ ମୋହଙ୍କା ଆଇଆଇଟି ଭୁବନେଶ୍ୱରରେ ଖଣିଜ ପ୍ରକ୍ରିୟାକରଣ କେନ୍ଦ୍ର ପ୍ରତିଷ୍ଠା ପାଇଁ ୨ କୋଟି ଟଙ୍କାର ସହାୟତା ପ୍ରତିଶ୍ରୁତି ଦେଇଥିଲେ, ଯାହା ଉଦ୍ୟୋଗିତା, ଶିଳ୍ପ ବିଶେଷଜ୍ଞତା ଏବଂ ବିଶେଷଜ୍ଞ ଶିକ୍ଷାଗତ କ୍ଷମତାକୁ ସଂଯୋଗ କରିବା ପାଇଁ ପ୍ରତିଷ୍ଠାନର ପ୍ରୟାସରେ ଏକ ନୂତନ ଦିଗ ଯୋଡ଼ିବ।

# ନିୟମ ପାଳନ ଓ ଆର୍ଥିକ କାରବାରରେ ସ୍ୱଚ୍ଛତାକୁ ନେଇ ଚର୍ଚ୍ଚା

ଧାମନଗର,(ନିପ୍ର): ଧାମନଗରସ୍ଥିତ ବାଲେଶ୍ୱର-ଭଦ୍ରକ ସେଣ୍ଟ୍ରାଲ କୋ-ଅପରେଟିଭ୍ ବ୍ୟାଙ୍କରେ ନିୟମ ପାଳନ ଓ ଆର୍ଥିକ କାରବାରରେ ସ୍ୱଚ୍ଛତାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଗତ ଜୁଲାଇ ମାସରୁ ସହକାରୀ ପରିଚାଳକ ଦାୟିତ୍ୱ ନେବା ପରେ ବ୍ୟାଙ୍କର ବିଭିନ୍ନ କାଗଜପତ୍ର, ହିସାବକିତାବ ଓ ନଥିପତ୍ରର ଯାଞ୍ଚ ପ୍ରକ୍ରିୟା କଡ଼ାକଡ଼ି ହୋଇଥିବା ଜଣାପଡ଼ିଛି। ଚାଷୀଙ୍କ ଋଣ ଓ ଅର୍ଥ ଉଠାଣ ସମୟରେ ଚାଷୀ ନିଜେ ସଶରୀରେ ଉପସ୍ଥିତ ରହି ପାସବୁକ୍ ସହ ଆବଶ୍ୟକ ପ୍ରକ୍ରିୟା ପୂରଣ କରିବାକୁ ଗୁରୁତ୍ୱ ଦିଆଯାଉଛି। ଏଥିସହ ସେବା ସମବାୟ ସମିତିର ଆକାଉଣ୍ଟରୁ ହେଉଥିବା ଖର୍ଚ୍ଚ, ଅର୍ଥ ଉଠାଣ, ସୁଧ ଓ ଅନ୍ୟାନ୍ୟ ଜମା ଅର୍ଥର ହିସାବ ଯାଞ୍ଚକୁ ମଧ୍ୟ କଡ଼ାକଡ଼ି କରାଯାଉଥିବା ସୂଚନା ମିଳିଛି ।

ନିୟମ ଅନୁଯାୟୀ କାର୍ଯ୍ୟ କରୁଥିବା ଆସିଷ୍ଟାଣ୍ଟ ମ୍ୟାନେଜରର କୌଣସି ଅନିୟମିତତାପୂର୍ଣ୍ଣ କାଗଜପତ୍ର କିମ୍ବା କାରବାରକୁ ନେଇ ନିୟମ ଅନୁସାରେ ଯାଞ୍ଚ କରୁଥିବା ଜଣାପଡ଼ିଛି। ତାଙ୍କ ଏହି କଡ଼ା ଆଭିମୁଖ୍ୟ ଯୋଗୁଁ ସମବାୟ କ୍ଷେତ୍ରରେ ଆର୍ଥିକ କାରବାର ଅଧିକ ସ୍ୱଚ୍ଛ ହେବ ବୋଲି ଚାଷୀ ମହଲରେ ଆଶା ପ୍ରକାଶ ପାଇଛି। ଅନ୍ୟପକ୍ଷରେ, ନିୟମ କଡ଼ାକଡ଼ି ହେବାରୁ କିଛି ସମିତିର ସମ୍ପାଦକଙ୍କ ସ୍ୱାର୍ଥରେ ବାଧା ହେବାରୁ ସଂଘୀୟ ଢାଲ ନେଇ ଅସନ୍ତୋଷ ଥିବା ଚର୍ଚ୍ଚା ହେଉଛି। ଏହି ପରିସ୍ଥିତିରେ ସମିତିର କିଛି ପୁରୁଣା ଅଧିକାରୀଙ୍କୁ ପୁଣି ଧାମନଗର ଆଣିବା ପାଇଁ ଉକ୍ତ ମହଲରେ ତତ୍ପରତା ଚାଲିଥିବା ନେଇ ଚର୍ଚ୍ଚା ଆହୁରି ତୀବ୍ର ହୋଇଛି।

ବିଶେଷ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ଧାମନଗର ବ୍ଲକର ସଂଘୀୟ ବ୍ୟବସ୍ଥାକୁ ନେଇ କିଛି ସେବା ସମବାୟ ସମିତିର ସମ୍ପାଦକ ଗୁରୁବାର ବାଲେଶ୍ୱରରେ ସଭାପତିଙ୍କ ନିକଟରେ ଡେରା ପକାଇଥିଲେ। ଧାମନଗର ରୁ ବଦଳି ହୋଇ ଥିବା କିଛି ପୁରୁଣା କର୍ମ ଚାରିଙ୍କୁ ଧାମନଗରକୁ ପୁନଃ ଫେରାଇ ଆଣିବା ପାଇଁ ଏହି ତତ୍ପରତା କି ନୁହେଁ, ତାହା ନେଇ ଏବେ ପ୍ରଶ୍ନ ଉଠିଛି। ଏହା ପଛରେ କାହାର ସ୍ୱାର୍ଥ ରହିଛି, ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ। ସମବାୟ ବ୍ୟାଙ୍କ ଚାଷୀ ଓ ସାଧାରଣ ଲୋକଙ୍କ ବିଶ୍ୱାସର ସଂସ୍ଥା। ତେଣୁ ଏଠାରେ ବ୍ୟକ୍ତି ବା ଗୋଷ୍ଠୀର ପ୍ରଭାବ ନୁହେଁ, ନିୟମ ଓ ଚାଷୀଙ୍କ ତଥା ସମିତିର ପ୍ରାଥମିକ ସଭ୍ୟଙ୍କ ସ୍ୱାର୍ଥ ହିଁ ସର୍ବୋପରି ହେବା ଆବଶ୍ୟକ।

ଅପରେ ପକ୍ଷେ ନୂଆ କରି ଉକ୍ତ ବ୍ୟାଙ୍କରେ ଯୋଗ ଦେଇଥିବା ସହକାରୀ ଶାଖା ପରିଚାଳକା ଆସୁ ଆସୁ ବ୍ୟାଙ୍କ୍‌ରେ ହୁକୁମତି ଦେଖାଉଥିବା ମଧ୍ୟ ଦେଖିବାକୁ ମିଳିଛି। ବ୍ୟାଙ୍କ ରେ କାହା ସହ ଠିକ୍ ତାଳ ମେଳ ରହୁନାହିଁ।ଦିଗରେ ଶାଖା ପରିଚାଳକଙ୍କ ସହ ଯୋଗାଯୋଗ କରିବାରୁ ସେ କହି ଥିଲେ ବ୍ୟାଙ୍କ ରେ ଲୋକଙ୍କୁ ସେବା ଠିକ୍ ସେବା ଯୋଗାଇ ଦିଆ ଯାଉଛି ଯେଉ ଚାଷୀ ଓ ଗ୍ରାହକଙ୍କ ଅସୁବିଧା ହେବ ସିଧା ସଳଖ ମୋ ସହ ଯୋଗା ଯୋଗ କରିବାକୁ ଶାଖା ପରିଚାଳକ କହିଥିଲେ । ତେବେ ଉକ୍ତ ବ୍ୟାଙ୍କ୍‌ରେ କିଛି କନ୍ଦଳ ରହୁଥିବାରୁ ଏହାର ତଦନ୍ତ ହେବାର ଆବଶ୍ୟକ ରହିଛି ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି।

# ଚମ୍ପୁଆବାସୀଙ୍କ ଦୁଃଖ ତିନିଖୁଣ୍ଟିଆ

ଚମ୍ପୁଆ,(ନିପ୍ର): ଚମ୍ପୁଆ ଏକ ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଂଚଳ ଭାବେ ଜଣାଶୁଣା। ଏହାର ସୀମା ପଡୋଶୀ ଝାରଖଣ୍ଡ ରାଜ୍ୟକୁ ସଂଯୋଗ କରେ। ଓଡିଶା ସରକାର ଯୋଗାଇ ଦେଉଥିବା କଂଟ୍ରୋଲ ସାମଗ୍ରୀକୁ ସେତେବେଳର ବିହାର ରାଜ୍ୟକୁ ଚୋରା ଚାଲାଣ ହେଉଥିବାରୁ ଚମ୍ପୁଆ ପ୍ରଶାସନ ଥାନା ପଛପଟେ ତଥା ଉପଜିଲ୍ଲାପାଳଙ୍କ ଆବାସ ସାମ୍ନାଦେଇ ଯାଇଥିବା ରାସ୍ତାକୁ ତିନୋଟି ଖୁଣ୍ଟ ପୋତିଦେଇଥିଲେ, ଫଳରେ ଗାଡି ଦ୍ୱାରା ଆଉ ଚୋରା ଚାଲାଣ ହେବା ପ୍ରାୟତଃ ବନ୍ଦ ହେଇଥିଲା। ସେବେଠାରୁ ସେହି ରାସ୍ତାର ନା ତିନିଖୁଣ୍ଟିଆ ବୋଲି ଜାଣନ୍ତି।ଏହି ରାସ୍ତା ଯାଇ ଜାତୀୟ ରାଜପଥ ୨୦ ସହିତ ସଂଯୋଗ ହୋଇଛି। ବଡ ଦୁଃଖ ତଥା



ପରିତାପର ବିଷୟ ଉକ୍ତ ରାସ୍ତା ଦେଇ ପ୍ରାୟ ସବୁଦିନ ଶହ ଶହ ଭକ୍ତ ଚମ୍ପୁଆର ସର୍ବ ପୁରାତନ ବାବା ଚନ୍ଦ୍ରଶେଖରଙ୍କ ମନ୍ଦିର ତଥା ରାଜାତନ୍ତ୍ର ସମୟର ଶ୍ରୀ ଶ୍ରୀ ଦଧିବାମନ ଜୀଉ ବିଜେଙ୍କ ମନ୍ଦିରକୁ ଦର୍ଶନ କରିବାକୁ ଆସିଥାନ୍ତି। ଉକ୍ତ ରାସ୍ତାକଡ଼ରେ ଆମିଷ ଦୋକାନ ମାନ ଅବସ୍ଥିତ। ପ୍ରାୟ ସବୁଦିନ ଉକ୍ତ ରାସ୍ତା ଉପରେ ଆମିଷ ପାଣି ବହି ଚାଲିଥାଏ। ଫଳରେ ଭକ୍ତମାନେ ସେହି ଆମିଷ ପାଣିକୁ ମାଡି ବହୁତ କଷ୍ଟରେ ଯା ଆସ କରନ୍ତି। ୩ଟି ଖୁଣ୍ଟ ପୋତା ଯାଇଥିବାରୁ ଗାଡି ମୋଟରରେ ଯିବା ସମ୍ଭବ ନାହିଁ। ବର୍ତ୍ତମାନ ସେହି ପୂର୍ବ ସ୍ଥିତି ମଧ୍ୟ ନାହିଁ, ତେଣୁ ଖୁଣ୍ଟ ସବୁକୁ ଉପାଡି ଉକ୍ତ ରାସ୍ତାକୁ ସ୍ଥାୟୀ ଭାବରେ ମରାମତି କରିବାକୁ ସାଧାରଣ ଜନତା ଦାବି କରିଛନ୍ତି। ରାସ୍ତାଟି ଭଲ ଭାବରେ ଉପଯୋଗୀ ହେଲେ ଚମ୍ପୁଆବାସୀ ତଥା ପଡୋଶୀ ରାଜ୍ୟବାସୀ ବିଶେଷ ଭାବରେ ଉପକୃତ ହେବେ।


# ପଞ୍ଚାୟତ ସମିତି ଅଷ୍ଟମ ସାଧାରଣ ବୈଠକ

## କେନ୍ଦ୍ର/ରାଜ୍ୟ ଅର୍ଥ କମିଶନ ସୁପାରିସ ଅନୁଯାୟୀ ଉନ୍ନତିମୂଳକ କାର୍ଯ୍ୟ ନିଷ୍ପତ୍ତି

ନିମାପଡ଼ା,(ନି.ପ୍ର.): ନିମାପଡ଼ା ପଂଚାୟତ ସମିତି ଅନ୍ତର୍ଗତ ୩୨ଟି ଗ୍ରା.ପ.ର ଉନ୍ନତି ନିମନ୍ତେ ବ୍ଲକ୍ ସ୍ତରୀୟ ଉନ୍ନୟନ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇ ଯୋଜନାମାନ ପ୍ରସ୍ତୁତ ହୋଇଥିଲା । ବ୍ଲକ୍ ଅଧକ୍ଷ ଶଙ୍କର ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ଅଷ୍ଟମ ସାଧାରଣ ବୈଠକରେ ବିଡ଼ିଓ ଡ଼ଃ ଅଭିଜିତ ଷଡ଼ଙ୍ଗୀ ରାଜ୍ୟ ସରକାରଙ୍କ ଷଷ୍ଠ ଅର୍ଥ କମିଶନ ଯୋଜନା ଏବଂ କେନ୍ଦ୍ର ସରକାରଙ୍କ ୧୬ତମ ଅର୍ଥ କମିଶନ ଅନୁସାରେ ପ୍ରସ୍ତୁତ ଯୋଜନା ସଂପର୍କରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ । କୃଷି ଓ କୃଷକଙ୍କ ଉନ୍ନତୀକରଣ ସହିତ ଉଦ୍ୟାନ ବିଭାଗର ଯୋଜନା ସବୁ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ପାଇଁ ସ୍ଥିର କରାଯାଇଥିଲା। ଅତିରିକ୍ତ ମଣ୍ଡଳ ଅଧିକାରୀ ପ୍ରିୟଦର୍ଶିନୀ ବରାଳ, ଉପାଧକ୍ଷା ଅନୁସୂୟା ମହାନ୍ତି, ଅତିରିକ୍ତ ତହସିଲଦାର ନିରନ ନାୟକ, ସହକାରୀ ଯନ୍ତ୍ରୀ, ବ୍ଲକ୍ କୃଷି ଅଧିକାରୀ ପ୍ରିୟବ୍ରତ ପୃଷ୍ଟି, ସହକାରୀ ଉଦ୍ୟାନ ଅଧିକାରୀ ଶୁଭଶ୍ରୀ କରଙ୍କ ସମେତ ସମସ୍ତ ବିଭାଗର ପଦସ୍ଥ ଅଧିକାରୀବୃନ୍ଦ ଯୋଗ ଦେଇ ସମିତି ବୈଠକ ନିଷ୍ପତି ଅନୁଯାୟୀ ଉନ୍ନତି ମୂଳକ କାର୍ଯ୍ୟକୁ ଅଗ୍ରାଧିକାର ଦେବା ପାଇଁ ସମ୍ମତି ପ୍ରକାଶ କରିଥିଲେ । ସାଂସଦ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ବିଧାୟିକା ତଥା ଉପ-ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଯତିନ୍ଦ୍ର ସ୍ୱାଇଁ ପ୍ରମୁଖ ବୈଠକରେ ଯୋଗ ଦେଇ ବିଭିନ୍ନ ଯୋଜନାର ସଫଳ ରୂପାୟନ ନିମନ୍ତେ ଉପସ୍ଥିତ ଜନ ପ୍ରତିନିଧିମାନଙ୍କ ସହଯୋଗ ଲୋଡ଼ି ଥିଲେ ।

# ପଶ୍ଚିମ ବାଙ୍କୀ ମହୋତ୍ସବ ସାରସ୍ୱତ ସମ୍ମିଳନୀ

ବାଙ୍କୀ,(ନିପ୍ର): କଳାପଥର ଧଳାପଥର ଉଚ୍ଚ ବିଦ୍ୟାଳୟ ପରିସରରେ ପଶ୍ଚିମ ବାଙ୍କୀ ଜୋନସ୍ତରୀୟ ସାରସ୍ୱତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ରଣା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବାଙ୍କୀ ମହୋତ୍ସବର ପ୍ରତିଷ୍ଠାତା ସଭାପତି ତଥା ପ୍ରାକ୍ତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିବାବେଳେ ବାଙ୍କୀ ମହୋତ୍ସବର ସ୍ଥାୟୀ ସଭାପତି ତଥା ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବାଙ୍କୀ ମହୋତ୍ସବର ସ୍ଥାୟୀ ସମ୍ପାଦକ ଡ. ଗଣେଶ୍ୱର ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ୩୪ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଦସ୍ୟା ରଶ୍ମିତା ସାହୁ, ବାଙ୍କୀ କେନ୍ଦ୍ର ବ୍ୟାଙ୍କ ସଭାପତି ସୁବାସ ପାଢ଼ୀ, ବାଙ୍କୀ ପ୍ରେସକ୍ଲବ ଉପସଭାପତି ସମରେନ୍ଦ୍ର




ମହାପାତ୍ର, କଳାପଥର ସରପଞ୍ଚ ପ୍ରତିନିଧି ପ୍ରଫୁଲ୍ଲ ସ୍ୱାଇଁ, କବି ରବିନାରାୟଣ ମଙ୍ଗରାଜ, ସମାଜସେବୀ ଅନନ୍ତଚରଣ ଦାସ, କେନ୍ଦୁପଲ୍ଲୀ ସରପଞ୍ଚ ପ୍ରଦ୍ୟୁମ୍ନ ସୁବୁଦ୍ଧି, ବୈଦ୍ୟେଶ୍ୱର ସରପଞ୍ଚ ସୁରଞ୍ଜନ ପଣ୍ଡା, ବଳଭଦ୍ରପୁର ପୂର୍ବତନ ସରପଞ୍ଚ ବିଜନ କୁମାର ସାହୁ, ବାଙ୍କୀ ବ୍ଲକ୍ ଓଷ୍ଟା ସଭାପତି ସବିତା ମହାନ୍ତି, ସମ୍ପାଦକ ପ୍ରଦୀପ୍ତ ପଣ୍ଡା, ପ୍ରାକ୍ତନ କଟକ ଜିଲ୍ଲା ଓଷ୍ଟା ସମ୍ପାଦକ ଭାବଗ୍ରାହୀ ମହାପାତ୍ରଙ୍କ ସମେତ ବହୁ ଶିକ୍ଷାବିତ୍, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଓ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ପ୍ରାଣୀ ଚିକିତ୍ସା ସହାୟକ କେନ୍ଦ୍ର ପାଲଟିଛି ଭୂତକୋଠି !

କଣ୍ଟିଲୋ,(ନି.ପ୍ର) ଖଣ୍ଡପଡ଼ା ବ୍ଲକର ବଡବାଣପୁର ପଞ୍ଚାୟତ ଅଧୀନ ଘଣାଶାଳିଆ ଗ୍ରାମରେ ଗତ ୭ ବର୍ଷ ତଳେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ପ୍ରାଣୀ ଚିକିତ୍ସା ସହାୟକ କେନ୍ଦ୍ରଟି କାର୍ଯ୍ୟରେ ନ ଲାଗି ତାଲା ଝୁଲୁଥିବା ନଜରକୁ ଆସୁଛି। ଏକଦା ସ୍ଥାନୀୟ ଅଞ୍ଚଳର ଗୃହପାଳିତ ପଶୁମାନଙ୍କୁ ଉତ୍ତମ ଚିକିତ୍ସା ସେବା ଯୋଗାଇ ଦେବାର ମହତ ଲକ୍ଷ୍ୟ ନେଇ ଉକ୍ତ ପ୍ରାଣୀ ଚିକିତ୍ସା ସହାୟକ କେନ୍ଦ୍ରଟି ନିର୍ମାଣ କରାଯାଇଥିଲା। ମାତ୍ର ବିଭାଗୀୟ କର୍ତ୍ତୃପକ୍ଷଙ୍କ ସ୍ଥାଣୁତା ଓ ପ୍ରଶାସନିକ ଉଦାସୀନତା ଯୋଗୁଁ ପ୍ରାଣୀ ଚିକିତ୍ସା କେନ୍ଦ୍ରଟି କାର୍ଯ୍ୟକ୍ଷମ ନ ହୋଇ ତାଲା ଝୁଲୁଥିବା



ବେଳେ ଏବେ ବର୍ଷା ଦିନ ଯୋଗୁଁ ଉକ୍ତ ଗୃହର ଚତୁଃପାର୍ଶ୍ୱ ଅନାବନା ଗଛଲତାରେ ଭର୍ତ୍ତି ହୋଇଥିବା ଜଣାଯାଇଛି। ପ୍ରାଣୀ ଚିକିତ୍ସା କେନ୍ଦ୍ରର ଏଭଳି ଅବସ୍ଥାକୁ ଦେଖି ଘଣାଶାଳିଆ ଗ୍ରାମବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ, ରାଜ୍ୟ ସରକାରଙ୍କ ପ୍ରାଣୀ ଚିକିତ୍ସା ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ନୟାଗଡ ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ଦୃଷ୍ଟି ଦେଇ ବିଳମ୍ବରେ ହେଉ ପଛେ ଉକ୍ତ କେନ୍ଦ୍ରଟିକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ତିଥି :(ଏକାଦଶୀ): (ମୂଳା ଧନୁ)
ଅମୃତ ବେଳା: ଦିବା ଘ ୬।୨୦ ମଧ୍ୟେ ଘ୯ ।୩୨ ଗତେ

## ଆଜିର ଅନୁଚିନ୍ତନ

ଯେଉଁ ମନୁଷ୍ୟମାନେ ଦୋଷଦୃଷ୍ଟିରହିତ ହୋଇ ଶ୍ରଦ୍ଧାପୂର୍ବକ ସର୍ବଦା ମୋର ଏହି ମତ ଅନୁସରଣ କରନ୍ତି, ସେମାନେ ମଧ୍ୟ ସମସ୍ତ କର୍ମବନ୍ଧନରୁ ମୁକ୍ତ ହୋଇଯାଆନ୍ତି ।।- ଶ୍ରୀମଦ୍ ଭଗବଦ୍ ଗୀତା

# ସାମାନ୍ୟ ନୁହେଁ ଫ୍ଲୁ

ଏବେ ପରିବର୍ତ୍ତିତ ପାଣିପାଗ। ବର୍ଷା ଓ ଆର୍ଦ୍ରତା ଲାଗିରହିଛି। ଭୂତାଣୁ ବଂଶବୃଦ୍ଧି ବ୍ୟାପିବା ପାଇଁ ଏହା ଅନୁକୂଳ ପରିବେଶ ସାଜିଛି। ଏଥିଯୋଗୁଁ ସାଧାରଣ ଜନଜୀବନ ଏବେ ପ୍ରଭାବିତ ହେଉଥିବା ଦେଖାଯାଉଛି। ଦିଲ୍ଲୀ, ଏନ୍‌ସିଆର ଓ ଅନ୍ୟାନ୍ୟ ପ୍ରମୁଖ ସହରରେ ସଂପ୍ରତି ଏଚ୍-୧ ଏନ୍-୧ ବା ସଂକ୍ଷେପରେ ସ୍ୱାଇନଫ୍ଲୁ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଏପରି ସଂକ୍ରମଣ ଯେବେ ଦେଖାଯାଏ ସେତେବେଳେ ଆକ୍ରାନ୍ତଙ୍କ ଠାରେ ପ୍ରବଳ ଜ୍ୱର, କାଶ, ଛିଙ୍କ, ସର୍ଦ୍ଦି, ଗଳାବିନ୍ଧା, ଗୋଡ଼ହାତ ବ୍ୟଥା ପ୍ରଭୃତି ଲକ୍ଷଣ ଦେଖାଯାଇଥାଏ। ସାଧାରଣ ଭାବରେ ଏହା ଦୁଇ ପ୍ରକାରର ପ୍ରକଟିତ ହୋଇଥାଏ ଆକ୍ରାନ୍ତଙ୍କ ଠାରେ। ଗୋଟିଏ ହେଉଛି 'ଇନ୍‌ଫ୍ଲୁଏଞ୍ଜା ଲାଇକ ଇଲ୍‌ନେସ' ଓ ଅନ୍ୟଟି ହେଉଛି 'ସିଭିୟର ଆକ୍ୟୁଟ ରେସପିରୋଟୋରୀ ଇନ୍‌ଫେକ୍ସନ' । ସ୍ୱାଇନଫ୍ଲୁ ନିରାକରଣର ବାଟ ହେଉଛି ଗହଳି ଓ ଆବଦ୍ଧ ପରିବେଶକୁ ଯାଉଥିବାବେଳେ ଯେପରି ହେଉ ମାସ୍କ ପିନ୍ଧିବା ଆବଶ୍ୟକ। ସେମିତି କାଶ, ଛିଙ୍କ ଏସବୁବେଳେ ରୁମାଲ ବ୍ୟବହାର, ନିୟମିତ ସାବୁନ ଓ ପାଣିରେ ହାତ ଧୋଇବା ସାଙ୍ଗକୁ ଅନ୍ୟାନ୍ୟ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦିଆଯାଇଥାଏ। ଲକ୍ଷଣ କିଛି ଦେଖାଯିବା ମାତ୍ରେ ଡାକ୍ତରଙ୍କ ପରାମର୍ଶରେ ଔଷଧ ଓ ଆନୁଷଙ୍ଗିକ ସତର୍କତା ଅବଲମ୍ବନ କରିବା ଉଚିତ। ଆଜି ଯାହା ଦିଲ୍ଲୀରେ ଏହି ଫ୍ଲୁର ସଂକ୍ରମଣ ଆରମ୍ଭ ହୋଇଛି ତାହା ଯେ ଅନ୍ୟାନ୍ୟ ରାଜ୍ୟକୁ ସଂକ୍ରମିତ ନ ହେବ ତାହା କିଏ କହିବ।

ସ୍ୱାଇନଫ୍ଲୁ ହେଉ କି ସାଧାରଣ ଫ୍ଲୁ ମଣିଷଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତାର କାରଣ। ବୁଝିହୁଏନା ଅଧିକାଂଶ ଲୋକ ଏହାକୁ ସାମାନ୍ୟ ମନେକରି ଏଡ଼ାଇ ଯାଆନ୍ତି ଅବା ଏହାର ଚିକିତ୍ସା ପ୍ରତି ଯତ୍ନବାନ ହୋଇନଥାନ୍ତି। ଇଣ୍ଡିଆନ୍ ଏକାଡେମୀ ଅଫ୍ ଜେରିଆଟିକ୍‌ସ ରିପୋର୍ଟ ମୁତାବକ ଆମ ଦେଶରେ ପ୍ରତିବର୍ଷ ପାଖାପାଖି ୧ ଲକ୍ଷ ୨୦ହଜାର ଲୋକଙ୍କ ମୃତ୍ୟୁ ଫ୍ଲୁ ସଂକ୍ରମଣ ହେତୁ ଘଟୁଛି। ଏଥିରୁ ଏହାର ଭୟାବହତା କେତେ ଉଲ୍ଲେଖ କରିବା ନିଷ୍ପ୍ରୟୋଜନ। ଫ୍ଲୁ କହିଲେ ସାଧାରଣ ଭାବରେ ଜ୍ୱର, କମ୍ପ, ଥକ୍କାପଣ, କାଶ, ଗଳା ସଂକ୍ରମଣ ପ୍ରଭୃତିକୁ ବୁଝାଏ।

ଉଦ୍‌ବେଗର ବିଷୟ ଯେ ବହୁ ସଂଖ୍ୟକ ବୟସ୍କଙ୍କ ଜୀବନ ଫ୍ଲୁ ସଂକ୍ରମଣ କାରଣରୁ ଯାଉଛି। ସୁତରାଂ ଏ ସଂକ୍ରାନ୍ତ ଟିକା ଯଦି ଏହି ବୟସବର୍ଗଙ୍କୁ ଦିଆଯାଏ ତେବେ ସଂକ୍ରମଣରୁ ସେମାନେ ରକ୍ଷା ପାଇବେ। କେବଳ ସେତିକି ନୁହେଁ, ଡାକ୍ତରଖାନାରେ ଭର୍ତ୍ତି ହେବା ଆଶଙ୍କା ମଧ୍ୟ କମ୍ ରହିବ। ଫ୍ଲୁରେ ମୃତକ ୧ ଲକ୍ଷ ୨୦ହଜାରଙ୍କ ମଧ୍ୟରୁ ୬୫ ବର୍ଷରୁ ଅଧିକ ବୟସବର୍ଗ ହେଉଛନ୍ତି ୩ ଭାଗରୁ ୧ଭାଗ। ଯାହା ମନେହୁଏ ବୟସାଧିକ୍ୟ ଲୋକଙ୍କ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇବା କାରଣରୁ ସଂକ୍ରମଣ ହେବା ସହଜ ହୋଇଥାଏ। ଏକ ଅନୁଧ୍ୟାନରୁ ଜଣାଯାଏ ବୟସ୍କଙ୍କ ମଧ୍ୟରୁ ୨.୭୫ ପ୍ରତିଶତ ଟିଟାନସ ଟିକା ନିଅନ୍ତି। ସେମିତି ୧.୮୨ ପ୍ରତିଶତ ହେପାଟିସ୍‌ସ ଟିକା ନିଅନ୍ତି। ଅଥଚ ୧.୫୯ ପ୍ରତିଶତ ଫ୍ଲୁ ଟିକା ନେଇଥାନ୍ତି। ତୁଳନାତ୍ମକ ଭାବରେ ଫ୍ଲୁ ଟିକା ନେବାରେ ଅବହେଳାକୁ ଏହା ସୂଚାଏ। ଅଧିକ ଚିନ୍ତାଜନକ ବିଷୟ ଯେ ଏଯାବତ୍ ଆମ ଦେଶରେ ବୟସ୍କଙ୍କ ନିମିତ୍ତ ସାମୂହିକ ଟିକାକରଣ ବ୍ୟବସ୍ଥା ସଂକ୍ରାନ୍ତ ମାର୍ଗଦର୍ଶିକା ପ୍ରସ୍ତୁତ ହୋଇନାହିଁ। ଏଭଳି ଟିକାକରଣର ଆବଶ୍ୟକତା କେତେ ତାହା ଆଲୋଚ୍ୟ ସୂଚନାରୁ ଜଣାପଡ଼େ। ତେବେ ସାଧାରଣ ଭାବରେ ଏପରି ଟିକା ନେବାକୁ ଅନିଚ୍ଛା ଭାବ, ସଚେତନତାର ଅଭାବ, ଟିକାର ମୂଲ୍ୟ ପ୍ରଭୃତି ବାଧକ ସାଜୁଥିବା ଅନୁମାନ କରାଯାଉଛି। ଫ୍ଲୁ ଟିକା ବିଶେଷ କରି ବୟସ୍କମାନଙ୍କ ପାଇଁ ବିନା ମୂଲ୍ୟରେ ଦିଆଯିବା ବ୍ୟବସ୍ଥା କେନ୍ଦ୍ର ସରକାର ଗ୍ରହଣ କରିବାର ଆବଶ୍ୟକତା ରହିଛି। ଏନେଇ ତ୍ୱରିତ ପଦକ୍ଷେପ ନିଆଯିବା ଜରୁରୀ।

# ଗରିବଙ୍କୁ ରାଜାଙ୍କ ଭୂମିଦାନ ଓ 'ବସୁନ୍ଧରା'

**ଶ୍ରୀଧର ବେହେରା**

ଏକଦା ରାଜାମାନେ ପ୍ରଜାବତ୍ସଳ ଥିଲେ। ଦୁର୍ଭିକ୍ଷ ସମୟରେ ଅନ୍ନ ଦେଲେ, ଧାର୍ମିକ କାର୍ଯ୍ୟ ପାଇଁ ଦାନ କଲେ, ଆଉ ବିଶେଷ କରି ଦଳିତ ଓ ଅବହେଳିତ ଜାତିଙ୍କୁ ବସବାସ ପାଇଁ ଜମି ଦାନ କଲେ। ସେଇ ଦାନ ପଛରେ କରୁଣା ଥିଲା, ଦାୟିତ୍ୱବୋଧ ଥିଲା। ରାଜା ନିଜ ରାଜକୋଷରୁ, ନିଜ ଖାସ୍ ମହଲର ଜମିରୁ କିଛି ଅଂଶ ଛାଡି ଦେଇ କହୁଥିଲେ -'ଯାଅ, ଏଇ ମାଟିରେ ଘର ବାନ୍ଧ, ସମ୍ମାନର ସହ ବଞ୍ଚ'। ସେଇ ଦାନ ଗୋଟିଏ ପିଢିର ଅଭିଶାପକୁ ମୋଚନ କରୁଥିଲା। କିନ୍ତୁ ସେଇ ଦିନ ଆଜି ଅତୀତ। ରାଜାଙ୍କ ଖଜଣା ଶୂନ୍ୟ। ଜମିଦାରୀ ଉଚ୍ଛେଦ ହେଲା, ରାଜକୋଷ ସରକାରୀ ଖାତାରେ ମିଶିଗଲା। ଯେଉଁ ଜମି ଥିଲା ତାହା ବି କାଳକ୍ରମେ ବିକ୍ରି ହୋଇଗଲା କିମ୍ବା ବିବାଦରେ ଫସି ରହିଲା। ଆଜି ଯେତେବେଳେ କୌଣସି ଦଳିତ ପରିବାର ରାଜାଙ୍କ ଦ୍ୱାର ଠେଲେ, ଉତ୍ତର ଆସେ - 'ଆଉ ଜମି ନାହିଁ ବାବା'। ଦାନର ପରମ୍ପରା ଏବେ କେବଳ ସ୍ମୃତି। ସ୍ମୃତିରେ ମାଟି ଉପୁଜେ ନାହିଁ, କେବଳ ବେଦନା ଉପୁଜେ।

ରାଜାଙ୍କ ଦ୍ୱାର ବନ୍ଦ ହେବା ପରେ ଲୋକଙ୍କ ଆଖି ସରକାରଙ୍କ ଆଡକୁ ଫେରିଲା। ସରକାର ଘୋଷଣା କଲେ 'ବସୁନ୍ଧରା'। ନାମଟି କେତେ ମଧୁର। ଅର୍ଥ ହେଲା - ଯିଏ ସମସ୍ତଙ୍କୁ ଧାରଣ କରେ। ଯୋଜନାର ଲକ୍ଷ୍ୟ ମହତ୍। ରାଜ୍ୟର ସମସ୍ତ ଭୂମିହୀନ ଓ ଅନଧିକୃତ ବସବାସକାରୀଙ୍କୁ ତାଙ୍କ ବାସ୍ତୁଳର ଆଇନଗତ ଅଧିକାର ଦିଆଯିବ। କାଗଜରେ ସବୁ ସୁନ୍ଦର। କିନ୍ତୁ ଜମିରେ ? ଜମିରେ ସବୁ ଶୂନ୍ୟ। ବସୁନ୍ଧରାର ସବୁଠାରୁ ବଡ ଅଭିଶାପ ହେଲା - ଭୂମିର ଘୋର ଅଭାବ। ସରକାର ପଟ୍ଟା ଦେବାକୁ ଚାହୁଁଛନ୍ତି, କିନ୍ତୁ ଦେବା ପାଇଁ ଜମି କେଉଁଠି ? ସହରର ପରିଧିରେ ଥିବା ସରକାରୀ ପତିତ ଜମି ସବୁ ଏବେ ଶିଳ୍ପ, ବିଶ୍ୱବିଦ୍ୟାଳୟ କିମ୍ବା ରିଆଲିଟି କମ୍ପାନୀର କବ୍ଜାରେ। ଗାଁରେ ଥିବା ଅନାବାଦି ଜମି ଉପରେ ପ୍ରଭାବଶାଳୀ ଲୋକଙ୍କ ନଜର। ତେଣୁ ସର୍ବେକ୍ଷଣ ହୁଏ, ତାଲିକା ତିଆରି ହୁଏ, କିନ୍ତୁ ଶେଷରେ ହାତକୁ ଆସେ ଗୋଟିଏ କାଗଜ -'ଆପଣଙ୍କ ନାମ ତାଲିକାରେ ଅଛି, ଜମି ମିଳିବା ବେଳେ ଜଣାଇ ଦିଆଯିବ'। ଏଇ ବେଳେ' ଟା ଆସେ ନାହିଁ। ଦଳିତ ବସ୍ତିରେ ଯାଇ ଦେଖନ୍ତୁ। ପିଢି ପରେ ପିଢି ସେମାନେ ଗୋଟିଏ ଟୁକୁରା ଜମିରେ ଝୋପଡି କରି ରହୁଛନ୍ତି। ସେମାନଙ୍କ ପାଖରେ ଆଧାର ଅଛି, ଭୋଟ କାର୍ଡ ଅଛି, ବସୁନ୍ଧରା ଆବେଦନର ରସିଦ ଅଛି। କିନ୍ତୁ ପଟ୍ଟା ନାହିଁ। କାରଣ ସରକାର କହୁଛନ୍ତି ସେଇ ଜମି ସରକାରୀ ନୁହେଁ, ବନ ବିଭାଗର, ସେଚ ବିଭାଗର, କିମ୍ବା ତାହା ଉପରେ ଆଗରୁ କେସ୍ ଚାଲିଛି। ତେଣୁ ସେମାନେ ଆଜି ବି 'ଅତିକ୍ରମଣକାରୀ'। ଘରେ ରହୁଥିଲେ ବି ନିଜର ନୁହେଁ। ବ୍ୟାଙ୍କ ଋଣ ମିଳୁନି, ଘର ଯୋଜନାର ସହାୟତା ମିଳୁନି। ଜୀବନ ଅନିଶ୍ଚିତତାର ଦୋହଲା ଦୋହଲି ଉପରେ।

ଯେଉଁ ଯୁବକ ବସୁନ୍ଧରା ଆଶାରେ ନିଜ ଝୋପଡିରେ ରହି ସ୍ୱପ୍ନ ଦେଖୁଥିଲା, ସେ ଆଜି ନିରାଶାରେ ସହରକୁ ପଳାଉଛି। ଯେଉଁ ମହିଳା ଭାବୁଥିଲା ନିଜ ନାମରେ ପଟ୍ଟା ହେଲେ ସମ୍ମାନ ମିଳିବ, ସେ ଆଜି ବି ଅନ୍ୟର ଜମିରେ ଶ୍ରମିକ।

ଏହାର କାରଣ କଣ ? ପ୍ରଥମତଃ ଇଚ୍ଛାଶକ୍ତିର ଅଭାବ। ଭୂମିହୀନଙ୍କୁ ଜମି ଦେବା ଅର୍ଥ ପ୍ରଭାବଶାଳୀ ଲୋକଙ୍କ ସ୍ୱାର୍ଥରେ ଆଘାତ। ତେଣୁ ଫାଇଲ୍ ଟେବୁଲରେ ଶୋଇ ରହେ। ଦ୍ୱିତୀୟତଃ ପ୍ରଶାସନିକ ଜଟିଳତା। ଗୋଟିଏ ପଟ୍ଟା ପାଇଁ ରାଜସ୍ୱ, ବନ, ସେଚ ବିଭାଗର ମତ ଲାଗେ। ଶେଷରେ କିଛି ହୁଏ ନାହିଁ। ତୃତୀୟତଃ ରାଜନୈତିକ ହିସାବ। ଜମି ଦେଲେ ଗୋଟିଏ ଭୋଟ ମିଳେ, କିନ୍ତୁ ନ ଦେଇ ପ୍ରତିଶ୍ରୁତି ଦେଲେ ଦଶଟି ଭୋଟ ମିଳେ। ତେଣୁ ପ୍ରତିଶ୍ରୁତି ହିଁ ବଡ।

ସମାଧାନ କଣ ? ପ୍ରଥମେ ସରକାରଙ୍କୁ ସ୍ୱୀକାର କରିବାକୁ ପଡିବ ଯେ କେବଳ ଯୋଜନା ଘୋଷଣା କଲେ ହବ ନାହିଁ, ଜମି ଚିହ୍ନଟ କରିବାକୁ ପଡିବ। ସହର ଓ ଗାଁ ନିକଟରେ ଥିବା ସରକାରୀ ଜମିକୁ ଚିହ୍ନଟ କରି ତୁରନ୍ତ ବଣ୍ଟନ କରିବାକୁ ପଡିବ। ଦ୍ୱିତୀୟରେ ଆଇନର ସରଳୀକରଣ। ଦଶନ୍ଧି ଧରି ଯେଉଁଠି ଲୋକେ ବସୁଛନ୍ତି, ସେଇଠି ତାଙ୍କୁ ଅଧିକାର ଦେଇଦିଅନ୍ତୁ। ତୃତୀୟରେ ସାମାଜିକ ଚାପ। ସମାଜର ବୁଦ୍ଧିଜୀବୀ, ସାମାଜିକ ସଂଗଠନ ଏବଂ ସାଧାରଣ ଲୋକଙ୍କୁ ଏକାଠି ହୋଇ ପ୍ରଶ୍ନ କରିବାକୁ ପଡିବ - ଆମ ପିତା ଆମକୁ ମାଟି ଦେଲେ, ଆଉ ତୁମେ କାହିଁକି ଦେଉନ ? ଉପସଂହାରରେ କେବଳ ଗୋଟିଏ କଥା। ରାଜାଙ୍କ ଦାନର ଯୁଗ ଶେଷ ହୋଇସାରିଛି। ଏବେ ଦାୟିତ୍ୱ ସରକାରଙ୍କ। ବସୁନ୍ଧରା କେବଳ ଗୋଟିଏ ନାମ ନ ରହୁ। ତାହା ସତରେ ବସୁନ୍ଧରା ହେଉ - ଯିଏ ସମସ୍ତଙ୍କୁ ଆଶ୍ରୟ ଦିଏ।

ଗୌରାଙ୍ଗପାଟଣା, ରମ୍ଭା, ଗଞ୍ଜାମ, ମୋ- ୯୩୯୧୫୯୪୭୯୭

# ଯେଉଁ ଭାରତ ଆମ ଯୁବପିଢ଼ି ପାଇଁ ଦରକାର

**ମହାମେଘବାହନ ଐର ଖାରବେଳ ସ୍ୱାଇଁ**

"ଯେତେବେଳେ ଯେଉଁମାନଙ୍କର ଅଭିଜ୍ଞତା ଅଛି ଏବଂ ଯେଉଁମାନେ ସଫଳତା ପାଇଛନ୍ତି ସେମାନେ ଜୀବନକୁ ଆଲୋକିତ କରିପାରନ୍ତି । ସେମାନେ ସତର୍କ ହେବା ଉଚ୍ଚିତ ଯେ ବାର୍ଦ୍ଧକ୍ୟବସ୍ଥା ସମ୍ପର୍କରେ ସେମାନେ କହୁନାହାନ୍ତି ଏବଂ ସେମାନେ ପରିବର୍ତ୍ତନର ରାସ୍ତାରେ ବାଧା ସୃଷ୍ଟି କରୁନାହାନ୍ତି । ଶତାୟୁମାନେ ଜେନ୍ ଜେଡ୍‌ଙ୍କ ସହିତ ମିଶି ୮୦ କୋଟି ଲୋକଙ୍କର ସଂଖ୍ୟାରେ ପରିଣତ ହୋଇଛନ୍ତି । ଏହି ସଂଖ୍ୟାକୁ ଯଦି ଠିକ୍ ବୋଲି ଧରାଯାଏ ଏବଂ ସେମାନେ ଯାହା କହୁଛନ୍ତି ତାହା ଠିକ୍ ବୋଲି ବିଚାର କରାଯାଏ ତା'ହେଲେ ତାହାକୁ ଶୁଣାଯିବା ଆବଶ୍ୟକ ଏବଂ ସେମାନେ ଭବିଷ୍ୟତର କଳ୍ପନା କରିବା ବେଳେ ଏକ ଢ଼ାଞ୍ଚା ବୋଲି ନିଜକୁ ପରିଣତ କରିବା ଉଚ୍ଚିତ।

୧୯୬୭ ମସିହାରେ ଚଳଚ୍ଚିତ୍ର ନିର୍ମାତା ଏସ୍‌ଏନ୍‌ଏସ୍ ଶାସ୍ତ୍ରୀ ୨୦ ବର୍ଷର କିଛି ପିଲାଙ୍କୁ ସାକ୍ଷାତ କରିଥିଲେ । ସେତେବେଳେ ୨୦ ବର୍ଷ ଧରି ସ୍ୱାଧୀନତା ଆସିଯାଇଥିଲା । ଜଣେ ଫେସନବାଲା ଯୁବକ ବିଟିଲ୍ସ ସଂଗୀତ ଗୋଷ୍ଠୀର ଗୀତକୁ ଗାଇଥିଲା ଯାହା ଏକ ଉପନ୍ୟାସରେ ଗାନ କରାଯାଇଥିଲା । ଆଉ ଜଣେ ଦିନ ମଜୁରିଆ ଗୋଟିଏ ପୃଥିବୀରେ ବଞ୍ଚିଥିଲା, ତେଣୁ ଗୋଟେ ପାର୍ଥକ୍ୟ ସେ ଜାଣିପାରୁଥିଲା ଏବଂ ସେ ଦେଶର ପ୍ରଧାନମନ୍ତ୍ରୀଙ୍କ ନାମ କହିପାରୁନଥିଲା । କିଛି ପିଲାମାନେ ଆଶା ବାନ୍ଧିଥିଲେ, ମୁଁ ସେମାନଙ୍କ ଅପେକ୍ଷା ଭଲରେ ଅଛି । ଏହି ବିଷୟରେ ଭଲ ଅଛି ବୋଲି ସେ ଗୀତ ଗାଉଥିଲା । ସେ ମୁଖ୍ୟତଃ ଜଣେ ବୁଦ୍ଧିମାନ ଯୁବକ ଥିଲା । ସେ ଏ ବିଷୟରେ ଅନୁମାନ ମଧ୍ୟ କରୁଥିଲା । ଦୁଇ ଦଶନ୍ଧି ପରେ ତା'ର ଧାରଣା ଥିଲା ଯେ ସ୍ୱାଧୀନତା ଆସିଛି ଏବଂ ଆଗାମୀ କାଲି ପାଇଁ ଆମେ ଆଶାବାଦୀ । ଆମର ବିଫଳତା ହେଉଛି ଆଜିର ବିଫଳତା । କିନ୍ତୁ ଆଜିର ବିଫଳତା ବଡ଼ ବିପଦପୂର୍ଣ୍ଣ ଅଟେ । ଭାରତ ଏହି ପରସ୍ପର ବିରୋଧୀ କଥାକୁ ସବୁବେଳେ ବାହାରେ ପ୍ରକାଶ କରିଛି । କିନ୍ତୁ ଏହା ଗୋଟିଏ ସାକ୍ଷାତକାର ଆଜି ଜେନ୍ ଜେଡ୍ ସାଙ୍ଗରେ କରାଯାଉଛି । ଏହାର ଉତ୍ତର ହେଉଛି ଅଧିକ ବିପଦପୂର୍ଣ୍ଣ । ଅନେକ ଦଶନ୍ଧି ହେଲା ଆମେ ଭାରତ ବର୍ଷକୁ ଜନସଂଖ୍ୟାର ବିଭାଜନକୁ ନେଇ ଏଥିରୁ କିଛି ଲାଭ ପାଇଛୁ । ଏମାନେ ହେଉଛନ୍ତି ସେହି ବ୍ୟକ୍ତି ଯେଉଁମାନେ ଏହି ଜନସଂଖ୍ୟା ବୃଦ୍ଧିର ଲାଭ ପାଉଛନ୍ତି । ଏମାନେ ତଥାପି ମଧ୍ୟ ଗୋଟେ ପୃଥିବୀର ମୁକାବିଲା କରୁଛନ୍ତି, ଯାହା ଅବିଶ୍ୱାସଜନକ ଭାବରେ ସତ୍ୟ । କୌଣସି କଥାକୁ ଅନୁମାନ କରିହେବନାହିଁ । ବିଶେଷ କରି ଚାକିରି କଥାକୁ ଅନୁମାନ କରିହେବନାହିଁ । ଟେକ୍ନୋଲୋଜିକୁ ମଧ୍ୟ ଅନୁମାନ କରିହେବନାହିଁ । ଏପରି ଜଳବାୟୁକୁ ମଧ୍ୟ ଅନୁମାନ କରିହେବନାହିଁ । ଅବଶ୍ୟ ବିଶେଷଜ୍ଞମାନେ ବିଭିନ୍ନ ତଥ୍ୟକୁ ନେଇ ଏବଂ ସଂଖ୍ୟାକୁ ନେଇ ବାସ୍ତବରେ ଯୁକ୍ତି କରିପାରନ୍ତି ଯେ ଦେଶ ଅନେକ ଦୂର ବିକାଶରେ ଆଗେଇ ଯାଇଛି । କିନ୍ତୁ ସେହି ଦେଶମାନେ ଓ ଲୋକମାନେ ଏଥିରେ ସନ୍ତୁଷ୍ଟ ନୁହନ୍ତି ଏବଂ ସଂଖ୍ୟାଗତ ପ୍ରଦର୍ଶନ ଯଥେଷ୍ଟ ନୁହେଁ । ଏହା ଲୋକଙ୍କ ପାଇଁ ହେଉଛି ଗୋଟେ ଛୋଟ ସାନ୍ତ୍ୱନା ଯେ ଇଣ୍ଟରନେଟ୍ ସୁବିଧା ନ ଥିବା ଗୋଟେ ଛାତ୍ରକୁ କହିବା ଯେ ତା'ର ବୁଢ଼ୀମା' ନିକଟରେ ଗୋଟିଏ ପେନ୍‌ସିଲ୍ ମଧ୍ୟ ନ ଥିଲା । ଏହି ଉଦ୍‌ବେଗର ଯୁଗରେ ଆମେ କିପରି ଆମ ଭାରତର ଯୁବକମାନଙ୍କୁ ତିଆରି କରିବା । ଆରମ୍ଭରେ ବିଭିନ୍ନ ପ୍ରତିଷ୍ଠାନ ଯେଉଁମାନେ ଆମର ଦେଶକୁ ଯୁବକମାନଙ୍କ ପାଇଁ କେମିତି ଭାବରେ ଗଢ଼ିପାରିବୁ ତାହା ଦେଖିବା ଉଚ୍ଚିତ । ପ୍ରାରମ୍ଭିକ ଭାବରେ ଏ ଦେଶକୁ ଯେଉଁ ଯୁବକମାନେ ଆଧିପତ୍ୟ ବିସ୍ତାର କରୁଛନ୍ତି ସେମାନେ ମର୍ଯ୍ୟାଦାର ସହ କାମ କରିବା ଉଚ୍ଚିତ ।

ବୟସ ମଣିଷକୁ ଅଭିଜ୍ଞତା ଦିଏ ଏବଂ ବୁଦ୍ଧିମତ୍ତା ଆଣିଦିଏ । କିନ୍ତୁ ଏହା ସ୍ୱୀକାର କରାଯାଏ ଯେ ଏହା ମଧ୍ୟ ଧୀରେ ଧୀରେ ପୁରୁଣା ହୋଇଯାଏ । ବୟସର ବଢ଼ିବା ସଙ୍ଗେ ସଙ୍ଗେ ପୁରୁଣା ହୋଇଚାଲେ । ଏହା ଅତିବେଶି ନୀତିନିଷ୍ଠ ବୋଲି ଦେଖାଇ ହୁଏ ଏବଂ ଏହା ନୂଆ କିଛି ମତକୁ ଗ୍ରହଣ କରିବାକୁ ସହଜରେ ରାଜି ହୁଏନାହିଁ । ଯେତେବେଳେ ଯେଉଁମାନଙ୍କର ଅଭିଜ୍ଞତା ଅଛି ଏବଂ ଯେଉଁମାନେ ସଫଳତା ପାଇଛନ୍ତି ସେମାନେ ଜୀବନକୁ ଆଲୋକିତ କରିପାରନ୍ତି । ସେମାନେ ସତର୍କ ହେବା ଉଚ୍ଚିତ ଯେ ବାର୍ଦ୍ଧକ୍ୟବସ୍ଥା ସମ୍ପର୍କରେ ସେମାନେ କହୁନାହାନ୍ତି ଏବଂ ସେମାନେ ପରିବର୍ତ୍ତନର ରାସ୍ତାରେ ବାଧା ସୃଷ୍ଟି କରୁନାହାନ୍ତି । ଶତାୟୁମାନେ ଜେନ୍ ଜେଡ୍‌ଙ୍କ ସହିତ ମିଶି ୮୦ କୋଟି ଲୋକଙ୍କର ସଂଖ୍ୟାରେ ପରିଣତ ହୋଇଛନ୍ତି । ଏହି ସଂଖ୍ୟାକୁ ଯଦି ଠିକ୍ ବୋଲି ଧରାଯାଏ ଏବଂ ସେମାନେ ଯାହା କହୁଛନ୍ତି ତାହା ଠିକ୍ ବୋଲି ବିଚାର କରାଯାଏ ତା'ହେଲେ ତାହାକୁ ଶୁଣାଯିବା ଆବଶ୍ୟକ ଏବଂ ସେମାନେ ଭବିଷ୍ୟତର କଳ୍ପନା କରିବା ବେଳେ ଏକ ଢ଼ାଞ୍ଚା ବୋଲି ନିଜକୁ ପରିଣତ କରିବା ଉଚ୍ଚିତ । କିନ୍ତୁ ଭବିଷ୍ୟତ ପାଇଁ ଯେକୌଣସି ଡିଜାଇନ୍ ଗୋଟିଏ ପ୍ରଶ୍ନର ଉତ୍ତର ଦେବା ଉଚ୍ଚିତ ଯେ ଯେଉଁ ପରିବର୍ତ୍ତନ ହେଉଛି ତା'ର ଲକ୍ଷ୍ୟ କ'ଣ । ସବୁବେଳେ ସେଠାରେ ଗୋଟିଏ ଚିତ୍ର ଅଛି ଯେ ସଫଳ ହେଉଛି ଗୋଟେ ବାଲାନ୍ସ ସିଟ୍ ଅଥବା ଲାଭକ୍ଷତିର ହିସାବ । ଚାକିରି, ଶିଳ୍ପ, ଜିଡିପି ସବୁର ଲାଭକ୍ଷତିର ହିସାବ । ଏହାର ବାସ୍ତବତା ଅଛି । କିନ୍ତୁ ଏଥିରେ ଗୋଟେ ଆମ ସମସ୍ତଙ୍କର ଅଭିଳାଷର ସମଗ୍ର ହିସାବ ରହିଛି, ଯାହା ସମାଜରେ ସାଧାରଣତଃ ଘଟିଥାଏ । ୨୦୬୭ରେ ଭାରତ ବର୍ଷର ଶିଶୁମାନେ ଏହିପରି ହତାଶାରେ ରହିଥିବେ ଏବଂ ସେମାନଙ୍କ ମନରେ ଅବସାଦ ଥିବ ଏବଂ ସେମାନେ ମୂଷା ଦୌଡ଼ରେ ଅଭ୍ୟସ୍ତ ଥିବେ ଏବଂ ୨୦ଟି ଆଇଆଇଟି ଅଧିକ ସଂଖ୍ୟାରେ ଗଢ଼ାହେବା ସେମାନେ ଚାହୁଁଥିବେ । ଏହା ଗୋଟିଏ ଦେଶର ଉଜ୍ଜ୍ୱଳ କରୁଥିବା ଲକ୍ଷଣ ନୁହେଁ । ଗୋଟିଏ ଦେଶର ଚକ୍ ଚକ୍ କରୁଥିବା କର୍ପୋରେଟ୍ ଅଫିସ୍ ଯେଉଁଠି ପୁରୁଷ ଓ ନାରୀ ଅନେକ କାଳ ଧରି ପଡ଼ି ରହିଥାନ୍ତି ଏବଂ ସେମାନଙ୍କ ନିକଟକୁ ତାହା ଦ୍ୱାରା ସ୍ପଷ୍ଟ ରୋଗ ଆକ୍ରମଣ କରେ ତାହା ଦେଶର ପ୍ରଗତି ନୁହେଁ । ଯେତେବେଳେ ଆମେ କହିବାକୁ ଚାହୁଁ ଏହି ଆକାଂକ୍ଷା ଗୋଟିଏ ପୂର୍ଣ୍ଣ ଜୀବନ ପାଇଁ ହୋଇଥାଏ, ସେତେବେଳେ ଆନନ୍ଦ ପାଇଁ ସୁଖ ପାଇଁ ଏବଂ କୌତୂହଳ ପାଇଁ ଏବଂ ଗୋଟିଏ ସ୍ୱପ୍ନ ପାଇଁ କାମ କରୁଥାଏ ଏବଂ ସ୍ୱପ୍ନ ଦେଖୁଥାଏ ।

ଏ ସବୁ କଥା ଭିତରେ ଗୋଟିଏ ବହୁତ ବଡ଼ ଦୂରତ୍ୱ ଥାଏ, ଯାହାକି ମର୍ଯ୍ୟାଦାପୂର୍ଣ୍ଣ ଅଟେ । କିନ୍ତୁ ତାହା ହୁଏନାହିଁ । ଏହାକୁ କୁହାଯାଏ ଗୋଟିଏ ଆନନ୍ଦକର ଅବସ୍ଥିତି । ଆମେ ଯଦି ଏହି ଲକ୍ଷ୍ୟ ପାଇଁ ନିଜକୁ ପ୍ରସ୍ତୁତ କରୁ ଆମର ଅନେକ କଥା ସେପରି ଭାବରେ ଗଢ଼ାଯିବାକୁ ହେବ । ଭାରତର ଆସନ୍ତାକାଲି ବଡ଼ ଧରଣର ଲାଭ ସୃଷ୍ଟି କରିବ କି ଯେଉଁଥିରେ ଗୋଟିଏ ବଡ଼ ସଂସଦ ଯେଉଁଥିରେ ଅଧିକ ଆସନ ଅଛି ସେମାନେ ଯୁବପିଢ଼ିକୁ ଅଧିକ ଲାଭ ଦେଇପାରିବେ କି ? ଯଦି ସଂସଦରେ ଗୃହୀତ ବିଲ୍ ଯାହାକି ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସମ୍ପର୍କରେ ଅଟେ, ଯଦି ସେଗୁଡ଼ିକ ଗୃହିତ ହୁଏ ତା'ହେଲେ ରାଷ୍ଟ୍ରର ଉଦ୍ଧାର ହେବ କି ? ଯଦି ବିଲ୍‌ମାନେ ବଡ଼ ଧରଣର ହୁଅନ୍ତି ସଂସଦ ଦେଶର ଅଧିକ ମଙ୍ଗଳ କରିପାରିବ କି ? ଗୋଟିଏ ଛୋଟ ସଂସଦ ଗୃହ ଯେଉଁ ସ୍ଥାନମାନଙ୍କରେ ଅଛି ସେଗୁଡ଼ିକ ରହିବା ଉଚ୍ଚିତ କି, ଯାହାକି ରାଷ୍ଟ୍ରୀୟ ସ୍ୱାର୍ଥକୁ ଆହୁରି ଭଲ ଭାବରେ ଦେଖିପାରେ ତାହା ରହିବା ଉଚ୍ଚିତ । କାଲିର ଭାରତ ବର୍ଷ ଯଦି ଆହୁରି ବଡ଼ ସଂସଦ ହୁଏ ଏବଂ ଏଥିରେ ଆହୁରି ବେଶି ଆସନ ବଢ଼େ ତା'ହେଲେ ସେଥିରୁ ଲାଭବାନ ହେବ କି ଅବା ଯେଉଁ ବିଲ୍‌ମାନ ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବାରେ ସମ୍ପୃକ୍ତ ଯଦି ସେମାନଙ୍କୁ ଗୃହିତ କରିଦିଆଯାଏ ଏବଂ ଅଳ୍ପ ବିତର୍କରେ ଅଳ୍ପ କେଇ ମିନିଟ୍‌ରେ ଗୃହୀତ କରିଦିଆଯାଏ ତା'ହେଲେ ଭାରତ ବର୍ଷ ଲାଭବାନ ହେବ କି ? ଗୋଟିଏ ଛୋଟିଆ ସଂସଦ ଗୃହ ଯାହାର କଥା ଅଧିକ ଲୋକଙ୍କ ଦ୍ୱାରା ଗୃହୀତ ହୁଏ ତା'ହେଲେ ଭାରତର ଅଧିକ ଲାଭ ହେବ କି ? ତେଣୁ ପ୍ରଶ୍ନ ହେଉଛି ସଂସଦର ଆକାର କେମିତି ସେଇଟା ଏକମାତ୍ର କଥା ନୁହେଁ । ସେଗୁଡ଼ିକ ରାଷ୍ଟ୍ରୀୟ ସ୍ୱାର୍ଥକୁ କେତେ ଭଲ ଭାବରେ ପୂରଣ କରିବେ ତାହା ହେଉଛି ମୁଖ୍ୟ କଥା । ଆହୁରି ଯୁବକମାନଙ୍କ ପାଇଁ ଭାରତ ବର୍ଷ ଯେଉଁଠିକି ଆମ ଭିତରୁ ଅଧିକାଂଶ ରହିଛୁ ଏବଂ ଅନ୍ୟମାନଙ୍କୁ ସେଥିରୁ ଅଲଗା କରିଦିଆଯାଇଛି ସେ ଦେଶର ଭବିଷ୍ୟତ କ'ଣ ହେବ । ଭାରତ ଏପରି ଏକ ଦେଶରେ ପରିଣତ ହେବା ଉଚ୍ଚିତ ନୁହେଁ ଯେଉଁଠି ପୁରୁଷ, ସ୍ତ୍ରୀ ରହିବା ପାଇଁ ସଂଗ୍ରାମ କରନ୍ତି । ଏହା ଏପରି ଏକ ଦେଶ ହେବା ଉଚ୍ଚିତ ନୁହେଁ ଯାହା ଧର୍ମ, ଜାତି ନାଁରେ ଲଢ଼େଇ କରୁଥିବା ଅଞ୍ଚଳରେ ପରିଣତ ହେବା ଉଚ୍ଚିତ କି ? ଏଥିପାଇଁ ଆମେ ଆମର ଶକ୍ତିକୁ ନଷ୍ଟ କରିବା ଉଚ୍ଚିତ କି, ଯେଉଁଠି ପୁରୁଣା କଥା ବଡ଼ ସମସ୍ୟା ହୋଇ ରହିଛି । ଏହା ଭାରତ ବର୍ଷର ଭବିଷ୍ୟତକୁ ଆଗେଇବା ପ୍ରଶ୍ନ ହିସାବରେ ପରିଣତ ହେବା ଉଚ୍ଚିତ କି ? ଅତୀତକୁ ନେଇ ଆମର ଯେଉଁ ଯନ୍ତ୍ରଣାଦାୟକ ଫୋଟକାମାନ ରହିଛି ତାହାକୁ ଭବିଷ୍ୟତରେ ପୁଣି ଚଳେଇବା ଉଚ୍ଚିତ କି ? ଏଥିରେ ଭାରତ ବର୍ଷରେ ଗୋଟିଏ ସମ୍ପ୍ରଦାୟ ଏବଂ ଅନ୍ୟ ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷକୁ ବଡ଼ ଆକାରରେ ବର୍ଣ୍ଣନା କରିବା ଉଚ୍ଚିତ କି, ଯେଉଁଠି ନାରୀମାନେ ଏବଂ ପୁରୁଷମାନେ ବଞ୍ଚିବା ପାଇଁ ସଂଗ୍ରାମ କରନ୍ତି, ସେପରି ସମାଜ ଆବଶ୍ୟକ କି ? ଭାରତ ଏପରି ଗୋଟେ ଦେଶରେ ପରିଣତ ହେବା ଉଚ୍ଚିତ ନୁହେଁ, ଯେଉଁଠିକି ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଚାଲିବା ଉଚ୍ଚିତ କି ? ଆମେ ବିଦ୍ୟୁତ ଶକ୍ତିକୁ ଅଯଥାରେ ନଷ୍ଟ କରିବା ଉଚ୍ଚିତ ନୁହେଁ ଏବଂ ଅତୀତର ବିଭିନ୍ନ ସଂଗ୍ରାମକୁ ନେଇ ଏ ପର୍ଯ୍ୟନ୍ତ ସଂଗ୍ରାମ କରୁଥିବା ଉଚ୍ଚିତ କି ? ଭାରତର ଅଧିକାଂଶ ସମସ୍ୟା ଆଦର୍ଶ ସହିତ ଜଡ଼ିତ ।

୧୯୬୭ର ଗୋଟିଏ ଫିଲ୍ମରେ ଭାରତର ଏହି ସଂଘର୍ଷ ଜଡ଼ିତ ଅଛି । ସେଥିରେ କୁହାଯାଇଛି ମଣିଷ କେତେଗୁଡ଼ିଏ ପଦାର୍ଥ ପାଇଁ ବଞ୍ଚିଛି । କିନ୍ତୁ ବାସ୍ତବରେ ଦେଖିବାକୁ ଗଲେ କିଛି କଥା ପାଇଁ ସେମାନେ ବଞ୍ଚନ୍ତି । ସେମାନଙ୍କର ଭାବପ୍ରବଣ ସମ୍ପର୍କ କିଛି କଥାରେ ଥାଏ ଏବଂ ସେମାନେ କିଛି କଥାରେ ସମ୍ପୃକ୍ତ ଥାଆନ୍ତି ।(ପ୍ରଥମ ଭାଗ)

ମୋ-୯୪୩୭୦୨୦୨୯୦

# ମହଙ୍ଗାରେ ଛଟପଟ ମଧ୍ୟବିତ୍ତର ପ୍ରାଣ

**ସୌଭାଗ୍ୟ ରଞ୍ଜନ ମହାନ୍ତି**

"**ଆଜି ଚିନିର ଦର ବଢ଼ିଲା, ପିଆଜର ଦର ବଢ଼ିଲା, ଡାଲିର ଦର ବଢ଼ିଲା, ତେଲର ଦର ବଢ଼ିଲା—ପ୍ରତ୍ୟେକ ବୃଦ୍ଧି ଦେଖିବାକୁ ଛୋଟ ଲାଗିପାରେ, କିନ୍ତୁ ମାସ ଶେଷରେ ସେହି ଛୋଟ ଛୋଟ ବୃଦ୍ଧିଗୁଡ଼ିକ ମିଶି ଏକ ବଡ଼ ଭାର ହୋଇଯାଏ। ଘରର ଗୃହିଣୀ ସେହି ଭାରକୁ ସବୁଠାରୁ ପ୍ରଥମେ ଅନୁଭବ କରନ୍ତି। ବଜାରରୁ ଫେରି ସେ ଯେତେବେଳେ ଘରର ଥଳି ଖୋଲନ୍ତି, ସେତେବେଳେ ବୁଝନ୍ତି—ଆଜି ମଧ୍ୟ ସେହି ଟଙ୍କା ଖର୍ଚ୍ଚ ହେଲା, କିନ୍ତୁ ସାମଗ୍ରୀ କମ୍ ଆସିଲା। ଏହା କେବଳ ତାଙ୍କର ହିସାବ ନୁହେଁ; ଏହା ଦେଶର ଲକ୍ଷ ଲକ୍ଷ ଘରର ହିସାବ।**

ଦୁଇ ଆୟ, ଗୋଟିଏ ପିଲା— ତଥାପି ମାସ ଶେଷରେ ହିସାବ ଶୂନ୍ୟ; ମହଙ୍ଗା ମଧ୍ୟବିତ୍ତର ପ୍ରାଣକୁ ଛଟପଟ କରୁଛି। ଏକ ସମୟ ଥିଲା, ଗୋଟିଏ ପରିବାରରେ ଜଣେ ଲୋକଙ୍କ ରୋଜଗାରରେ ଘର ଚାଲିଯାଉଥିଲା, ସନ୍ତାନ ପାଠ ପଢୁଥିଲା, ପର୍ବପର୍ବାଣିରେ ନୂଆ ପୋଷାକ ଆସୁଥିଲା, ଘରକୁ ଅତିଥି ଆସିଲେ ମନ ଖୋଲି ଆତିଥ୍ୟ ହେଉଥିଲା ଏବଂ ମାସ ଶେଷରେ ଅଳ୍ପ କିଛି ଟଙ୍କା ସଞ୍ଚୟ ମଧ୍ୟ ହୋଇଯାଉଥିଲା। ଆଜି ସମୟ ବଦଳିଛି, ଆବଶ୍ୟକତା ବଢ଼ିଛି, ଜୀବନର ଗତି ବଢ଼ିଛି, କିନ୍ତୁ ତାହାଠାରୁ ଅଧିକ ଦ୍ରୁତ ଗତିରେ ବଢ଼ିଛି ଜୀବନଯାପନର ଖର୍ଚ୍ଚ। ଆଜିର ଚିତ୍ର ହେଉଛି—ସ୍ୱାମୀ ରୋଜଗାର କରୁଛନ୍ତି, ସ୍ତ୍ରୀ ମଧ୍ୟ ରୋଜଗାର କରୁଛନ୍ତି, ଘରେ ମାତ୍ର ଗୋଟିଏ ସନ୍ତାନ, ତଥାପି ମାସ ଶେଷରେ ହିସାବ ମେଳୁନାହିଁ। ଦୁଇଟି ଆୟ ମିଶି ଘରକୁ ଆସୁଛି, କିନ୍ତୁ ଟଙ୍କା ହାତରେ ରହୁନାହିଁ। ଦରମା ଆସିବାର ଦିନ ଯେଉଁ ଆନନ୍ଦ ଥାଏ, ମାସର ଶେଷ ସପ୍ତାହରେ ସେହି ପରିବାର ପୁଣି କ୍ୟାଲେଣ୍ଡର ଦେଖେ—ଆଉ କେତେ ଦିନ ବାକି? ଆଉ କେତେ ଟଙ୍କା ରହିଛି? ଏହା କୌଣସି ଏକ ପରିବାରର କାହାଣୀ ନୁହେଁ; ଏହା ଆଜିର ମଧ୍ୟବିତ୍ତ ପରିବାରର ନିରବ ଯନ୍ତ୍ରଣା। ମହଙ୍ଗା ଆଜି କେବଳ ବଜାରର ଦର ନୁହେଁ, ଏହା ପରିବାରର ସ୍ୱପ୍ନକୁ ଛୋଟ କରୁଥିବା ଏକ ଅଦୃଶ୍ୟ ଚାପ। ମାସିକ ଦରମା ବଢ଼ିଲେ ମଧ୍ୟ ଯଦି ଘରଭଡ଼ା, ବିଦ୍ୟୁତ, ପାଣି, ପିଲାର ପାଠପଢ଼ା, ଯାତାୟାତ, ଔଷଧ, ରୋଷେଇ ଖର୍ଚ୍ଚ, ଦୁଧ, ତେଲ, ଡାଲି, ପିଆଜ, ଚିନି ଓ ଦୈନନ୍ଦିନ ଆବଶ୍ୟକ ସାମଗ୍ରୀର ଦର ତାଠାରୁ ଅଧିକ ବେଗରେ ବଢ଼େ, ତେବେ ଆୟ ବଢ଼ିଲେ ମଧ୍ୟ ଜୀବନର ସୁବିଧା ବଢ଼େ ନାହିଁ। ଏହି ହେଉଛି ଆଜିର ମଧ୍ୟବିତ୍ତର ସବୁଠାରୁ ବଡ଼ ବିଡ଼ମ୍ବନା। ସ୍ୱାମୀ-ସ୍ତ୍ରୀ ଦୁହେଁ କାମ କରୁଛନ୍ତି, କିନ୍ତୁ ଦୁହେଁ ଘରକୁ ଫେରିବା ବେଳେ ଥକି ଯାଉଛନ୍ତି। ଘରକୁ ଆସିବା ପରେ ମଧ୍ୟ ମନରେ ଆଉ ଏକ ହିସାବ ଚାଲିଥାଏ—ପିଲାର ବିଦ୍ୟାଳୟ ଫିସ୍ କେତେ, ଘରର ଋଣ କିସ୍ତି କେତେ, ବିଦ୍ୟୁତ ବିଲ୍ କେତେ, ଘରଭଡ଼ା କେତେ, ବଜାର ଖର୍ଚ୍ଚ କେତେ, ଆଉ ହଠାତ୍ କେହି ଅସୁସ୍ଥ ହେଲେ କେଉଁଠାରୁ ଟଙ୍କା ଆସିବ? ଏହି ଶେଷ ପ୍ରଶ୍ନଟି ହିଁ ସବୁଠାରୁ ବଡ଼ ଭୟ। କାରଣ ମଧ୍ୟବିତ୍ତ ପରିବାରର ଜୀବନରେ ଦାରିଦ୍ର୍ୟର ସରକାରୀ ପରିଭାଷା ନଥାଇପାରେ, କିନ୍ତୁ ଅନିଶ୍ଚିତତାର ଭୟ ନିଶ୍ଚିତ ରହିଛି। ସେମାନେ ଭୋକରେ ରହିବାକୁ ଚାହାନ୍ତି ନାହିଁ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚ କରିବାର ସାମର୍ଥ୍ୟ ମଧ୍ୟ ନାହିଁ। ସେମାନେ ସନ୍ତାନଙ୍କୁ ଭଲ ଶିକ୍ଷା ଦେବାକୁ ଚାହାନ୍ତି, କିନ୍ତୁ ଶିକ୍ଷାର ଖର୍ଚ୍ଚ ପ୍ରତିବର୍ଷ ବଢୁଛି। ସେମାନେ ନିଜ ଘର କରିବାକୁ ଚାହାନ୍ତି, କିନ୍ତୁ ଜମି ଓ ଘରର ଦର ତାଙ୍କ ସ୍ୱପ୍ନଠାରୁ ଦୂରକୁ ଯାଉଛି। ସେମାନେ ସନ୍ତାନଙ୍କୁ ଭଲ ଖାଦ୍ୟ ଦେବାକୁ ଚାହାନ୍ତି, କିନ୍ତୁ ଦୈନନ୍ଦିନ ବଜାରର ଦର ତାଙ୍କ ହାତକୁ ବାନ୍ଧି ଦେଉଛି।

ମାଆ ନିଜ ପାଇଁ ନୂଆ ଶାଢ଼ି କିଣୁନାହାନ୍ତି, ବାପା ନିଜ ପାଇଁ ନୂଆ ପୋଷାକ କିଣୁନାହାନ୍ତି, ଦୁହେଁ ମିଶି ପିଲା ପାଇଁ ଭଲ ବିଦ୍ୟାଳୟ, ଭଲ ପୁସ୍ତକ ଓ ଭଲ ଭବିଷ୍ୟତ ଖୋଜୁଛନ୍ତି। ଏହା ହେଉଛି ମଧ୍ୟବିତ୍ତ ଭାରତର ନିରବ ତ୍ୟାଗ। କିନ୍ତୁ ପ୍ରଶ୍ନ ହେଉଛି—ଏହି ତ୍ୟାଗର ସୀମା କେଉଁଠି? ଆୟ ଦୁଇଟି ହେଲେ ମଧ୍ୟ ଯଦି ସଞ୍ଚୟ ଶୂନ୍ୟ, ତେବେ ଭବିଷ୍ୟତ କେଉଁଠାରେ? ଆଜି ଅନେକ ପରିବାର ମାସିକ ଆୟରୁ କିଛି ଅଂଶ ସଞ୍ଚୟ କରିବାକୁ ଚାହାନ୍ତି, କିନ୍ତୁ ମାସିକ ଖର୍ଚ୍ଚ ସେହି ସୁଯୋଗ ଦେଉନାହିଁ। ଆପଦକାଳୀନ ପରିସ୍ଥିତି ପାଇଁ ଟଙ୍କା ରଖିବା କଷ୍ଟକର ହେଉଛି। ଜଣେ ସନ୍ତାନ ଅସୁସ୍ଥ ହେଲେ ଚିକିତ୍ସା ଖର୍ଚ୍ଚ, ବୃଦ୍ଧ ବାପା-ମାଆଙ୍କ ଚିକିତ୍ସା, ହଠାତ୍ ଚାକିରି ହରାଇବା କିମ୍ବା ଅନ୍ୟ କୌଣସି ଜରୁରୀ ଖର୍ଚ୍ଚ ଆସିଲେ ସମଗ୍ର ଘରୋଇ ଅର୍ଥନୀତି ଦୋହଲିଯାଏ। ଏହି କାରଣରୁ ମହଙ୍ଗାଇକୁ କେବଳ ଉପଭୋକ୍ତା ମୂଲ୍ୟ ସୂଚକର ଏକ ପ୍ରତିଶତ ଭାବେ ଦେଖିଲେ ହେବ ନାହିଁ। ମହଙ୍ଗାଇର ପ୍ରକୃତ ଅର୍ଥ ହେଉଛି—ଜଣେ ପରିବାରର ଭବିଷ୍ୟତ ସୁରକ୍ଷା କେତେ ଦୁର୍ବଳ ହେଉଛି। ଆଜି ଚିନିର ଦର ବଢ଼ିଲା, ପିଆଜର ଦର ବଢ଼ିଲା, ଡାଲିର ଦର ବଢ଼ିଲା, ତେଲର ଦର ବଢ଼ିଲା—ପ୍ରତ୍ୟେକ ବୃଦ୍ଧି ଦେଖିବାକୁ ଛୋଟ ଲାଗିପାରେ, କିନ୍ତୁ ମାସ ଶେଷରେ ସେହି ଛୋଟ ଛୋଟ ବୃଦ୍ଧିଗୁଡ଼ିକ ମିଶି ଏକ ବଡ଼ ଭାର ହୋଇଯାଏ। ଘରର ଗୃହିଣୀ ସେହି ଭାରକୁ ସବୁଠାରୁ ପ୍ରଥମେ ଅନୁଭବ କରନ୍ତି। ବଜାରରୁ ଫେରି ସେ ଯେତେବେଳେ ଘରର ଥଳି ଖୋଲନ୍ତି, ସେତେବେଳେ ବୁଝନ୍ତି—ଆଜି ମଧ୍ୟ ସେହି ଟଙ୍କା ଖର୍ଚ୍ଚ ହେଲା, କିନ୍ତୁ ସାମଗ୍ରୀ କମ୍ ଆସିଲା। ଏହା କେବଳ ତାଙ୍କର ହିସାବ ନୁହେଁ; ଏହା ଦେଶର ଲକ୍ଷ ଲକ୍ଷ ଘରର ହିସାବ। ମହଙ୍ଗାଇର ଆଉ ଏକ ଅଦୃଶ୍ୟ ପ୍ରଭାବ ହେଉଛି ମନୋବୈଜ୍ଞାନିକ ଚାପ। ଯେତେବେଳେ ଦୁଇଜଣ ରୋଜଗାର କରୁଥିବା ଲୋକ ନିଜ ପରିବାର ପାଇଁ ପରିଶ୍ରମ କରି ମଧ୍ୟ ସୁରକ୍ଷିତ ଭବିଷ୍ୟତ ଗଢ଼ିପାରୁନାହାନ୍ତି, ସେତେବେଳେ ମନରେ ହତାଶା ଜନ୍ମ ନେଇଥାଏ। ସ୍ୱାମୀ ଭାବନ୍ତି—ମୁଁ ଆଉ କେତେ ଅଧିକ ରୋଜଗାର କରିବି? ସ୍ତ୍ରୀ ଭାବନ୍ତି—ମୋ ରୋଜଗାରର ଅଧିକାଂଶ ଘରଖର୍ଚ୍ଚରେ ଯାଉଛି, ତଥାପି କାହିଁକି ମାସ ଶେଷରେ ଟଙ୍କା ରହୁନାହିଁ? ଦୁହେଁ ନିଜ ନିଜ ଭାବରେ ଚିନ୍ତା କରନ୍ତି, କିନ୍ତୁ ସମସ୍ୟା ଏକ—ଆୟ ଓ ଜୀବନଯାପନ ଖର୍ଚ୍ଚର ମଧ୍ୟରେ ବଢୁଥିବା ଦୂରତା। ଏହି ଚାପ ଧୀରେ ଧୀରେ ପରିବାରର ଆନନ୍ଦକୁ ମଧ୍ୟ ପ୍ରଭାବିତ କରିପାରେ।

ଏକ ସୁସ୍ଥ ଅର୍ଥନୀତି ସେହିଟି ନୁହେଁ ଯେଉଁଠି କେବଳ ଉତ୍ପାଦନ ବଢ଼େ; ସୁସ୍ଥ ଅର୍ଥନୀତି ସେହିଟି, ଯେଉଁଠି ସାଧାରଣ ପରିବାର ନିଜ ଆୟରେ ସମ୍ମାନର ସହିତ ଜୀବନ ବିତାଇପାରେ, କିଛି ସଞ୍ଚୟ କରିପାରେ, ସନ୍ତାନର ଭବିଷ୍ୟତ ଗଢ଼ିପାରେ ଏବଂ ଅସୁସ୍ଥତା ବା ଜରୁରୀ ସମୟରେ ଭାଙ୍ଗିପଡ଼େ ନାହିଁ। ସରକାରଙ୍କ ପାଇଁ ଏହି ସମୟରେ ସବୁଠାରୁ ବଡ଼ ଆହ୍ୱାନ ହେଉଛି ଦରବୃଦ୍ଧିକୁ ନେଇ ସଚେତନ ଓ ସମୟୋପଯୋଗୀ ପଦକ୍ଷେପ। ଆବଶ୍ୟକ ଖାଦ୍ୟ ସାମଗ୍ରୀର ଯୋଗାଣ ନିରବିଚ୍ଛିନ୍ନ ରହିବା, ମଜୁତକାରୀ ଓ କୃତ୍ରିମ ଅଭାବ ସୃଷ୍ଟିକାରୀଙ୍କ ଉପରେ ନଜର, ବଜାର ନିରୀକ୍ଷଣ, ଚାଷୀଙ୍କୁ ଉତ୍ପାଦନର ଯଥୋଚିତ ମୂଲ୍ୟ ଏବଂ ଉପଭୋକ୍ତାଙ୍କୁ ଯୁକ୍ତିସଙ୍ଗତ ଦର—ଏହି ସନ୍ତୁଳନ ଅତ୍ୟନ୍ତ ଆବଶ୍ୟକ। ଦରବୃଦ୍ଧିର ସମଗ୍ର ଭାରକୁ ଉପଭୋକ୍ତାଙ୍କ ମୁଣ୍ଡରେ ଦେଇ ଦିଆଯାଇପାରିବ ନାହିଁ। ସେହିପରି ଚାଷୀଙ୍କୁ ମଧ୍ୟ ତାଙ୍କ ଉତ୍ପାଦର ନ୍ୟାୟସଙ୍ଗତ ମୂଲ୍ୟରୁ ବଞ୍ଚିତ କରିବା ଚାଲିବ ନାହିଁ। ଦୁଇ ପକ୍ଷର ମଧ୍ୟରେ ନ୍ୟାୟସଙ୍ଗତ ବଜାର ବ୍ୟବସ୍ଥା ହିଁ ସମାଧାନ। ଆମ ମଧ୍ୟବିତ୍ତ ପରିବାରଙ୍କୁ ମଧ୍ୟ ନିଜ ଆୟ-ବ୍ୟୟର ଯୋଜନା କରିବାକୁ ପଡ଼ିବ, କିନ୍ତୁ ଏହା ମନେ ରଖିବା ଦରକାର ଯେ ବ୍ୟକ୍ତିଗତ ସଞ୍ଚୟ ଓ ସଠିକ୍ ଅର୍ଥନୈତିକ ନୀତି—ଦୁଇଟି ପରସ୍ପର ପୂରକ। କେବଳ ଲୋକଙ୍କୁ "ଖର୍ଚ୍ଚ କମାନ୍ତୁ" କହିଲେ ସମସ୍ୟା ସମାଧାନ ହେବ ନାହିଁ, ଯଦି ଆବଶ୍ୟକ ସାମଗ୍ରୀର ଦର ନିରନ୍ତର ବଢ଼ିଚାଲେ। ଜଣେ ପରିବାର ଯେତେ ଦୂର ସମ୍ଭବ ଖର୍ଚ୍ଚ କମାଇପାରେ; କିନ୍ତୁ ଖାଦ୍ୟ, ଶିକ୍ଷା, ଘର, ଚିକିତ୍ସା ଓ ଯାତାୟାତ ଭଳି ଆବଶ୍ୟକତାକୁ ସମ୍ପୂର୍ଣ୍ଣ ଛାଡ଼ିପାରିବ ନାହିଁ। ତେଣୁ ନୀତି ନିର୍ଦ୍ଧାରଣର କେନ୍ଦ୍ରରେ ମଧ୍ୟବିତ୍ତ ଓ ନିମ୍ନ ଆୟ ବର୍ଗର ଜୀବନଯାପନ ଖର୍ଚ୍ଚକୁ ରଖିବା ଆବଶ୍ୟକ।

ଯେଉଁଠି ଦରମା ଆସିଲେ ପ୍ରଥମେ ଋଣ ଓ ବିଲ୍‌ର ଚିନ୍ତା ନୁହେଁ, ପରିବାରର ମୁହଁରେ ହସ ଦେଖିବାର ଆନନ୍ଦ ରହିବ। ମହଙ୍ଗାଇର ସବୁଠାରୁ ବଡ଼ ମାନବୀୟ ମୂଲ୍ୟ ହେଉଛି—ଏହା ଧୀରେ ଧୀରେ ଲୋକଙ୍କ ଆଶାକୁ କମାଇଦିଏ। ଆଜି ଯେଉଁ ପରିବାର ନିଜ ଘର ପାଇଁ ସଞ୍ଚୟ କରୁଥିଲା, ସେ ଏବେ ଘରଭଡ଼ାରେ ଅଟକିଯାଉଛି; ଯେଉଁ ପରିବାର ପିଲାର ଉଚ୍ଚଶିକ୍ଷା ପାଇଁ ଟଙ୍କା ରଖୁଥିଲା, ସେ ଏବେ ଦୈନନ୍ଦିନ ଖର୍ଚ୍ଚରେ ତାହା ଖର୍ଚ୍ଚ କରୁଛି; ଯେଉଁ ଦମ୍ପତି ବୃଦ୍ଧାବସ୍ଥା ପାଇଁ ସଞ୍ଚୟ କରୁଥିଲେ, ସେମାନେ ଏବେ ମାସ ଚଳାଇବାକୁ ଚିନ୍ତା କରୁଛନ୍ତି। ଏହି ପରିବର୍ତ୍ତନ ଆମକୁ ଚିନ୍ତା କରିବାକୁ ବାଧ୍ୟ କରୁଛି। ଉନ୍ନତିର ଅର୍ଥ ଯଦି ଲୋକଙ୍କ ଆୟ ବଢ଼ିବା ସହିତ ସେମାନଙ୍କ ନିଶ୍ଚିନ୍ତ ଜୀବନ ମଧ୍ୟ ବଢ଼ିବା, ତେବେ ସେହି ଲକ୍ଷ୍ୟକୁ ଆମେ ଭୁଲିଯିବା ଉଚିତ ନୁହେଁ। ଆଜିର ମଧ୍ୟବିତ୍ତ ପରିବାର ଦାନ ଚାହୁଁନାହିଁ; ସେ ଚାହୁଁଛି ନ୍ୟାୟସଙ୍ଗତ ମୂଲ୍ୟ, ସ୍ଥିର ବଜାର, ଭଲ ସେବା, ନିରାପଦ ଭବିଷ୍ୟତ ଏବଂ ନିଜ ପରିଶ୍ରମର ଯଥାର୍ଥ ମୂଲ୍ୟ। ସେ ଚାହୁଁଛି ତାଙ୍କ ପିଲା ଭଲ ପଢୁ, ସେ ଚାହୁଁଛି ଘରେ ସୁସ୍ଥ ଖାଦ୍ୟ ରନ୍ଧାହେଉ, ସେ ଚାହୁଁଛି ମାସ ଶେଷରେ ଅଳ୍ପ କିଛି ଟଙ୍କା ହାତରେ ରହୁ ଏବଂ ସେ ଚାହୁଁଛି ଆସନ୍ତାକାଲିକୁ ନେଇ ଭୟ ନୁହେଁ, ଆଶାରେ ଚାହିଁପାରିବ। ଏହି ଆଶା ବହୁତ ବଡ଼ ନୁହେଁ। ଏହା ଜଣେ ସାଧାରଣ ପରିବାରର ଅଧିକାର। ତେଣୁ ଆଜି ପ୍ରଶ୍ନ କେବଳ ଏତିକି ନୁହେଁ ଯେ ଚିନି କେତେ ଟଙ୍କା, ପିଆଜ କେତେ ଟଙ୍କା କିମ୍ବା ଚାଉଳ କେତେ ଟଙ୍କା; ପ୍ରଶ୍ନ ହେଉଛି—ଜଣେ ସାଧାରଣ ମଣିଷ ନିଜ ଦୁଇଟି ଆୟରେ ସମ୍ମାନର ସହିତ କେତେଦିନ ଜୀବନ ବିତାଇପାରିବ? ଏହି ପ୍ରଶ୍ନର ଉତ୍ତର ହିଁ ଆମ ଅର୍ଥନୀତିର ପ୍ରକୃତ ମାପକ।ଦୁଇଟି ଆୟ ଥିଲେ ମଧ୍ୟ ଯଦି ମାସ ଶେଷରେ ଜଣେ ପରିବାରର ହାତ ଖାଲି ହୋଇଯାଏ, ତେବେ ସେହି ଅର୍ଥନୀତିର ସବୁଠାରୁ ବଡ଼ ପ୍ରଶ୍ନ ଆମ ଘରର ଦୁଆର ପାଖରେ ଠିଆ ହୋଇଛି।

ମୋ:୯୪୩୭୯୯୪୩୭୯

23. 08.2026.pmd 1 8/22/2026, 5:41 AM

# ଲିଙ୍ଗରାଜ ମହାପ୍ରଭୁଙ୍କ ସମସ୍ୟା ଉତ୍ଥାପନ କରିଲେ ସେବା ପ୍ରତିନିଧି

ଭୁବନେଶ୍ୱର,୨୨।୮ (ନିପ୍ର); ସେବା ପ୍ରତିନିଧିର ମୁଖ୍ୟ ସଙ୍ଗଠକ ନୀଳମଣି ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନାଙ୍କ କାର୍ଯ୍ୟାଳୟରେ ମହାପ୍ରଭୁ ଲିଙ୍ଗରାଜଙ୍କ ସମସ୍ୟା ଉତ୍ଥାପନ କରିଥିଲେ। ମହାପ୍ରଭୁ ଲିଙ୍ଗରାଜଙ୍କ ସୂଚନା କେନ୍ଦ୍ର ଖୋଲିବା, ମହାପ୍ରଭୁ ଲିଙ୍ଗରାଜଙ୍କୁ ସୁରକ୍ଷା ଦେଉଥିବା ସୁରକ୍ଷା କର୍ମୀଙ୍କୁ ବର୍ଷା କାକର ଦାଉରୁ ରକ୍ଷା କରିବା, ମନ୍ଦିର ଭିତରେ ଥିବା ଖରାପ ସିସିଟିଭିକୁ କାର୍ଯ୍ୟକାରୀ କରାଇବା, ମହାପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିରରେ ଭଜନ ଜଣାଣ ମାଇକ୍ ଯୋଗେ ଗାନ କରାଇବା, ମହାପ୍ରଭୁ ଲିଙ୍ଗରାଜଙ୍କ ଦର୍ଶନାଭିଳାଷୀଙ୍କ ରାତ୍ରୀ ଯାପନ ପାଇଁ ଗୃହର ବ୍ୟବସ୍ଥା କରାଇବା, ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସୁଥିବା ଗାଡି ମଟର ରହଣି ପାଇଁ ମ୍ୟୁନିସିପାଲଟି ଆଦାୟ କରୁଥିବା ଅର୍ଥ ମନ୍ଦିରକୁ ଦେବା, ଲିଙ୍ଗରାଜ ମହାପ୍ରଭୁଙ୍କ ୧୪ ନୀତିରୁ ବନ୍ଦ ହୋଇ ଥିବା ୧୦ ନୀତିକୁ କାର୍ଯ୍ୟକାରୀ କରାଇବା ପ୍ରଭୃତି ଦାବି ଶ୍ରୀ ମିଶ୍ର ଉପସ୍ଥାପନା କରିଥିଲେ। ଶ୍ରୀ ମିଶ୍ରଙ୍କ କହିବା ଅନୁଯାୟୀ ଅତିରିକ୍ତ ଜିଲ୍ଲାପାଳ ଉତ୍ତର ଦେଇ କହିଥିଲେ ସୂଚନା କେନ୍ଦ୍ର ନିକଟରେ ଟେଣ୍ଡର ହୋଇଯାଇଅଛି। ତାହା ଜୋତା ଷ୍ଟାଣ୍ଡ ନିକଟରେ କରାଯିବ ଏବଂ ସୁରକ୍ଷା କର୍ମୀଙ୍କ ପାଇଁ ବ୍ୟବସ୍ଥା ହୋଇଯାଇଅଛି। ସିସିଟିଭି, ଯାତ୍ରୀମାନଙ୍କ ରାତ୍ରୀ ଯାପନ ବ୍ୟବସ୍ଥା ନିକଟରେ ସମାଧାନ କରାଯିବ। ଗାଡି ଟିକସ ମ୍ୟୁନିସିପାଲଟି ମନ୍ଦିର କାର୍ଯ୍ୟାଳୟକୁ ଦେବେ। ଯେଉଁ ସେବାୟତମାନଙ୍କର ଯାହା ପ୍ରାପ୍ୟ ତାହା ଛିଣ୍ଡାଇବା ପାଇଁ ଶୀଘ୍ର ବ୍ୟବସ୍ଥା କରାଯାଉଅଛି। ସେବାୟତମାନଙ୍କୁ ପରିଚୟପତ୍ର ପ୍ରଦାନ କରିବା ପାଇଁ ବ୍ୟବସ୍ଥା ଚାଲିଛି। ଲିଙ୍ଗରାଜ ମହାପ୍ରଭୁଙ୍କ ସ୍ୱତନ୍ତ୍ର ଆୟ ନିମନ୍ତେ ବ୍ୟାଙ୍କ ଜରିଆରେ ହୁଣ୍ଡି ବ୍ୟବସ୍ଥା ଚାଲୁ ରହିଛି। ନିକଟରେ ମହାପ୍ରଭୁ ଲିଙ୍ଗରାଜଙ୍କ ନିମନ୍ତେ ସାମୂହିକ ସଫେଇ କାର୍ଯ୍ୟ କରିବା ପାଇଁ ବ୍ୟବସ୍ଥା କରାଯାଉଛି। ପରିଶେଷରେ ଶ୍ରୀ ମିଶ୍ର ଅତିରିକ୍ତ ଜିଲ୍ଲାପାଳଙ୍କ ମହତ କାର୍ଯ୍ୟ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁବଳୟା ପାଟଣା ଗ୍ରାମରେ ହେଟା ବାଘ

ପିପିଲି,୨୨।୮(ନିପ୍ର); ପିପିଲି ବ୍ଲକ ସରସ୍ୱତୀପୁର ପଞ୍ଚାୟତର ସୁବଳୟା ପାଟଣା ଗ୍ରାମରେ ହେଟା ବାଘ ଦେଖିବାକୁ ମିଳିଛି। ଯାହାକୁ ନେଇ ଗ୍ରାମବାସୀଙ୍କ ସମେତ ସ୍ଥାନୀୟ ଅଞ୍ଚଳରେ ଲୋକମାନଙ୍କ ମଧ୍ୟରେ ଏକ ପ୍ରକାର ଆତଙ୍କ ଖେଳିଯାଇଛି। ସୂଚନା ମୁତାବକ ସୁବଳୟା ପାଟଣା ଗ୍ରାମର କେତେ ଜଣ ବ୍ୟକ୍ତିଙ୍କ ବାରି ପଟେ ଏକ ହେଟା ବାଘ ବୁଲୁ ଥିବା ବେଳେ ବାରି ପଟକୁ ଟ୍ରାକ୍ଟର କାଦୁଅ କରୁ ଥିବା ବେଳେ ଲାଇଟ ଉକ୍ତ ହେଟା ବାଘ ଉପରେ ପଡିଥିଲା। ସେମାନେ ଆଶ୍ଚର୍ଯ୍ୟ ହେବା ସହ କିଛି ସମୟ ପାଇଁ ମୋବାଇଲରେ ଭିଡିଓ କରିଥିଲେ। ହେଟା ବାଘଟି ଗ୍ରାମ ଶ୍ମଶାନ ଏବଂ ଆଖ ପାଖ ରେ ଥିବା ଘଞ୍ଚ ଜଙ୍ଗଲିଆ ସ୍ଥାନରେ ରହୁଥିବା ନେଇ ଗ୍ରାମବାସୀ ମାନେ ସନ୍ଦେହ କରିଛନ୍ତି । ଅଞ୍ଚଳରେ ଥିବା ବିଭିନ୍ନ କୁକୁଡ଼ା ଫାର୍ମରୁ ବାହାରୁ ଥିବା ମଲା କୁକୁଡ଼ା ଖାଇବାକୁ ଆଗରୁ ଆସୁଥିବା ନେଇ କିଛି ଲୋକ ଦେଖୁଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ହେଟା ବାଘଟି କାହାରି କିଛି କ୍ଷତି କରି ନଥିବା ବେଳେ ଲୋକ ମାନେ ଭୟଭୀତ ରହୁଥିବାରୁ ତାକୁ ବନ ବିଭାଗ ପକ୍ଷରୁ ଧରିନେବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି।

# ବାଙ୍କୀ ଏନ୍ଏସି ପକ୍ଷରୁ ସମ୍ପୂର୍ଣ୍ଣ ନିଶା ନିବାରଣ ଶପଥ ପାଠ

ବାଙ୍କୀ,୨୨।୮ (ନିପ୍ର): ସମ୍ପୂର୍ଣ୍ଣ ନିଶା ନିବାରଣ ଅଭିଯାନ ଅବସରରେ ବାଙ୍କୀ ଏନ୍ଏସି ପକ୍ଷରୁ ନିଶାମୁକ୍ତ ସମାଜ ଗଠନ ପାଇଁ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏନ୍ଏସିର ସମସ୍ତ ପାରିଷଦ ଓ କର୍ମଚାରୀ ଏହି ଶପଥ ପାଠରେ ସାମିଲ ହୋଇଥିଲେ। ପାରିଷଦ ସଭାଗୃହରେ ନଗରପାଳ ମାଣିକ ସାହୁଙ୍କ ଅଧ୍ୟକ୍ଷତାରେ ଏବଂ ରାଜଯୋଗିନୀ ଲିନା ଭଉଣୀ ଓ କେନ୍ଦ୍ର ପରିଚାଳକ ରୀନା ଭଉଣୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଉପନଗରପାଳ ସନ୍ତୋଷ କୁମାର ରଣା, ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ବିଶ୍ୱାଳ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ଅଭିମନ୍ୟୁ ଭାଇ ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ପରିଷଦ ସଦସ୍ୟା ମିନତୀ ମହାପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ନିଶା କିଭଳି ପରିବାର, ସମାଜ ଓ ଦେଶର କ୍ଷତି ଘଟାଉଛି ସେ ସମ୍ପର୍କରେ ନଗରପାଳ ମାଣିକ ସାହୁ ଆଲୋକପାତ କରିଥିଲେ। ନିଶା କବଳରୁ ପରିବାରକୁ ରକ୍ଷା କରିବା ସହ ଏହା ଦ୍ୱାରା ହେଉଥିବା ଆର୍ଥିକ ଓ ସାମାଜିକ କ୍ଷତିକୁ ରୋକିବା ପାଇଁ ବକ୍ତାମାନେ ଆହ୍ୱାନ ଦେଇଥିଲେ।

# ଯୌତୁକ ନିରୋଧ ଆଇନ ସମ୍ପର୍କିତ ପ୍ରଶିକ୍ଷଣ ଶିବିର

ବୌଦ୍ଧ,୨୨।୮ (ନିପ୍ର): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ମିନି ସମ୍ମିଳନୀ କକ୍ଷଠାରେ ଆଜି ଯୌତୁକ ନିରୋଧ ଆଇନ, ୧୯୬୧ ସମ୍ପର୍କିତ ଏକ ଦିବସୀୟ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଏହି ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା।ଏହି କାର୍ଯ୍ୟକ୍ରମରେ ବୌଦ୍ଧ ଉପ-ଜିଲ୍ଲାପାଳ, ପୋଲିସ ବିଭାଗର ବରିଷ୍ଠ ଅଧିକାରୀ ଏବଂ ଜିଲ୍ଲାର ସମସ୍ତ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବୌଦ୍ଧ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସାଗରିକା ଦତ୍ତ ଏହି କାର୍ଯ୍ୟକ୍ରମରେ ଆବାହକ ଭାବେ ଯୋଗ ଦେଇ ସମସ୍ତଙ୍କୁ ସ୍ୱାଗତ କରିବା ସହ ଏହାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଶିବିରରେ ବିଶିଷ୍ଟ ଆଇନଜୀବୀ ବିଜୟ କୃଷ୍ଣ ପଟ୍ଟନାୟକ ମୁଖ୍ୟ ରିସୋର୍ସ ପର୍ସନ ଭାବେ ଯୋଗଦେଇ ଯୌତୁକ ନିରୋଧ ଆଇନର ବିଭିନ୍ନ ଜଟିଳ ଦିଗ, ଆଇନଗତ ପ୍ରାବଧାନ, ଦଣ୍ଡବିଧାନ ଏବଂ ସମାଜରେ ଏହାର ସଠିକ୍ ପ୍ରୟୋଗ ସମ୍ପର୍କରେ ସବିଶେଷ ମାର୍ଗଦର୍ଶନ ପ୍ରଦାନ କରିଥିଲେ।

# ଗୁରୁ ପୂଜନ ଦିବସ ପାଳନ ପାଇଁ ପ୍ରସ୍ତୁତି

ଭାପୁର,୨୨।୮ (ନିପ୍ର); ସେପ୍ଟେମ୍ବର ୫ ତାରିଖରେ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ସ୍ତରୀୟ ଗୁରୁ ପୂଜନ ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବନମାଳିପୁର ପଞ୍ଚାୟତ ଅନ୍ତର୍ଗତ ସୋମନାଥଦେବ କଲ୍ୟାଣ ମଣ୍ଡପ ପରିସରରେ 'ମୋ ମାଟି ଭାପୁର' ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ପଞ୍ଚମ ବାର୍ଷିକ ଗୁରୁଃସାକ୍ଷାତ ପରଂବ୍ରହ୍ମ କାର୍ଯ୍ୟକ୍ରମ ନିମନ୍ତେ ସଭାପତି ଶିକ୍ଷାବିତ୍ ରବିନ୍ଦ୍ର କୁମାର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଭାପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷ ଶିବ ପ୍ରସାଦ ଷଡ଼ଙ୍ଗୀ, ଅବସରପ୍ରାପ୍ତ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି, ଭାପୁର ବରିଷ୍ଠ ନାଗରିକ ମଞ୍ଚ ସଭାପତି ଲକ୍ଷ୍ମୀଧର ସାମନ୍ତରାୟ , ଶିକ୍ଷାବିତ ବୈକୁଣ୍ଠନାଥ ଦାସ, ବରିଷ୍ଠ ସଂଗଠକ ନିରଞ୍ଜନ ସୁବୁଦ୍ଧି, ଅବସରପ୍ରାପ୍ତ ପ୍ରଫେସର ପ୍ରସନ୍ନ କୁମାର ସାହୁ, ସାମାଜିକ କର୍ମୀ ସନ୍ତୋଷ କୁମାର ତ୍ରିପାଠୀ, କଣ୍ଠଶିଳ୍ପୀ ଯୁଧିଷ୍ଠିର ଖୁଣ୍ଟିଆ, ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, ଯୁବ ସଭାପତି ମନୋରଞ୍ଜନ ବେହେରା ପ୍ରମୁଖ ମଞ୍ଚାସୀନ ରହିଥିଲେ।

# ଗଜପତି ଜିଲ୍ଲା ଗସ୍ତରେ ବିଧାନସଭା ଗୃହ କମିଟି

ପାରଳାଖେମୁଣ୍ଡି,୨୨।୮ (ନିପ୍ର); ଓଡ଼ିଶା ବିଧାନସଭାର ଗୃହ କମିଟି ଲକ୍ଷ୍ମଣ ବାଗଙ୍କ ଅଧ୍ୟକ୍ଷତାରେ ଆଜି ଗଜପତି ଜିଲ୍ଲା ଗସ୍ତ କରି ଜିଲ୍ଲାର ବିକାଶ, ପାନୀୟ ଜଳ, ଜଳସେଚନ, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି ଓ ଭିତ୍ତିଭୂମି ସମେତ ବିଭିନ୍ନ ଜନସ୍ୱାର୍ଥ ପ୍ରସଙ୍ଗର ସମୀକ୍ଷା କରିଛନ୍ତି। ଗସ୍ତରେ କମିଟିର ସଦସ୍ୟ ତଥା ମୋହନା ବିଧାୟକ ଦାଶରଥୀ ଗମାଙ୍ଗ, ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଏବଂ ବିଧାୟକ ପାରଳାଖେମୁଣ୍ଡି ରୂପେଶ କୁମାର ପାଣିଗ୍ରାହୀଙ୍କ ସମେତ ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ ଓ ମୁନିନ୍ଦ୍ର ହୋନନାଗା, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପୃଥ୍ୱୀରାଜ ମଣ୍ଡଳ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିରଞ୍ଚି ବାଗ, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଅଂଶୁମାନ ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। କମିଟି ପ୍ରଥମେ ମୋହନା ବ୍ଲକ୍ ଅନ୍ତର୍ଗତ ମାଙ୍କଡ଼ଡିଆ ଜଳପ୍ରପାତ,ଜୀରାଙ୍ଗ ସ୍ଥିତ ପଦ୍ମସମ୍ଭବ ମହାବିହାର, ଖସଡ଼ା ଜଳପ୍ରପାତ ଏବଂ ପବିତ୍ର ମହେନ୍ଦ୍ରଗିରି ପାହାଡ଼ ପରିଦର୍ଶନ କରି ସେଠାକାର ସ୍ଥିତି ଓ ବିକାଶ ସମ୍ପର୍କରେ ଅନୁଧ୍ୟାନ କରିଥିଲେ।

ଏଥିସହ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରି ସେଗୁଡ଼ିକର କାର୍ଯ୍ୟ ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ସ୍ଥାନୀୟ ଲୋକ ଓ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଗଜପତି ଜିଲ୍ଲାପାଳ ଏବଂ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ ଗୃହ କମିଟିର ତୃତୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଓଡ଼ିଶା ବିଧାନସଭାର ସଦସ୍ୟମାନଙ୍କ ଦ୍ୱାରା ଦିଆଯାଇଥିବା ବିଚାରାଧୀନ ଆବେଦନ ଏବଂ ବିଧାନସଭାରେ ଉଠାଯାଇଥିବା ବିଭିନ୍ନ ସବମିଶନର କାର୍ଯ୍ୟାନ୍ୱୟନ ସ୍ଥିତି ସଂଯୋଗ, ପାନୀୟ ଜଳ ଓ ବିଦ୍ୟୁତ ଭଳି ମୌଳିକ ସୁବିଧା ଯୋଗାଣ, ପବିତ୍ର ମହେନ୍ଦ୍ରଗିରି ପାହାଡ଼ର ପର୍ଯ୍ୟଟନ ବିକାଶ ଏବଂ ଗଜପତି ଜିଲ୍ଲାରୁ ଭୁବନେଶ୍ୱର ଓ ପୁରୀକୁ ତୀର୍ଥଯାତ୍ରୀଙ୍କ ଯାତାୟାତ ପାଇଁ ଉନ୍ନତ ସଡ଼କ ସଂଯୋଗ ଭଳି ବିଷୟ ମଧ୍ୟ ଆଲୋଚନା କରାଯାଇଥିଲା। ଏହାସହ




ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଆଲୋଚନାରେ ପାରଳାଖେମୁଣ୍ଡି ସହରରେ ବାଇପାସ୍ ରାସ୍ତା ନିର୍ମାଣ, ଜିଲ୍ଲାର ସବର, କନ୍ଧ, ଶୁଦ୍ଧ ସବର ଆଦି ଜନଜାତିର ଛାତ୍ରଛାତ୍ରୀଙ୍କୁ ଜାତିଗତ ପ୍ରମାଣପତ୍ର ପ୍ରଦାନ, ମୋହନା ତହସିଲର ଯୋଗ୍ୟ ବାସିନ୍ଦାଙ୍କୁ ଜମି ପଟ୍ଟା ପ୍ରଦାନ ଆଦି ବିଷୟ ଉପରେ ଆଲୋଚନା ହୋଇଥିଲା। ସେହିପରି ଗୁମ୍ମା ବ୍ଲକ୍ର ଆଦିବାସୀ ଅଞ୍ଚଳକୁ ରାସ୍ତା ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ ପ୍ରସଙ୍ଗ, ଜନସାଧାରଣଙ୍କ ସମସ୍ୟା ଏବଂ ସେଗୁଡ଼ିକର ସମାଧାନ ପାଇଁ ନିଆଯାଇଥିବା ପଦକ୍ଷେପ ନେଇ କମିଟି ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ ବୈଠକରେ ଆଲୋଚିତ ବିଷୟଗୁଡ଼ିକର ତୁରନ୍ତ ସମାଧାନ ଓ ଲୋକଙ୍କ ସମସ୍ୟାର ଶୀଘ୍ର ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନେବା ଉପରେ ଗୃହ କମିଟି ଗୁରୁତ୍ୱାରୋପ କରିଥିଲେ।

# ଖଣ୍ଡପଡ଼ା : ସରକାରୀ କାର୍ଯ୍ୟାଳୟ ସମ୍ମୁଖରୁ ଜବରଦଖଲ ଉଚ୍ଛେଦ କେବେ ?

ଖଣ୍ଡପଡ଼ା ୨୨।୮ (ନି.ପ୍ର) ପ୍ରଶାସନର ଅଣଦେଖା ଯୋଗୁଁ ଖଣ୍ଡପଡ଼ା ସହରାଞ୍ଚଳର ବିଭିନ୍ନ ସ୍ଥାନରେ ମୂଲ୍ୟବାନ ସରକାରୀ ଜାଗା ଓ ଜମି ଜବରଦଖଲକାରୀଙ୍କ କବଜାରେ କବଳିତ ହୋଇ ରହିଛି। ବର୍ଷ ବର୍ଷ ଧରି ମୂଲ୍ୟବାନ ଜାଗା ଗୁଡିକୁ ଜବରଦଖଲକାରୀମାନେ ବାଡବନ୍ଦି କରି ନିଜ ନିଜ ଅକ୍ତିଆରରେ ରଖିବାକୁ ସକ୍ଷମ ହୋଇଥିବା ବେଳେ ତହସିଲ ପ୍ରଶାସନ ଓ ଜିଲ୍ଲାପ୍ରଶାସନ ଏ ଦିଗରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ପରିତାପର ବିଷୟ ଅଟେ।ଖଣ୍ଡପଡ଼ା ସହରର ବାଇପାସ ରାସ୍ତା ପାର୍ଶ୍ୱସ୍ଥିତ ବିଭିନ୍ନ ଜାଗା ଜବରଦଖଲକାରୀଙ୍କ କବଜାରେ ରହିଥିବା ବେଳେ ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ, ଅଗ୍ନିଶମ କାର୍ଯ୍ୟାଳୟ, ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଅବକାରୀ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖ ଭାଗରେ ଉଠା ଦୋକାନୀମାନେ ଅସ୍ଥାୟୀ ଭାବେ ଗୃହ ନିର୍ମାଣ କରି ବ୍ୟବସାୟ ପ୍ରତିଷ୍ଠାନ ଗୁଡିକ ଚାଲୁ ରଖିଥିବା ବେଳେ ଏଥିପ୍ରତି ପ୍ରଶାସନ ସମ୍ପୂର୍ଣ୍ଣ ରୂପେ ଆଖି ବୁଜି ଦେଇଥିବା ଜଣାପଡିଛି। ଖଣ୍ଡପଡ଼ା ସହରରୁ ନୟାଗଡକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ପାର୍ଶ୍ୱ ଉଠାଦୋକାନୀଙ୍କ କବଜାରେ ରହିଥିବାରୁ ସମୟ ଅସମୟରେ ଭାରିଯାନଗୁଡିକ ଚଳାଚଳରେ ସମସ୍ୟା ସୃଷ୍ଟି ହେଉଥିବା ଜଣାପଡିଛି। ରାସ୍ତା ପାର୍ଶ୍ୱସ୍ଥ ସରକାରୀ ଜାଗାରୁ ଉଠା ଦୋକାନୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବାରେ ତହସିଲ ଓ ପୋଲିସ ପ୍ରଶାସନ ବିଫଳ ହୋଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷେ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ଅସ୍ଥାୟୀ ଉଠା ଦୋକାନ ଗୁଡିକ ଯୋଗୁଁ କାର୍ଯ୍ୟାଳୟର ସୌନ୍ଦର୍ଯ୍ୟକରଣ ନଷ୍ଟ ହେଉଥିବା ଜଣାପଡିଛି। ଏଥିପ୍ରତି ନୟାଗଡ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ସହରବାସୀ ଦାବି କରିଛନ୍ତି।

# ସମାଜ ପ୍ରତି ଗଣମାଧ୍ୟମର ଦାୟିତ୍ୱକୁ ନେଇ ଆଲୋଚନା

ରାୟଗଡ଼ା,୨୨।୮ (ନିପ୍ର): ରାୟଗଡ଼ା ସ୍ଥିତ ବିଜୁ ପଟ୍ଟନାୟକ ଅଡିଟୋରିଅମରେ ଆୟୋଜିତ ହୋଇଯାଇଛି ଉତ୍କଳ ସାମ୍ବାଦିକ ସଂଘର ୭ମ ବାର୍ଷିକ ଉତ୍ସବ। ସାମ୍ବାଦିକଙ୍କ ଅଧିକାର, ସାମାଜିକ ବିକାଶ, ମର୍ଯ୍ୟାଦା, ସୁରକ୍ଷା ଓ ସମାଜ ପ୍ରତି ଗଣମାଧ୍ୟମର ଦାୟିତ୍ୱକୁ ନେଇ ଏହି ଅବସରରେ ବିଶଦ ଭାବେ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମରେ ସୁଦୂର ନୂଆଦିଲ୍ଲୀରୁ ପେସାଦାର ପତ୍ରକାର ମହାସଂଘର ଉପସଭାପତି ହେମନ୍ତ ତିୱାରୀ ସୁଦୂର ଲକ୍ଷ୍ନୌରୁ ଆମନ୍ତ୍ରିତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଉତ୍ସବରେ ରାଜ୍ୟ ସଭାପତି ବିଭୂତି ଭୂଷଣ କର ସଭାପତିତ୍ୱ କରିଥିଲେ। ସେହିପରି ପେସାଦାର ପତ୍ରକାର ମହାସଂଘର ସାଧାରଣ ସମ୍ପାଦକ, ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, କୋଷାଧ୍ୟକ୍ଷ ରାଜନ ଚୌଧୁରୀ, ଜିଲ୍ଲା ସଭାପତି ସୁରେଶ ଦାଶ, ଜିଲ୍ଲା ସାଧାରଣ ସମ୍ପାଦକ ବିଜୟ କୁମାର ଦାଶ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦେବରାଜ ଟାକିରି, ରାଜ୍ୟ ସଦସ୍ୟ ରାଜୀବ ଦାଶ ଓ ସନ୍ତୋଷ ପାଣିଗ୍ରାହୀଙ୍କ ସମେତ ବହୁ ଆମନ୍ତ୍ରିତ ଅତିଥି ସମେତ ସିଦ୍ଧାର୍ଥ କଳହଂସ, ଉପସ୍ଥିତ ଥିଲେ। ପ୍ରଥମେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହାପରେ ଉତ୍କଳ ସାମ୍ବାଦିକ ସଂଘ ରାୟଗଡ଼ା ଶାଖାର ଜିଲ୍ଲା ସାଧାରଣ ସମ୍ପାଦକ ବିଜୟ କୁମାର ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ମଞ୍ଚାସୀନ ଅତିଥିମାନେ ସାମ୍ବାଦିକତାର ବିଭିନ୍ନ ଦିଗ, ସାମ୍ବାଦିକଙ୍କ ସମସ୍ୟା, ସୁରକ୍ଷା ଓ ଗଣମାଧ୍ୟମର ଭୂମିକା ସମ୍ପର୍କରେ ନିଜ ନିଜର ଅଭିଭାଷଣ ରଖିଥିଲେ।ସମାଜରେ ସୁଧାର ଆଣିବା ଦିଗରେ ସାମ୍ବାଦିକମାନଙ୍କ ଯେଉଁ ଗୁରୁ ଦାୟିତ୍ୱ ରହିଛି ସେଥିରେ ସାମ୍ବାଦିକ ମାନେ ଆଦୌ ଅବହେଳା ନକରି କିପରି ଖରା, ବର୍ଷା, ଶୀତ କାକରକୁ ଭୃକ୍ଷେପ ନକରି ୨୪ ଘଣ୍ଟା ସଜାଗ ରହି ନିଜ ଦାୟିତ୍ୱ ତୁଲାଇଥାନ୍ତି, ବିରାଟ ସମସ୍ୟାର କବଳରେ ପଡ଼ି ହତାଶ ହେଇପଡ଼ିଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ଏକ ଦୂତ ଭଳି କାର୍ଯ୍ୟ କରି ନିଜ ସାମାଜିକ କର୍ତ୍ତବ୍ୟ ପରାୟଣତା ଓ କର୍ତ୍ତବ୍ୟ, ଓ ନିଷ୍ଠାପର ଉଦ୍ୟମ କରି ଭାଙ୍ଗି ପଡ଼ିଥିବା ବୃଦ୍ଧ, ବୃଦ୍ଧା ଓ ଦିଗହରା ଲୋକଙ୍କ ପାଇଁ ଆଶାର ଆଲୋକ ସାଜିଥାଆନ୍ତି, ସେହିପରି ଆମନ୍ତ୍ରିତ ଅତିଥି ମାନେ ମଧ୍ୟ ଆମ ଜିଲ୍ଲା ରାୟଗଡା ଓ ଓଡ଼ିଶାର କଳା ସଂସ୍କୃତି, ଐତିହ୍ୟ, ପରମ୍ପରା, ପୂଜା ପାର୍ବଣ, ସହିତ ରାଜ୍ୟର ଆରାଧ୍ୟ ଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ ତତ୍ତ୍ୱ ଉପରେ ମଧ୍ୟ ସମ୍ୟକ ଭାବେ ଆଲୋକପାତ କରି ଏହି ଧାମର ଭୂୟସୀ ପ୍ରଶଂସା କରିଥିଲେ।ଏହି ଅବସରରେ ମୁଖ୍ୟ ବକ୍ତା ଓ ମୁଖ୍ୟ ଅତିଥି ସାମ୍ବାଦିକଙ୍କ ଅନେକ ନ୍ୟାର୍ଯ୍ୟ ଦାବୀ ସମ୍ପର୍କରେ ଆଗାମୀ ଦିନରେ ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି କହିଥିବା ବେଳେ ଅନ୍ୟ ରାଜ୍ୟ ଆନ୍ଧ୍ର, ବିହାର, ଉତ୍ତର ପ୍ରଦେଶ। ସରକାର ସାମ୍ବାଦିକଙ୍କ ପାଇଁ କଣସବୁ ସୁବିଧା ସମେତ ଭତ୍ତା, ପେନସନ, ମୃତ୍ୟୁକାଳୀନ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି ସେ ଉପରେ ବିସ୍ତୃତ ଭାବେ କହିଥିଲେ।

# ଲଗାଣ ବର୍ଷାରେ ଧୋଇ ଗଲା କୋଟିଏ ଟଙ୍କାରୁ ଉର୍ଦ୍ଧ୍ୱ କାର୍ଯ୍ୟ

ଭାପୁର,୨୨।୮ (ନିପ୍ର): ଭାପୁର ବଜାର ଠାରୁ ବିଜିପୁର ଗ୍ରାମକୁ ସଂଯୋଗ କରୁଥିବା ୩.୫ କିମି ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ନିର୍ମାଣ କାର୍ଯ୍ୟକୁ ଠିକାଦାର ମେଣ୍ଟାଲ ଓ ଡଷ୍ଟ ବିଛାଇ ଦୀର୍ଘ ଦିନହେଲା କାର୍ଯ୍ୟ ବନ୍ଦ କରି ରଖିଥିବାରୁ ଲଗାଣ ବର୍ଷାରେ ସବୁ ଧୋଇ ହୋଇଯାଇଛି । ଏପରିକି,ରାସ୍ତାର ଉଭୟ ପାର୍ଶ୍ୱ ଖୋଳାଯାଇ ପଥର ଡଷ୍ଟ ପଡିଥିଲା , ତାହା ମଧ୍ୟ ସବୁ ଧୋଇ



ହୋଇଯାଇଛି। ଫଳରେ, ରାସ୍ତା ସାରା ଖାଲଢିପ ହୋଇଥିବାରୁ ଜନସାଧାରଣ ଯାତାୟାତରେ ସମସ୍ୟା ଦେଖାଦେଇଛି।ଏ ଯେଉଁ କ୍ଷତି ହେଲା ତାହାକୁ ଭରଣା କରିବ କିଏ ସେ ବର୍ଷାଦିନ ଆସିଥିବାରୁ ଆଉ ୩/୪ ମାସ ପର୍ଯ୍ୟନ୍ତ କାର୍ଯ୍ୟ ହୋଇପାରିବ ନାହିଁ। ଏହି ସାଢେ ୩.୫ କିମି ରାସ୍ତା ନିର୍ମାଣ ପାଇଁ ପ୍ରାୟ ୩ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି ଏବଂ ୫. ୫ ଫୁଟ ଓସାର ରେ ରାସ୍ତା ନିର୍ମାଣ କରାଯିବ। ଖଣ୍ଡପଡା ବିଧାୟକ ଶୁଭ ଦେବାର ପ୍ରାୟ ୯ ମାସ ପରେ ଜିଲ୍ଲା ପ୍ରଶାସନର ଚାପ ପ୍ରୟୋଗ ପରେ ଠିକାଦାର କାର୍ଯ୍ୟ ଆରମ୍ଭ କରି ଅଧାପନ୍ତରିଆ ଭାବରେ କାର୍ଯ୍ୟ ବନ୍ଦ କରିଦେଇଥିବାରୁ ଯାହା ସମସ୍ତ କାର୍ଯ୍ୟ ହୋଇଥିଲା ସବୁ ଧୋଇ ହୋଇଯାଇଛି। ଏ ସମ୍ପର୍କରେ ଖବର ପ୍ରସାରଣ ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ର ତତ୍ପରତା ପ୍ରକାଶ ପାଇ ଠିକାଦାରଙ୍କ ବିରୋଧ ରେ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ସ୍ୱରୂପ ତାଙ୍କର କାର୍ଯ୍ୟାଦେଶକୁ ରଦ୍ଦ କରାଯାଇଛି ଏବଂ ବିଭାଗୀୟ କର୍ତ୍ତୃପକ୍ଷ ଏହି ରାସ୍ତା କରିବେ ବୋଲି ଜଣାପଡିଛି ।

## ସୁକିନ୍ଦାରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

# 'ଭିନ୍ନକ୍ଷମମାନେ ସମାଜର ଆବଶ୍ୟକ ଅଙ୍ଗ'

ଯାଜପୁର,୨୨।୮ (ନିପ୍ର): ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ପରିସରରେ ବ୍ଲକସ୍ତରୀୟ 'ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ' ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଭିନ୍ନକ୍ଷମମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଏବଂ ସେମାନଙ୍କୁ ସରକାରୀ ସାମାଜିକ ସୁରକ୍ଷା ଯୋଗାଇଦେବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ ପ୍ରକାଶ କରିଥିଲେ। ମନ୍ତ୍ରୀ ଶ୍ରୀ ବଳ ସାମନ୍ତ ନିଜ ବକ୍ତବ୍ୟରେ କହିଥିଲେ 'ଭିନ୍ନକ୍ଷମମାନେ ସମାଜର ଆବଶ୍ୟକୀୟ ଅଙ୍ଗ, ସେମାନେ କୌଣସି ଗୁଣରେ କାହାରିଠାରୁ କମ୍ ନୁହଁନ୍ତି। ସେମାନଙ୍କର ଆତ୍ମବିଶ୍ୱାସ ଓ ପ୍ରତିଭାକୁ ସଠିକ୍ ଦିଗଦର୍ଶନ ଦେବା ଏବଂ ସେମାନଙ୍କୁ ସାମାଜିକ ଓ ଅର୍ଥନୈତିକ ଭାବେ ସଶକ୍ତ କରିବା ପାଇଁ ଆମ ସରକାର ସର୍ବଦା ବଦ୍ଧପରିକର। ଏହି ଶିବିର କେବଳ ସହାୟତା ବଣ୍ଟନର ମାଧ୍ୟମ ନୁହେଁ, ବରଂ ସେମାନଙ୍କ ଜୀବନରେ ଆଶା ଓ ସ୍ୱାବଲମ୍ବନର ନୂତନ ଆଲୋକ ଭରିବାର ଏକ ନିଷ୍ଠାପର ପ୍ରୟାସ।' ଏହି କାର୍ଯ୍ୟକ୍ରମରେ ସୁକିନ୍ଦା ପଞ୍ଚାୟତ ସମିତିର ଅଧ୍ୟକ୍ଷ ଦିବ୍ୟ ରଞ୍ଜନ ବରାଳ, ଉପାଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ଜାନକୀ ହେମ୍ବ୍ରମ,



ତହସିଲଦାର, ବ୍ୟାସନଗର ମାନସ ରଞ୍ଜନ ତ୍ରିପାଠୀ, ସଞ୍ଜିତ୍ କୁମାର ମହାନ୍ତି ଏବଂ ରମଣୀ ରଞ୍ଜନ ବଳ ସାମନ୍ତ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଶିବିରରେ ସୁକିନ୍ଦା ବ୍ଲକର ବିଭିନ୍ନ ପ୍ରାନ୍ତରୁ ମୋଟ ୨୯୦ ଜଣ ଭିନ୍ନକ୍ଷମ ହିତାଧିକାରୀ ଅଂଶଗ୍ରହଣ କରି ନିଜର ନାମ ପଞ୍ଜୀକରଣ କରିଥିଲେ। ଏଥିମଧ୍ୟରୁ ଅସ୍ଥିଶଲ୍ୟ ବିଭାଗରେ ୧୫୭ ଜଣ, କର୍ଣ୍ଣ/ନାସା/ଗଳା/ ଶ୍ରବଣ ବାଧିତ ବିଭାଗରେ ୬୨ ଜଣ, ମାନସିକ ବାଧିତ ବିଭାଗରେ ୩୫ ଜଣ, ଦୃଷ୍ଟି ବାଧିତ ବିଭାଗରେ ୩୧ ଜଣ ଏବଂ ଭେଷଜ/ବହୁବିଧ ବାଧିତ ବିଭାଗରେ ୫ ଜଣ ହିତାଧିକାରୀ ସାମିଲ ହୋଇଥିଲେ। ଏହି ଅବସରରେ ଆବଶ୍ୟକତା ଅନୁଯାୟୀ ହିତାଧିକାରୀଙ୍କୁ ୪ଟି ହୁଇଲ୍ ଚେୟାର, ୧ ଟି ରୋଲେଟର ଏବଂ ୧ ଟି ଧଳା ବାଡ଼ି ପ୍ରଦାନ କରାଯାଇଥିଲା। ଏହା ସହିତ କ୍ରୀଡ଼ା କ୍ଷେତ୍ରରେ ନିଜର ଶ୍ରେଷ୍ଠ ଯୋଗଦାନ ପାଇଁ ୨ ଜଣ କୃତୀ ପାରା-ଆଥଲେଟଙ୍କୁ ଅତିଥିମାନଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା।

# ପାରଳା ପୋଲିସକୁ ବଡ଼ ସଫଳତା

ପାରଳାଖେମୁଣ୍ଡି,୨୨।୮(ନିପ୍ର); ପାରଳା ପୋଲିସକୁ ମିଳିଛି ବଡ଼ ସଫଳତା। ଅଭିଯୋଗକାରିଣୀ ସରାବସୁଧି ସନ୍ତୋଷିନୀ (୪୫) ଘରେ ନଥିବା ସମୟରେ ୦୭/୦୮.୦୮.୨୦୨୬ ମଧ୍ୟରାତ୍ରିରେ ଅଜଣା ଦୁର୍ବୃତ୍ତମାନେ ତାଙ୍କ ଘର ଓ ଆଲମାରୀର ତାଲା ଭାଙ୍ଗି ସୁନା, ରୂପା ଅଳଙ୍କାର ସହିତ ନଗଦ ୫,୫୦,୦୦୦ ଟଙ୍କା ଚୋରି କରିନେଇଥିଲେ।

ଅଭିଯୋଗକୁ ଆଧାର କରି ପୋଲିସ ତଦନ୍ତ ସମୟରେ ମିଳିଥିବା ନିର୍ଦ୍ଦିଷ୍ଟ ସୂଚନା ଆଧାରରେ ପୋଲିସ ଅଭିଯୁକ୍ତଙ୍କୁ ୨୦.୦୮.୨୦୨୬ ତାରିଖରେ କୋରାପୁଟ ଜିଲ୍ଲାର ସିମିଳିଗୁଡ଼ା ଅଞ୍ଚଳରୁ ଠାବ କରି ଗିରଫ କରିଥିଲା । ପର୍ଦ୍ଦାଫାସ କରି ଅଭିଯୁକ୍ତ ସର୍ବସୁଧି କୁମାର ସ୍ୱାମୀ (୩୦), ସଞ୍ଜୟ ଗାନ୍ଧୀ କଲୋନୀ, ପାରଳାଖେମୁଣ୍ଡିଙ୍କୁ ଗିରଫ କରାଯାଇଅଛି । ଏ ସମ୍ପର୍କରେ ଆଦର୍ଶ ଥାନା ପାରଳାଖେମୁଣ୍ଡି କେସ୍ ନଂ. ୩୨୭, ଦଫା ୩୩୧(୪)/୩୦୫(ଏ)/୩(୫) ବି ଏନ ଏସ୍ ରୁଜୁ ହୋଇଥିଲା । ପରବର୍ତ୍ତୀ ତଦନ୍ତ ଓ କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ପୋଲିସ ପ୍ରାୟ ୭.୫ ତୋଳା ସୁନା ଅଳଙ୍କାର, ଯାହାର ଆନୁମାନିକ ମୂଲ୍ୟ ୯,୭୫,୦୦୦ ଟଙ୍କା, ପ୍ରାୟ ୯୦ ତୋଳା ରୁପା ସାମଗ୍ରୀ, ଯାହାର ଆନୁମାନିକ ମୂଲ୍ୟ ୩,୦୦,୦୦୦ ଟଙ୍କା, ନଗଦ/ଚୋରି ସାମଗ୍ରୀ ବିକ୍ରୟରୁ ପ୍ରାପ୍ତ ୧,୮୨,୦୦୦ ଟଙ୍କା ଏବଂ ୧୯,୫୦୦ ଟଙ୍କା ମୂଲ୍ୟର ଗୋଟିଏ ଓପିପିଓକେ କିଛି ମୋବାଇଲ୍ ଫୋନ୍ ଜବତ କରିଛି । ଏହିପରି ମୋଟ ପ୍ରାୟ ୧୪,୭୬,୫୦୦ ଟଙ୍କା ମୂଲ୍ୟର ଚୋରି ସମ୍ପତ୍ତି ଓ ସମ୍ପୃକ୍ତ ସାମଗ୍ରୀ ଉଦ୍ଧାର ଓ ଜବତ କରାଯାଇଛି । ଗିରଫ ଅଭିଯୁକ୍ତଙ୍କୁ ଅଦାଲତକୁ ଚାଲାଣ କରାଯାଇଛି। ଅନ୍ୟ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଧରିବା ଏବଂ ବଳକା ଚୋରି ସମ୍ପତ୍ତି ଉଦ୍ଧାର ପାଇଁ ତଦନ୍ତ ଜାରି ରହିଛି।

**AFFIDAVIT**

By the virtue of an Affidavit sworn before The Executive Magistrate, Keonjhar, affidavit No. 4. Dt. 25.05.2026, I Kuna Naik S/o Bipin Naik, At/Po: Jharbeda, Ps: Pandapada, Dist: Keonjhar, Odisha, PIN-758014 do here by declare that I have changed my daughter's name from Shriali Naik to Rinkirani Naik. Hence forth she will be known as Rinkirani Naik for all purposes

."Sd/-KUNA NAIK

**AFFIDAVIT**

By virtue of an affidavit sworn before Executive Magistrate Keonjhar, dated 20/08/2026 I Abdur Razzaque Son of Sekh Kased permanent Address AT-Chadhaibhol, PO- Chadhaibhol, P.S-Karanjia, Dist- Mayurbhanj, pin- 757037 declare that I have changed my name from Razak Alli to Abdur Razzaque henceforth, I shall be known as Abdur Razzaque for all purposes.

**Sd-** Abdur Razzaque


**AFFIDAVIT**

By virtue of an affidavit sworn before Executive Magistrate Keonjhar, dated 20/08/2026 I Md Abdul Malik Ansari Son of Abdulla Ansari permanent Address AT- Chadhaibhol, PO- Chadhaibhol, P.S-Karanjia, Dist- Mayurbhanj, pin- 757037 declare that I have changed my name from Abdul Malik to Md Abdul Malik Ansari henceforth, I shall be known as Md Abdul Malik Ansari for all purposes.

**Sd -** Md Abdul Malik Ansari

# ବାଙ୍କୀ କଟେରି ପଡ଼ିଆର ଉନ୍ନତି ଦାବି, ଉପଜିଲ୍ଲାପାଳଙ୍କୁ କ୍ରୀଡ଼ା ସଂସଦର ଦାବିପତ୍ର

ବାଙ୍କୀ,୨୨।୮ (ନିପ୍ର): ବାଙ୍କୀ ସହରସ୍ଥ କଚେରୀ ପଡ଼ିଆର ଉନ୍ନତି ଓ ଏହାକୁ ପୁନର୍ବାର କ୍ରୀଡ଼ା ଉପଯୋଗୀ କରିବା ଦାବିରେ ବାଙ୍କୀ କ୍ରୀଡ଼ା ସଂସଦ ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବାଙ୍କୀର ଏକମାତ୍ର ପ୍ରମୁଖ ଖେଳପଡ଼ିଆ ଭାବେ ପରିଚିତ କଚେରୀ ପଡ଼ିଆରେ ବର୍ଷତମାମ ଫୁଟବଲ୍, କ୍ରିକେଟ୍, ଭଲିବଲ୍ ସମେତ ବିଭିନ୍ନ କ୍ରୀଡ଼ାର ଅଭ୍ୟାସ ହୋଇଥାଏ। ଏଠାରେ ପ୍ରତିବର୍ଷ ରାଜ୍ୟସ୍ତରୀୟ ଫୁଟବଲ୍, କ୍ରିକେଟ୍, ଭଲିବଲ୍ ଓ ବ୍ୟାଡମିଣ୍ଟନ୍ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୁଏ। ଏଥିସହ ବିଭିନ୍ନ ଶିକ୍ଷାନୁଷ୍ଠାନର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ସ୍ୱାଧୀନତା ଦିବସ, ଗଣତନ୍ତ୍ର ଦିବସ, ଉତ୍କଳ ଦିବସ ସମେତ ବାଙ୍କୀ ମହୋତ୍ସବ, ରଜ ମହୋତ୍ସବ ଓ ଝାମୁ ଯାତ୍ରା ଭଳି ବିଭିନ୍ନ କାର୍ଯ୍ୟକ୍ରମ ଏଠାରେ ଅନୁଷ୍ଠିତ ହୋଇଥାଏ। କ୍ରୀଡ଼ା ସଂସଦର ଅଭିଯୋଗ ଅନୁଯାୟୀ, ନିକଟରେ ପୂର୍ତ୍ତ ବିଭାଗ ପକ୍ଷରୁ ପଡ଼ିଆର ଉନ୍ନତିକରଣ ପାଇଁ ମାଟି ପକାଯାଇଥିଲା। ତେବେ ମଟାଳ ମାଟି ପଡ଼ିବା ଓ ବର୍ଷାଜଳ ନିଷ୍କାସନର ସୁବିଧା ନଥିବାରୁ



ପଡ଼ିଆରେ କାଦୁଅ ଜମି ରହିଛି। ଫଳରେ ବର୍ତ୍ତମାନ ପଡ଼ିଆଟି କ୍ରୀଡ଼ା ପାଇଁ ପ୍ରାୟ ଅନୁପଯୁକ୍ତ ହୋଇପଡ଼ିଛି। ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟକ୍ରମ ସମୟରେ ବାଲି, ବଜୁରୀ ଓ ଡଷ୍ଟ ପକାଯିବା ଯୋଗୁଁ ପଡ଼ିଆର ଅବସ୍ଥା ଆହୁରି ଖରାପ ହୋଇଥିବା ମଧ୍ୟ ସଂସଦ ପକ୍ଷରୁ କୁହାଯାଇଛି। ଏହି ପଡ଼ିଆରେ ଯୁବଗୋଷ୍ଠୀଙ୍କ ସମେତ ବରିଷ୍ଠ ନାଗରିକମାନେ ସକାଳ ଓ ସନ୍ଧ୍ୟାରେ ବ୍ୟାୟାମ ଓ ଚଲାବୁଲା କରିଥାନ୍ତି। ତେଣୁ ତୁରନ୍ତ ପଡ଼ିଆରୁ କାଦୁଅ ହଟାଇବା, ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା କରିବା ଏବଂ ଉପଯୁକ୍ତ ଭାବେ ପଡ଼ିଆର ଉନ୍ନତି କରି ଏହାକୁ କ୍ରୀଡ଼ା ଉପଯୋଗୀ କରିବାକୁ କ୍ରୀଡ଼ା ସଂସଦ ଦାବି କରିଛି। ସୂଚନାଯୋଗ୍ୟ, କଚେରୀ ପଡ଼ିଆଟି ଓଡ଼ିଶା ସରକାରଙ୍କ ମିନି ଷ୍ଟାଡିୟମ୍ ଭାବେ ଚିହ୍ନଟ ହୋଇଥିବାରୁ ଏହାର ଉନ୍ନତିକରଣ ପ୍ରତି ପ୍ରଶାସନ ଗୁରୁତ୍ୱ ଦେବାକୁ ସଂସଦ ପକ୍ଷରୁ ଦାବି କରାଯାଇଛି। ଦାବିପତ୍ରର ଏକ ନକଲ ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ମଧ୍ୟ ପ୍ରଦାନ କରାଯାଇଛି। କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ସନ୍ତୋଷ କୁମାର ରଣାଙ୍କ ନେତୃତ୍ୱରେ ଉପସଭାପତି ବିବେକାନନ୍ଦ ସାମଲ, ବରିଷ୍ଠ ସଦସ୍ୟ ମନୋଜ କୁମାର ମହାପାତ୍ର, ପ୍ରସନ୍ନ ମଣି ତ୍ରିପାଠୀ, ସୌମେନ୍ଦ୍ର ମିଶ୍ର, ସାଗର ବେହେରା, ସନ୍ତୋଷ କୁମାର ପ୍ରଧାନ, କାହ୍ନୁଚରଣ ବେହେରାଙ୍କ ସମେତ ବହୁ କ୍ରୀଡ଼ାବିତ୍ ଓ ସ୍ଥାନୀୟ ବୁଦ୍ଧିଜୀବୀ ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ।

# ବିଜେପିର ନୂଆ ଟିମ୍ ସହ ମୋଦିଙ୍କ ମନ୍ଥନ




ନୂଆଦିଲ୍ଲୀ, ୨୨।୮: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ସନ୍ଧ୍ୟାରେ ନୂଆଦିଲ୍ଲୀସ୍ଥିତ ବିଜେପି ମୁଖ୍ୟାଳୟରେ ପହଞ୍ଚି ଦଳର ନବନିଯୁକ୍ତ ଜାତୀୟ ପଦାଧିକାରୀଙ୍କ ସହ ବୈଠକ କରିଛନ୍ତି। ନୂତନ ଟିମ୍ ଘୋଷଣା ହେବା ପରେ ପ୍ରଧାନମନ୍ତ୍ରୀଙ୍କ ସହ ଏହା ପ୍ରଥମ ସାକ୍ଷାତ୍କାର ।ବୈଠକ ପରେ ପ୍ରଧାନମନ୍ତ୍ରୀ 'ଏକ୍ସ'ରେ ପୋଷ୍ଟ କରି କହିଛନ୍ତି ଯେ, ଦଳୀୟ ସହକର୍ମୀଙ୍କ ସହ ଏହା ଏକ ଭଲ ବୈଠକ ଥିଲା। ଏଭଳି ବୈଠକ ଦଳକୁ ଆହୁରି ସୁଦୃଢ଼ କରିବା ସହ ଜନସାଧାରଣଙ୍କ ସହ ଅଧିକ ପ୍ରଭାବଶାଳୀ ଯୋଗାଯୋଗ ସ୍ଥାପନ ପାଇଁ ଚିନ୍ତନ ଓ ଆଲୋଚନାର ମଞ୍ଚ ପ୍ରଦାନ କରେ ବୋଲି ସେ ଉଲ୍ଲେଖ କରିଛନ୍ତି ।ଏହାପୂର୍ବରୁ ଶନିବାର ସକାଳେ ନବନିଯୁକ୍ତ ଜାତୀୟ ପଦାଧିକାରୀମାନେ ବିଜେପି ସଭାପତି ନୀତିନ ନବୀନଙ୍କ ସହ ମଧ୍ୟ ବୈଠକ କରିଥିଲେ। ଅଗଷ୍ଟ ୧୭ରେ ବିଜେପିର ନୂତନ ଜାତୀୟ ଟିମ୍ ଘୋଷଣା କରାଯାଇଥିଲା। ୬୫ ଜଣିଆ ଟିମରେ ରାମ ମାଧବଙ୍କୁ ଉପାଧ୍ୟକ୍ଷ ଏବଂ ସ୍ମୃତି ଇରାନୀଙ୍କୁ ସାଧାରଣ ସମ୍ପାଦକ ଭାବେ ସାମିଲ କରାଯାଇଛି। ବୈଠକରେ ଯୁବପିଢ଼ି, ବିଶେଷକରି 'ଜେନେରେସନ୍-ଜେଡ୍'ଙ୍କ ସହ ଯୋଗାଯୋଗ ବଢ଼ାଇବା ନେଇ ଆଲୋଚନା ହୋଇଥିବା ଜଣାପଡ଼ିଛି। ଏଥିପାଇଁ ଦଳୀୟ ନେତାମାନଙ୍କୁ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ଉଚ୍ଚଶିକ୍ଷାନୁଷ୍ଠାନକୁ ପଠାଇ ଛାତ୍ରଛାତ୍ରୀଙ୍କ ସହ ସିଧାସଳଖ ଆଲୋଚନା କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି। ବିଶେଷକରି ଯୁବପିଢ଼ିଙ୍କ ପାଖରେ ସରକାରଙ୍କ କାର୍ଯ୍ୟକ୍ରମ ଓ ବାର୍ତ୍ତା ପହଞ୍ଚାଇବା ପାଇଁ ଡିଜିଟାଲ ମାଧ୍ୟମରେ ଅଧିକ ସକ୍ରିୟ ହେବା ଉପରେ ଜୋର ଦିଆଯାଇଛି। ବିଜେପିର ନୂତନ ଜାତୀୟ ଟିମରେ ସଂଗଠନର ବଡ଼ ପରିବର୍ତ୍ତନର ସଙ୍କେତ ମିଳିଛି। ୬୫ ଜଣିଆ ଟିମରେ ୧୪ ଜଣ ପୁରୁଣା ପଦାଧିକାରୀଙ୍କୁ ବଜାୟ ରଖାଯାଇଥିବା ବେଳେ ୫୧ ଜଣ ନୂଆ ମୁହଁଙ୍କୁ ସାମିଲ କରାଯାଇଛି। ଅର୍ଥାତ୍ ନୂତନ ଟିମ୍ର ପ୍ରାୟ ୭୮.୫ ପ୍ରତିଶତ ସଦସ୍ୟ ନୂଆ ।ଅଭିଜ୍ଞ ନେତାଙ୍କ ସହ ନୂଆ ମୁହଁଙ୍କୁ ସାମିଲ କରି ବିଜେପି ସଂଗଠନକୁ ଆହୁରି ସକ୍ରିୟ କରିବା ଏବଂ ଯୁବପିଢ଼ି ଓ ସାଧାରଣ ଲୋକଙ୍କ ସହ ଯୋଗାଯୋଗ ବଢ଼ାଇବା ଦିଗରେ ଦଳ ଗୁରୁତ୍ୱ ଦେଉଥିବା ଏହି ନୂତନ ଟିମ୍ରୁ ସଙ୍କେତ ମିଳୁଛି।

## ଆଇଆଇଟି ଦିଲ୍ଲୀ କ୍ୟାମ୍ପସର ଷଷ୍ଠ ମହଲାରୁ ଡେଇଁ ୩୧ ବର୍ଷୀୟ ଛାତ୍ରଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ, ୨୨।୮: ଆଇଆଇଟି ଦିଲ୍ଲୀ କ୍ୟାମ୍ପସର ଏକ କୋଠାର ଷଷ୍ଠ ମହଲାରୁ ଡେଇଁ ପଡ଼ି ଜଣେ ୩୧ ବର୍ଷୀୟ ଏମଏସସି ପଦାର୍ଥ ବିଜ୍ଞାନ ଛାତ୍ର ଆତ୍ମହତ୍ୟା କରିଛନ୍ତି। ପୋଲିସ ଶନିବାର ସକାଳ ପ୍ରାୟ ୮ଟା ୩୩ ସମୟରେ ଏକ ପିସିଆର କଲ୍ ମାଧ୍ୟମରେ ଘଟଣା ବିଷୟରେ ସୂଚନା ପାଇଥିଲା। ସୂଚନା ପାଇବା ପରେ, କିଶନଗଡ଼ ପୋଲିସ ଷ୍ଟେସନର ଏକ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲା। ଆହତ ଛାତ୍ରଙ୍କୁ ଆଇଆଇଟି ଦିଲ୍ଲୀ କ୍ୟାମ୍ପସ ହସ୍ପିଟାଲକୁ ନିଆଯାଇଥିଲା, ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ସୂଚନା ଅନୁଯାୟୀ, ଛାତ୍ର ଜଣକ ସକାଳ ୮ଟା ସମୟରେ କ୍ୟାମ୍ପସ ମୁଖ୍ୟ ଫାଟକ ଦେଇ ଆଇଆଇଟି ଦିଲ୍ଲୀ ପରିସରରେ ପହଞ୍ଚି ଥିଲେ। ଛାତ୍ର ଜଣକ ଲେକଜର ହଲ୍ କମ୍ପ୍ଲେକ୍ସର ଷଷ୍ଠ ମହଲାକୁ ଲିଫ୍ଟରେ ଯାଇ ଡେଇଁ ପଡ଼ିଥିଲେ। ଘଟଣାସ୍ଥଳରୁ କୌଣସି ସୁଇସାଇଡ୍ ନୋଟ୍ ମିଳିନାହିଁ। ମୃତକଙ୍କ ପକେଟରୁ ଏକ ମୋବାଇଲ୍ ଫୋନ୍ ମିଳିଛି। ପ୍ରାଥମିକ ପରୀକ୍ଷାରୁ ଉପରୁ ପଡ଼ିଯିବା କାରଣରୁ ହୋଇଥିବା ଆଘାତ ବ୍ୟତୀତ ଶରୀରରେ ଅନ୍ୟ କୌଣସି ଆଘାତ ଚିହ୍ନ ମିଳିନାହିଁ। ଘଟଣା ପରେ ତଦନ୍ତ ଓ ପ୍ରମାଣ ସଂଗ୍ରହ ପାଇଁ କ୍ରାଇମ୍ ଟିମ୍ ଓ ଫୋରେନସିକ୍ ସାଇନ୍ସ ଲାବୋରେଟୋରୀ ଦଳକୁ ଘଟଣାସ୍ଥଳକୁ ଡକାଯାଇଥିଲା। ପୁଲିସ ଛାତ୍ରଙ୍କ କାଉନସେଲିଂ ରେକର୍ଡ ଓ ଆଇଆଇଟି ପ୍ରଶାସନଠାରୁ ଅନ୍ୟାନ୍ୟ ସୂଚନା ମଧ୍ୟ ହାସଲ କରୁଛି। ପୁଲିସ ବର୍ତ୍ତମାନ ଘଟଣାର କାରଣ ତଦନ୍ତ କରୁଛି।

## ହରିୟାଣା ମୁଖ୍ୟମନ୍ତ୍ରୀଙ୍କୁ କଳା ପତାକା ପ୍ରଦର୍ଶନ: ୧୮ ପୁଲିସ ନିଲମ୍ବିତ



ଚଣ୍ଡୀଗଡ଼, ୨୨।୮: ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂହ ସୈନିଙ୍କ ସୁରକ୍ଷା ବ୍ୟବସ୍ଥାରେ ଏକ ବଡ଼ ଧରଣର ତ୍ରୁଟି ସାମ୍ନାକୁ ଆସିଛି। ଗୁରୁଗ୍ରାମରେ ମୁଖ୍ୟମନ୍ତ୍ରୀଙ୍କ କାରକେଡ୍ ଯାଉଥିବା ସମୟରେ କଂଗ୍ରେସ କର୍ମୀଙ୍କ ଏକ ଗୋଷ୍ଠୀ କଳା ପତାକା ପ୍ରଦର୍ଶନ କରିବା ସହ ଗାଡ଼ିଗୁଡ଼ିକର ଗତିପଥରେ ବାଧା ସୃଷ୍ଟି କରିଛନ୍ତି। ଏହି ଘଟଣାକୁ ଗୁରୁଗ୍ରାମ ପୁଲିସ କମିସନର ସିବାଶ କବିରାଜ ଅତ୍ୟନ୍ତ ଗମ୍ଭୀରତାର ସହ ନେଇଛନ୍ତି। ସେ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିଥିବା ଯୋଗୁଁ ୨ ଜଣ ଡେପୁଟି କମିସନରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏହି ଦୁଇ ଅଧିକାରୀ ହେଲେ ଡିସିପି (ପଶ୍ଚିମ) କରନ ଗୋୟଲ ଏବଂ ଡିସିପି (କ୍ରାଇମ୍) ହିତେଶ ଯାଦବ। ଏହା ସହିତ ସିଭିଲ ଲାଇନ୍ସ ପୁଲିସ ଷ୍ଟେସନର ଥାନା ଅଧିକାରୀ ବିଜେନ୍ଦ୍ର ସିଂହ ଏବଂ ପଶ୍ଚିମ ଜୋନର ସୁରକ୍ଷା ପ୍ରଭାରୀଙ୍କ ସମେତ ୧୮ ଜଣ ପୁଲିସ କର୍ମଚାରୀଙ୍କୁ ତୁରନ୍ତ ନିଲମ୍ବିତ କରାଯାଇଛି। ଗୁରୁଗ୍ରାମ ପୁଲିସ ମୁଖପାତ୍ର ସନ୍ଦୀପ କୁମାର ପ୍ରକାଶ କରିଛନ୍ତି ଯେ ଏହି ଘଟଣାରେ ସଂପୃକ୍ତ ଗୁଇନ୍ଦା ଅଧିକାରୀଙ୍କ ବିରୋଧରେ ବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। କଳା ପତାକା ପ୍ରଦର୍ଶନ ଘଟଣାରେ କଂଗ୍ରେସର ଗ୍ରାମୀଣ ଜିଲ୍ଲା ସଭାପତି ବର୍ଦ୍ଧନ ଯାଦବଙ୍କ ନେତୃତ୍ୱରେ ୧୫ରୁ ଅଧିକ କଂଗ୍ରେସ କର୍ମୀ ସାମିଲ ଥିବା ଜଣାପଡ଼ିଛି। କାରକେଡ୍ ସହ ଯାଉଥିବା ପୁଲିସ କର୍ମଚାରୀମାନେ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ କର୍ମୀମାନେ ଗାଡ଼ିଗୁଡ଼ିକର ଅତି ନିକଟକୁ ଆସି କଳା ପତାକା ଦେଖାଇଥିଲେ । ଏହି ଘଟଣାରେ ୧୦ ଜଣଙ୍କୁ ଗିରଫ କରାଯାଇଛି।

## ୧୮୦୦ କିମି ଏଲପିଜି ପାଇପଲାଇନ୍ ନିର୍ମାଣକୁ ମଞ୍ଜୁରି

ନୂଆଦିଲ୍ଲୀ, ୨୨।୮: ଦେଶରେ ୧୮୦୦ କିମିର ଏଲପିଜି ପାଇପଲାଇନ୍ ନିର୍ମାଣ ହେବ। ତେଲେଙ୍ଗାନା, ମହାରାଷ୍ଟ୍ର, ଉତ୍ତରପ୍ରଦେଶ, କର୍ଣ୍ଣାଟକ ଏବଂ ଗୋଆ ଭଳି ରାଜ୍ୟରେ ବିଛାଯିବାକୁ ଥିବା ଏହି ପାଇପଲାଇନ୍ ପ୍ରକଳ୍ପକୁ ତୈଳ କ୍ଷେତ୍ରର ନିୟାମକ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ନିୟାମକ ବୋର୍ଡ ମଞ୍ଜୁରି ଦେଇଛି। ଏହି ପ୍ରକଳ୍ପ ବାବଦରେ ପ୍ରାୟ ୭ ହଜାର କୋଟି ଟଙ୍କା ନିବେଶ ହେବ। ଏହି ପାଇପଲାଇନ୍ ନିର୍ମାଣ ଦ୍ୱାରା ସଡ଼କ ପଥରେ ଏଲପିଜି ପରିବହନର ନିର୍ଭରଶୀଳତା ହ୍ରାସ ପାଇବ। ରାଷ୍ଟ୍ରାୟତ୍ତ କମ୍ପାନି ଗେଲ୍ ଇଣ୍ଡିଆ ଲିମିଟେଡ ଦ୍ୱାରା ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଦେଶରେ ଏଲପିଜି ପାଇପଲାଇନ୍ ନେଟୱର୍କ ୭୭୦୦ କିମିରୁ ୯୫୦୦ କିମିକୁ ବୃଦ୍ଧି ପାଇବ। ତେଲେଙ୍ଗାନାର ଚେର୍ଲାପାଲିରୁ ମହାରାଷ୍ଟ୍ରର ନାଗପୁରକୁ ୫୫୬ କିମିର ପାଇପଲାଇନ, ଉତ୍ତରପ୍ରଦେଶର ଝାନ୍ସୀରୁ ଉତ୍ତରାଖଣ୍ଡର ସିତାରଗଞ୍ଜକୁ ୬୧୧ କିମି ପାଇପଲାଇନ ଏବଂ ମହାରାଷ୍ଟ୍ରର ଶିକ୍ରାପୁରରୁ ଗୋଆ ଏବଂ କର୍ଣ୍ଣାଟକର ହୁବଲିକୁ ୬୩୩ କିମି ଏଲପିଜି ପାଇପଲାଇନ ବିଛାଯିବ।

## ସଫ୍ଟୱେର୍ ଇଞ୍ଜିନିୟରଙ୍କୁ ପିଟିପିଟି ହତ୍ୟା କଲେ ଶ୍ୱଶୁର ଘର ଲୋକ

ନୂଆଦିଲ୍ଲୀ, ୨୨।୮: ଦିଲ୍ଲୀରେ ଏକ ଘରୋଇ କଳହ ହତ୍ୟା ପରି ଦୁଃଖଦ ଘଟଣାର ରୂପ ନେଇଛି। ସ୍ତ୍ରୀ ସହିତ ଝଗଡ଼ା ପରେ ଜଣେ ୩୧ ବର୍ଷୀୟ ସଫ୍ଟୱେର୍ ଇଞ୍ଜିନିୟରଙ୍କୁ ତାଙ୍କ ଶ୍ୱଶୁର ଘର ଲୋକ ପିଟିପିଟି ହତ୍ୟା କରିଛନ୍ତି। ଶନିବାର ସକାଳେ ଏହି ଘଟଣା ଘଟିଥିଲା। ମୃତ ସଫ୍ଟୱେର୍ ଇଞ୍ଜିନିୟର ବିନୟ ଗୁପ୍ତା ଓ ତାଙ୍କ ପତ୍ନୀ ରେଖାଙ୍କ ମଧ୍ୟରେ ପିଲାଙ୍କୁ ଔଷଧ ଦେବାକୁ ନେଇ ଯୁକ୍ତିତର୍କ ହୋଇଥିଲା। ରେଖା ତାଙ୍କ ପରିବାର ଲୋକଙ୍କୁ ଯୋଗାଯୋଗ କରି ବାହାରକୁ ଚାଲି ଯାଇଥିଲେ। ଦଶ ମିନିଟ ପରେ ସେ ନିଜର ଦୁଇ ଭାଇ, ଭାଉଜ, ବାପା ଓ କକାଙ୍କୁ ଧରି ଦିଲ୍ଲୀର ନିହାଲ ବିହାର ସ୍ଥିତ ଘରକୁ ଫେରିଥିଲେ। ସେମାନେ ଘରକୁ ଆସି ବିନୟଙ୍କୁ ପିଟିଥିଲେ ବୋଲି ବିନୟଙ୍କ ସହିତ ରହୁଥିବା ତାଙ୍କ ମା' କହିଛନ୍ତି। ବିନୟଙ୍କ ମା' କହିଛନ୍ତି, ସେ ଯେତେ ମନା କରିଥିଲେ ମଧ୍ୟ ସେମାନେ ତାଙ୍କ ପୁଅକୁ ପିଟିବା ବନ୍ଦ କରିନଥିଲେ। ରେଖାଙ୍କ ପରିବାର ଲୋକ ବିନୟଙ୍କ ତଣ୍ଟି ଚାପି ଧରିବା ସହିତ ତାଙ୍କ ଛାତିକୁ ଗୋଇଠା ମାରିଥିଲେ। ଏସବୁ ଯୋଜନାବଦ୍ଧ ଭାବେ କରାଯାଇଥିବା ବିନୟଙ୍କ ମା' କହିଛନ୍ତି। ବିନୟଙ୍କୁ ମାଡ଼ ମାରିବା ପୂର୍ବରୁ ରେଖା ଜାଣିଶୁଣି ଘରର ସିସିଟିଭି ବନ୍ଦ କରିଦେଇଥିଲେ। ପଡ଼ୋଶୀମାନେ ବିନୟଙ୍କୁ ଡାକ୍ତରଖାନା ନେବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ତାଙ୍କ ମା' ଅଭିଯୋଗ କରିଛନ୍ତି। ବିନୟ ଆଡୋବ୍ କମ୍ପାନିରେ ସଫ୍ଟୱେର୍ ଇଞ୍ଜିନିୟର ଭାବେ କାମ କରୁଥିଲେ। ରେଖାଙ୍କୁ ସେ ସାଢ଼େ ତିନି ବର୍ଷ ପୂର୍ବେ ବିବାହ କରିଥିଲେ। ଉଭୟଙ୍କର ସାଢ଼େ ଚାରି ମାସର ଯମଜ ପୁଅ ଓ ଝିଅ ଅଛନ୍ତି।

## ହାଫିଜ୍ ସୟିଦଙ୍କୁ ସମନ୍ ପଠାଇବାକୁ ଭାରତର ପ୍ରସ୍ତୁତି



ନୂଆଦିଲ୍ଲୀ, ୨୨।୮: ୨୦୨୫ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ମାମଲାରେ ଲସ୍କର-ଏ-ତୋଇବା ମୁଖ୍ୟ ହାଫିଜ୍ ସୟିଦଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନକୁ ଭାରତ ଆଗକୁ ବଢ଼ାଇଛି। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ)ର ସ୍ୱତନ୍ତ୍ର କୋର୍ଟ ପକ୍ଷରୁ ସୟିଦଙ୍କ ବିରୋଧରେ ଜାମିନବିହୀନ ୱାରେଣ୍ଟ ଜାରି ହେବା ପରେ, କୂଟନୈତିକ ସ୍ତରରେ ଲାହୋରରେ ଥିବା ହାଫିଜ୍ ସୟିଦଙ୍କୁ କୋର୍ଟ ସମନ୍ ପଠାଇବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ସମନ୍ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ (ଏମଇଏ) ଏବଂ ଇସଲାମାବାଦସ୍ଥିତ ଭାରତୀୟ ହାଇକମିଶନ ଜରିଆରେ ପାକିସ୍ତାନ ବୈଦେଶିକ ମନ୍ତ୍ରଣାଳୟ ନିକଟକୁ ପଠାଯିବ। ହାଫିଜ୍ ସୟିଦଙ୍କ ବିରୋଧରେ ଜାମିନବିହୀନ ୱାରେଣ୍ଟ ଜାରି। ଏହି କୋର୍ଟ ସମନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସୟିଦଙ୍କୁ କୋର୍ଟରେ ହାଜର ହେବା ପାଇଁ ଆନୁଷ୍ଠାନିକ ଭାବେ ଏକ ସୁଯୋଗ ଦେବା। ଯଦି ସେ ହାଜର ନହୁଅନ୍ତି, ତେବେ ତାଙ୍କ ଅନୁପସ୍ଥିତିରେ ବିଚାର ପ୍ରକ୍ରିୟା ଜାରି ରଖିବା ପାଇଁ ଏହା ଆଇନଗତ ଭିତ୍ତିଭୂମି ପ୍ରସ୍ତୁତ କରିବ। ୨୦୨୬ ଜୁଲାଇରେ ଏନଆଇଏ ଦାଖଲ କରିଥିବା ସପ୍ଲିମେଣ୍ଟାରୀ ଚାର୍ଜସିଟରେ ସୟିଦଙ୍କୁ ପହଲଗାମ୍ ଆକ୍ରମଣର ମୁଖ୍ୟ ଷଡ଼ଯନ୍ତ୍ରକାରୀ ଏବଂ ଭାରତ ବିରୋଧରେ ଯୁଦ୍ଧ ଘୋଷଣା କରିଥିବା ଅଭିଯୋଗରେ ନାମିତ କରାଯାଇଛି।

## ପଶ୍ଚିମବଙ୍ଗ ପାହାଡ଼ିଆ ଅଞ୍ଚଳ ପ୍ରତିନିଧିମାନଙ୍କ ସହ ଶାହଙ୍କ ବୈଠକ




ନୂଆଦିଲ୍ଲୀ, ୨୨।୮ (ପିଆଇବି): କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତା ଏବଂ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ଉପସ୍ଥିତିରେ ଆଜି ସିଲିଗୁଡ଼ିଠାରେ ପଶ୍ଚିମବଙ୍ଗର ପାହାଡ଼ିଆ ଅଞ୍ଚଳର ବିଭିନ୍ନ ପକ୍ଷ ଓ ପ୍ରତିନିଧିମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଭାରତ ସରକାର ଏବଂ ରାଜ୍ୟ ସରକାରଙ୍କ ବରିଷ୍ଠ ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି ବୈଠକରେ ରାଜନୈତିକ ପ୍ରତିନିଧି ସାଂସଦ ରାଜୁ ବିଷ୍ଟ, ସାଂସଦ ହର୍ଷବର୍ଦ୍ଧନ ସିଙ୍ଗଲା, ପାହାଡ଼ିଆ ଅଞ୍ଚଳ ମନ୍ତ୍ରୀ ବିଶାଳ ଲାମା, ଜିଜିଏମ୍ ନେତା ବିମଲ ଗୁରୁଙ୍ଗ, ଜିଏନଏଲଏଫ ନେତା ମାନ୍ ଘିସିଂ, ବିଧାୟକ ଭାରତ ଛେତ୍ରୀ, ବିଧାୟକ ସୋନମ ଲାମା, ବିଧାୟକ ନୋମାନ ରାଇ, ସିପିଆରଏମ ନେତା ଜେବି ରାଇ, ଗୋରାନିମୋ ନେତା ଦାୱା ପାଖରିନ, ସୁମିତି ନେତା ବିକାଶ ରାୟ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ ।ରାଜ୍ୟର ପାହାଡ଼ିଆ ଅଞ୍ଚଳର ଜନସାଧାରଣଙ୍କ ସମସ୍ତ ସମସ୍ୟା ବାବଦରେ ଏହି ବୈଠକରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। ସେମାନଙ୍କର ସ୍ୱତନ୍ତ୍ର ପରିଚୟ, ଏକ ସ୍ଥାୟୀ ରାଜନୈତିକ ସମାଧାନ ଏବଂ ଭାରତୀୟ ସମ୍ବିଧାନ ଅଧୀନରେ ମାନ୍ୟତା ସମ୍ବନ୍ଧୀୟ ଦାବିଗୁଡ଼ିକୁ ବିଚାରକୁ ନିଆଯାଇଥିଲା। କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଭାରତୀୟ ସମ୍ବିଧାନର ପରିସର ମଧ୍ୟରେ ଶୀଘ୍ର ଏକ ସ୍ଥାୟୀ ରାଜନୈତିକ ସମାଧାନ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ସେ ମଧ୍ୟ ଏହି ସମ୍ପ୍ରଦାୟର ଅନ୍ୟ ସମସ୍ତ ଦାବିକୁ ସହାନୁଭୂତିର ସହ ବିଚାର କରିବାକୁ ଆଶ୍ୱାସନା ଦେଇଥିଲେ ଏବଂ କହିଥିଲେ ଯେ କେନ୍ଦ୍ରରୁ ପର୍ଯ୍ୟାପ୍ତ ଅନୁଦାନ ମାଧ୍ୟମରେ ସମସ୍ତ ବାକି ଥିବା ସମସ୍ୟାର ସମାଧାନ ସୁନିଶ୍ଚିତ କରାଯିବ। ଏହା ସହିତ, ଭାରତୀୟ ସମ୍ବିଧାନ ଅଧୀନରେ ପଶ୍ଚିମବଙ୍ଗର ପାହାଡ଼ିଆ ଅଞ୍ଚଳର ଲୋକଙ୍କ ପାଇଁ ସ୍ଥାୟୀ ରାଜନୈତିକ ସମାଧାନ ନିମନ୍ତେ ପ୍ରସ୍ତୁତ ହେବାକୁ ଥିବା ଚୂଡ଼ାନ୍ତ ଚୁକ୍ତିନାମାର ବିବରଣୀ ପ୍ରସ୍ତୁତ କରିବା ପାଇଁ, ପୂର୍ବତନ ଉପ-ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ତଥା ବର୍ତ୍ତମାନର ମଧ୍ୟସ୍ଥ ଶ୍ରୀ ପଙ୍କଜ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

## କାନାଡା ଉପରେ ୫୦% ଶୁଳ୍କ ଲଗାଇଲେ ଟ୍ରମ୍ପ



ୱାସିଂଟନ/ଅଟାୱା, ୨୨।୮ : ଯୁକ୍ତରାଷ୍ଟ୍ର ଆମେରିକା ଓ କାନାଡା ମଧ୍ୟରେ ୩ ଦିନ ଧରି ଚାଲିଥିବା ବାଣିଜ୍ୟ ଆଲୋଚନା ବିଫଳ ହୋଇଛି । ଆଲୋଚନାକୁ ସ୍ଥଗିତ ରଖି ଫେରି ଆସିବା ଲାଗି କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନି ତାଙ୍କ ଟିମକୁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପକ୍ଷରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କାନାଡାର ରପ୍ତାନି ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇଛନ୍ତି । ବାଣିଜ୍ୟ ଆଲୋଚନାରେ କାନାଡା ସୁଯୋଗ ହାତଛଡ଼ା କଲା ବୋଲି ଆମେରିକା କହିଛି। ଆମେରିକା ବାଣିଜ୍ୟ ପ୍ରତିନିଧି ଜେମିସନ ଗ୍ରିର୍ କହିଛନ୍ତି, ତାଙ୍କ ଦେଶ ପକ୍ଷରୁ ସର୍ବୋତ୍କୃଷ୍ଟ ଅଫର ଦିଆଯିବା ପରେ ମଧ୍ୟ କାନାଡା ବାଣିଜ୍ୟ ରାଜିନାମା ଚୂଡ଼ାନ୍ତ କରିବାକୁ ମନାକଲା । ପୂର୍ବରୁ କାନାଡା ଦେଇଥିବା ପ୍ରତିଶ୍ରୁତିକୁ ବଦଳାଇବା ସହ ନୂଆ ଦାବି ରଖିବା ଦ୍ୱାରା ଆଲୋଚନା ସମୟରେ ବିବାଦ ଉପୁଜିଲା ବୋଲି ସେ କହିଛନ୍ତି । ଦଶନ୍ଧି ଦଶନ୍ଧି ଧରି ଆମେରିକା ବଜାରରେ କାନାଡା ସବୁଠାରୁ ଭଲ ସୁଯୋଗ ପାଇଛି । ରାଷ୍ଟ୍ରପତି ଟ୍ରମ୍ପଙ୍କ କାର୍ଯ୍ୟକାଳ ଆରମ୍ଭରୁ କାନାଡାକୁ ବିଶ୍ୱରେ ସବୁଠୁ ଭଲ ବ୍ୟବହାର ଦେଖାଯାଇଛି । ଏହା ସତ୍ତ୍ୱେ ଉକ୍ତ ଦେଶ ଚୀନ ଭଳି ଆମେରିକାର କ୍ଷତି କରିବା ପ୍ରୟାସରେ ରହିଛି । ଚଳିତ ସପ୍ତାହରେ ଯୁକ୍ତରାଷ୍ଟ୍ର ଆମେରିକା କାନାଡାକୁ ଭଲ ସୁବିଧା ଦେବାକୁ ରାଜି ହୋଇଥିଲା । ଇସ୍ପାତ, ଆଲୁମିନିୟମ ଆଦି ସାମଗ୍ରୀ ଉପରେ ଉଲ୍ଲେଖନୀୟ ଭାବେ ଶୁଳ୍କ ହ୍ରାସ ପ୍ରସ୍ତାବ ଦେଇଥିଲା ବୋଲି ଗ୍ରିର୍ କହିଛନ୍ତି । ଜି-୭ ଗୋଷ୍ଠୀରେ ଦ୍ରୁତବେଗରେ ବଢ଼ୁଥିବା ଅର୍ଥନୀତି ଯୁକ୍ତରାଷ୍ଟ୍ର ଆମେରିକା ସହ ରହିବା ନେଇ ରହିଥିବା ସୁଯୋଗକୁ କାନାଡା ହାତଛଡ଼ା କଲା ବୋଲି ଗ୍ରିର ମତ ଦେଇଛନ୍ତି। ଅନ୍ୟପକ୍ଷରେ କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନି କହିଛନ୍ତି ସେ ଆମେରିକା ସହିତ ବାଣିଜ୍ୟ ଆଲୋଚନା ସ୍ଥଗିତ ରଖି ଅଟାୱାକୁ ଫେରି ଆସିବା ପାଇଁ ତାଙ୍କ ଟିମକୁ ନିର୍ଦ୍ଦେଶ ଦେଇଛନ୍ତି । ଯୁକ୍ତରାଷ୍ଟ୍ର ଆମେରିକା ଶେଷ ମୁହୂର୍ତ୍ତରେ ପ୍ରସ୍ତାବରେ ପରିବର୍ତ୍ତନ ଆଣିବା ଭେଦଭାବପୂର୍ଣ୍ଣ ଏବଂ ଅଣଅର୍ଥନୈତିକ ବୋଲି ସେ କହିଛନ୍ତି । ଏହା ପରେ ଯୁକ୍ତରାଷ୍ଟ୍ର ଆମେରିକା କାନାଡାର ପ୍ରାୟ ୨୦ ବିଲିଅନ ଡଲାର ମୂଲ୍ୟର ରପ୍ତାନି ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇଛି । କାନାଡାର ଶ୍ରମିକ ଓ ବ୍ୟବସାୟକୁ ସୁରକ୍ଷା ଦେବା ପାଇଁ ତାଙ୍କ ଦେଶ ମଧ୍ୟ ସମାନ ମାତ୍ରାର ପାଲଟା ଶୁଳ୍କ ଲଗାଇବ ବୋଲି ସେ ଘୋଷଣା କରିଛନ୍ତି ।

## ତାରିକ ରହମାନଙ୍କ ଭାରତ ଗସ୍ତକୁ ନେଇ ଦ୍ୱନ୍ଦ୍ୱ !

ନୂଆଦିଲ୍ଲୀ ୨୨।୮: ବାଂଲାଦେଶ ପ୍ରଧାନମନ୍ତ୍ରୀ ତାରିକ ରହମାନଙ୍କ ଭାରତ ଗସ୍ତକୁ ନେଇ ବଢିଲା ଦ୍ୱନ୍ଦ୍ୱ । ଆସନ୍ତା ରବିବାର ତାରିକ ରହମାନ ଭାରତ ଆସିବା ନେଇ ଚର୍ଚ୍ଚା ଭିତରେ ହଠାତ ରାଷ୍ଟ୍ରପତି ଭବନ ପକ୍ଷରୁ ଏକ ବଡ ପଦକ୍ଷେପ ନିଆଯାଇଛି । ଆଜି ହେବାକୁ ଥିବା ଚେଞ୍ଜ ଅଫ ଗାର୍ଡ ସେରିମନିକୁ ବାତିଲ କରାଯାଇଥିବା ଘୋଷଣା ଏହି ଗସ୍ତକୁ ନେଇ ନୂଆ ପ୍ରଶ୍ନ ଛିଡା କରିଛି । ବିଶେଷକରି ନୂଆଦିଲ୍ଲୀ ଓ ଢାକା ମଧ୍ୟରେ ବଢୁଥିବା ରାଜନୈତିକ ତିକ୍ତତା ମଧ୍ୟରେ ଏହି ଘଟଣାକୁ ଗୁରୁତ୍ୱର ସହ ଦେଖାଯାଉଛି । ଅନ୍ୟପଟେ , ପଦଚ୍ୟୁତ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କ ପ୍ରତ୍ୟର୍ପଣ ପାଇଁ ବାଂଲାଦେଶ ପକ୍ଷରୁ ଦାବି ହୋଇ ଆସୁଛି । ଏହି ପ୍ରସଙ୍ଗ ମଧ୍ୟ ଦୁଇ ଦେଶର ସମ୍ପର୍କରେ ଉତ୍ତେଜନା ବଢାଇଥିବା କୁହାଯାଉଛି ।

## ହାଜେଲୋ ଫାର୍ମାରେ ଭୟଙ୍କର ଅଗ୍ନିକାଣ୍ଡ; ଦୁଇ ମୃତ, ଆଠ ଆହତ

ନାଲଗୋଣ୍ଡା, ୨୨।୮: ତେଲଙ୍ଗାନାର ଯାଦାଦ୍ରି ଭୁବନଗିରି ଜିଲ୍ଲାର ଭୁଦାନ ପୋଚମ୍ପାଲ୍ଲି ମଣ୍ଡଳର ଦୋଥିଗୁଡେମରେ ଅବସ୍ଥିତ ହାଜେଲୋ ଫାର୍ମା ଶିଳ୍ପରେ ଶୁକ୍ରବାର ମଧ୍ୟରାତ୍ରିରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ପ୍ଲାଣ୍ଟ ଭିତରେ ଏକ ରାସାୟନିକ ରିଆକ୍ଟର ବିସ୍ଫୋରଣ ହେବା ପରେ ହଠାତ୍ ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡରେ ଦୁଇ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଆଠ ଜଣ ଗୁରୁତର ଆହତ ହୋଇଛନ୍ତି। ପ୍ରଚଣ୍ଡ ବିସ୍ଫୋରଣରେ ଭୟଭୀତ ହୋଇ ପଡ଼ୋଶୀ ଡୋଥିଗୁଡେମ ଓ ଆନ୍ଥମାଗୁଡେମ ଗାଁର ବାସିନ୍ଦାମାନେ ଘରୁ ବାହାରକୁ ବାହାରି ଆସିଲେ। ସୂଚନା ପାଇବା ମାତ୍ରେ ପୁଲିସ ଓ ଅଗ୍ନିଶମ ସେବା କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ।

## ଦୁଷ୍କର୍ମ ମାମଲା ଚାପିବା ପାଇଁ ୫ କୋଟି ଟଙ୍କା ଲାଞ୍ଚ ଯାଚିଥିଲେ ଗୁରପ୍ରୀତ



ଚଣ୍ଡୀଗଡ, ୨୨।୮: ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନଙ୍କ ପତ୍ନୀ ଗୁରପ୍ରୀତ କୌର ଏକ ବଡ଼ ଆଇନଗତ ବିବାଦ ମଧ୍ୟକୁ ଟାଣି ହୋଇଯାଇଛନ୍ତି। ଏକ ଦୁଷ୍କର୍ମ ମାମଲାକୁ ରଫାଦଫା କରିବା ଏବଂ ଏହାକୁ ଚାପି ଦେବା ଉଦ୍ଦେଶ୍ୟରେ ସମ୍ପୃକ୍ତ ଯୁବତୀଙ୍କ ପରିବାରକୁ ୫ କୋଟି ଟଙ୍କା ଲାଞ୍ଚ ଯାଚିବା ଅଭିଯୋଗରେ ଜାତୀୟ ମାନବାଧିକାର କମିସନ (ଏନ୍ଏଚ୍ଆରସି) ଶନିବାର ତାଙ୍କୁ ନୋଟିସ୍ ଜାରି କରିଛନ୍ତି। ପୀଡ଼ିତାଙ୍କ ପରିବାର ପକ୍ଷରୁ ଦାୟର କରାଯାଇଥିବା ଆବେଦନ ଉପରେ ଶୁଣାଣି କରି କମିସନ ପଞ୍ଜାବ ସରକାର ଏବଂ ସମ୍ପୃକ୍ତ ପକ୍ଷମାନଙ୍କଠାରୁ ଏହି ଘଟଣାର ସବିଶେଷ ରିପୋର୍ଟ ତୁରନ୍ତ ତଲବ କରିଛନ୍ତି। ଉଲ୍ଲେଖଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କ ପତ୍ନୀଙ୍କ ଭଳି ଜଣେ ପ୍ରଭାବଶାଳୀ ବ୍ୟକ୍ତିତ୍ୱଙ୍କ ବିରୋଧରେ ଏଭଳି ସଂଗୀନ ମାମଲା ସାମ୍ନାକୁ ଆସିବା ପରେ ରାଜ୍ୟ ରାଜନୀତିରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି।

## ଚିନ୍ତା ବଢାଇଲା ନୀତି ଆୟୋଗର ରିପୋର୍ଟ

# ଦେଶର ୮.୭ କୋଟି ଯୁବପିଢ଼ି ନା ପଢୁଛନ୍ତି କିମ୍ବା ଚାକିରି କରୁଛନ୍ତି




ନୂଆଦିଲ୍ଲୀ, ୨୨।୮: ନୀତି ଆୟୋଗର ଏକ ନୂତନ ରିପୋର୍ଟ ଚିନ୍ତାଜନକ ଖୁଲାସା କରିଛି। ଭାରତରେ ୧୫ ରୁ ୨୯ ବର୍ଷ ବୟସର ପ୍ରାୟ ୮.୭ କୋଟି ଯୁବପୀଢି ନା ପାଠ ପଢୁଛନ୍ତି,କୌଣସି ଚାକିରି କିମ୍ବା କୌଣସି ଟ୍ରେନିଂ ନେଉ ନାହାନ୍ତି। ଏଭଳି ଯୁବକଙ୍କୁ NEET (Not in Education, Employment and Training) ଶ୍ରେଣୀରେ ରଖାଯାଇଛି। ଏହି ରିପୋର୍ଟରେ କମିଶନ୍ ଯୁବପୀଢିଙ୍କୁ ସ୍ୱରୋଜଗାର ସହ ଯୋଡିବା ଓ ସ୍ଥାନୀୟ ଆବଶ୍ୟକତା ଅନୁସାରେ, ଟ୍ରେନିଂ କାର୍ଯ୍ୟକ୍ରମ ଚଳାଇବାର ତୁରନ୍ତ ଆବଶ୍ୟକତା ଉପରେ ଯୋର ଦେଇଛନ୍ତି। ନୀତି ଆୟୋଗ ସ୍ପଷ୍ଟ କରିଛନ୍ତି ଯେ, ଏହି ଅନୁମାନ ୨୦୨୧ ରେ ଆୟୋଜିତ ରାଷ୍ଟ୍ରୀୟ ନମୁନା ସର୍ବେକ୍ଷଣ (ଏନଏସଏସ) ତଥ୍ୟ ଉପରେ ଆଧାରିତ। କୌଶଳ ବିକାଶ ଯୋଜନାର ସର୍ବାଧିକ ପ୍ରଭାବ ସୁନିଶ୍ଚିତ କରିବା ପାଇଁ ନୀତି ଆୟୋଗ ଭାରତର କାର୍ଯ୍ୟବଳ ଓ ଶିକ୍ଷାର୍ଥୀଙ୍କୁ ୫ଟି ପ୍ରମୁଖ ଶ୍ରେଣୀରେ ବିଭାଜିତ କରିଛନ୍ତି। ତାହା ହେଲା ସ୍କୁଲ ଶିକ୍ଷା, ଉଚ୍ଚଶିକ୍ଷା, ଔପଚାରିକ ଓ ଅନୌପଚାରିକ କାର୍ଯ୍ୟ, ନିଟ୍ ଶ୍ରେଣୀର ଯୁବପୀଢି, ମହିଳା ଓ ଆୟ କରିବା ସହିତ ପଢୁଥିବା ଲୋକ। ରିପୋର୍ଟରେ କୁହାଯାଇଛି ଯେ, ନିଟ୍ ଶ୍ରେଣୀର ଯୁବପୀଢିଙ୍କ ଆୟ କମ୍ ଓ ଆଗରୁ ଶିକ୍ଷା ଉପରେ ହୋଇଥିବା ଖର୍ଚ୍ଚର ଆର୍ଥିକ ବୋଝ ଦ୍ୱାରା ଚାପି ହୋଇ ରହିଥାନ୍ତି। ଏଭଳି ଛାତ୍ର ନିଜର ବର୍ତ୍ତମାନର ଆର୍ଥିକ ସ୍ଥିତି ଭିତରେ ଭାରି ଶୁଳ୍କ ଥିବା ସ୍କିଲ୍ ଟ୍ରେନିଂ କୋର୍ସର ଖର୍ଚ୍ଚ ବହନ କରିପାରିବେନି। ନୀତି ଆୟୋଗ ଅନୁସାରେ, ଦୁର୍ବଳ ଆର୍ଥିକ ସ୍ଥିତି ଥିବା ନିଟ୍ ଶ୍ରେଣୀର ଯୁବକ ଓ ମହିଳାଙ୍କୁ କମ୍ କିମ୍ବା ସବସିଡି ଥିବା ଟ୍ରେନିଂ ସହ ଆର୍ଥିକ ସହାୟତା ଦରକାର ରହିଛି। ରିପୋର୍ଟରେ ଏ ବିଷୟରେ ଜୋର ଦିଆଯାଇଛି ଯେ, ସବୁ ଶ୍ରେଣୀ ପାଇଁ ଶିଖିବା ସହ ଆୟ କରିବାର ଅବସର ଦେବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା। ରିପୋର୍ଟରେ ଏହି କଥା ଉପରେ ଚିନ୍ତା ପ୍ରକାଶ କରାଯାଇଛି ଯେ, ଭାରତରେ କେବଳ ୮.୨୫% ସ୍ନାତକ ହିଁ ନିଜର ଶୈକ୍ଷଣିକ ଯୋଗ୍ୟତାର ଅନୁରୂପ ଚାକିରୀ କରୁଛନ୍ତି। ଆୟୋଗ କହିଛନ୍ତି କମ୍ ଆୟ ଥିବା ପରିବାରର ଛାତ୍ର ପୂର୍ବରୁ ହିଁ କଲେଜ ଫି' ଓ ଟ୍ୟୁସନ୍ ଖର୍ଚ୍ଚ ଦ୍ୱାରା ଅଧିକ ଚିନ୍ତିତ। ପାରମ୍ପାରିକ ଡିଗ୍ରୀ ସହିତ ଅଲଗା ଭାବରେ ଟଙ୍କା ଦେଇ ସ୍କିଲ୍ ଡେଭଲପମେଣ୍ଟ ଟ୍ରେନିଂରେ ନିବେଶ କରିବା ପାଇଁ ଆର୍ଥିକ ରୂପରେ ସମ୍ଭବ ହୋଇନଥାଏ। ଏହି କାରଣରୁ ବହୁ ଗ୍ରାଜୁଏଟ୍ ଯୁବପୀଢି ପାଠପଢା ପରେ ପରିବାରକୁ ଆର୍ଥିକ ସାହାରା ଦେବା ପାଇଁ କମ୍ ବେତନର ଚାକିରୀ ମିଳିଲେ ଏହାକୁ ସ୍ୱୀକାର କରି ନିଅନ୍ତି। ଏଭଳି ଯୁବକଙ୍କ ସଂଖ୍ୟା ମଧ୍ୟ ଖୁବ୍ ଅଧିକ ରହିଛି, ଯେଉଁମାନେ କାମ ହାସଲ କରିବା ପାଇଁ ସଂଘର୍ଷ କରିଥାନ୍ତି। ଶେଷରେ ନିଟ୍ ଶ୍ରେଣୀରେ ସାମିଲ ହୋଇଯାଇଥାନ୍ତି ।ନୀତି ଆୟୋଗର କହିବା ଅନୁସାରେ, 'ବିକଶିତ ଭାରତ ୨୦୪୭'ର ଲକ୍ଷ୍ୟକୁ ପ୍ରାପ୍ତ କରିବା ପାଇଁ ଦେଶର ନାଗରିକଙ୍କୁ ନିରନ୍ତର ଶିଖିବା, ଆୟ କରିବା ଓ ଆଗକୁ ବଢିବା ପାଇଁ ଯୋଗ୍ୟ ହେବା ଦରକାର। ଏଥିରେ କୌଶଳ ବିକାଶର ପ୍ରମୁଖ ଭୂମିକା ରହିଛି। ରିପୋର୍ଟରେ କୁହାଯାଇଛି ୨୦୧୪-୧୫ ରୁ ଏପର୍ଯ୍ୟନ୍ତ ୭.୬୭ କୋଟିରୁ ଅଧିକ ଲୋକଙ୍କୁ ଟ୍ରେନିଂ ଦିଆଯାଇ ସାରିଛି।

# ପରିତ୍ୟକ୍ତ ହ୍ରଦରେ ବୁଡ଼ି ଦୁଇ କଲେଜ ଛାତ୍ର ନିଖୋଜ

ନୀଳଗିରି(ନିପ୍ର): ପରିତ୍ୟକ୍ତ ଖାଦାନରେ ଗାଧୋଇବା ବେଳେ ଅଘଟଣ। ଗଭୀର ପାଣିରେ ବୁଡ଼ି ଦୁଇ କଲେଜ ଛାତ୍ର ନିଖୋଜ। ନୀଳଗିରି ମିତ୍ରପୁର ନିକଟରେ ଥିବା ପରିତ୍ୟକ୍ତ ଖୋଲା ଖାଦାନ ବ୍ଲୁ ଲେକରେ ଘଟିଛି ଏହି ଅଘଟଣ। ନୀଳଗିରିର ଏହି ବହୁବର୍ଷ ପୁରୁଣା ହ୍ରଦଟି ବନ୍ଦ ହୋଇ ପଡ଼ିଥିଲା। ହେଲେ ଆଜି ସେଠାରେ ଅମାନିଆଙ୍କ ଭଳି ଗାଧୋଇବାକୁ ଯାଇଥିବା ବେଳେ ୨ ଜଣ ଛାତ୍ର ନିଖୋଜ ହୋଇ ଯାଇଛନ୍ତି। ଆଜି ତିନି ଜଣ କଲେଜ ଛାତ୍ର ଖାଦାନ ନିକଟକୁ ବୁଲିବାକୁ ଯାଇଥିଲେ। ସେଠାରେ ବୁଲାବୁଲି କରିବା ପରେ ସେମାନେ ବ୍ଲୁ ଲେକରେ ଗାଧୋଇବା ଆରମ୍ଭ କରିଥିଲେ। କିନ୍ତୁ ଗାଧୋଇବା ସମୟରେ ଦୁଇ ଜଣ ସାଙ୍ଗଙ୍କ ଗୋଡ଼ ଖସି ଯାଇଥିଲା ଓ ସେମାନେ ପାଣିରେ ବୁଡ଼ି ଯାଇଥିଲେ। ତେବେ ଜଣେ ଛାତ୍ର ସୁରକ୍ଷିତ ଭାବେ ଏହା ମଧ୍ୟରୁ ବାହାରି ଆସିଥିଲେ। ସୁରକ୍ଷିତ ବାହାରି ଆସିଥିବା ଛାତ୍ରଙ୍କ ଚିତ୍କାର ଶୁଣି ଆଖପାଖ ଲୋକ ସେଠାକୁ ଧାଇଁ ଆସିଥିଲେ। ଏହାପରେ ପୁଲିସ୍ ଓ ପ୍ରଶାସନକୁ ଖବର ଦିଆଯାଇଥିଲା। ଖବର ପାଇ ନୀଳଗିରି ଅଗ୍ନିଶମ ବାହିନୀ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚିଥିଲା। ଅଗ୍ନିଶମ କର୍ମଚାରୀମାନେ ପରିତ୍ୟକ୍ତ ଖାଦାନର ଗଭୀର ଜଳ ରାଶିରେ ନିଖୋଜ ଦୁଇ ଛାତ୍ରଙ୍କୁ ଖୋଜିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ତେବେ ଏଯାଏ କୌଣସି ସୁଫଳ ମିଳିପାରି ନାହିଁ। ନିଖୋଜ ଦୁଇ ଛାତ୍ରଙ୍କ ମଧ୍ୟରୁ ଜଣେ ଭଦ୍ରକର ଓ ଅନ୍ୟ ଜଣେ ବାରିପଦାର ବୋଲି ସୂଚନା ମିଳିଛି।

# ୧୫ ଲକ୍ଷ ଟଙ୍କା ଚାରି ଚକିଆ ଗାଡି ପାଇଁ ସ୍ତ୍ରୀକୁ ନିର୍ଯାତନା: ଥାନାରେ ମାମଲା

ପିପିଲ(ନିପ୍ର): ପିପିଲି ବିଜ୍ଞାପିତ ଅଞ୍ଚଳର ଜଣେ ବିବାହିତା ମହିଳାଙ୍କୁ ୧୫ ଲକ୍ଷ ଟଙ୍କା ଓ ଏକ ଚାରି ଚକିଆ ଗାଡି ଦାବିକରି ତାଙ୍କ ସ୍ୱାମୀ ନିର୍ଯାତନା ଦେଉଥିବା ଘଟଣା ପିପିଲି ଥାନାରେ ଲିଖିତ ଅଭିଯୋଗ ହୋଇଛି। ପିପିଲି ପୋଲିସ ଅଭିଯୋଗ ପାଇ ଥାନା କେଶ ନଂ ୫୨୫/୨୬ ମାମଲା ଆଗତ କରି ଥାନାର କାର୍ଯ୍ୟରତ ଏସ ଆଇ ବି. ପି. ସାହୁଙ୍କୁ ଦାୟିତ୍ୱ ଦିଆଯାଇଥିବା ସୂଚନା ମିଳିଛି। ସୁଚନାଅନୁଯାୟୀ ମହିଳା ଜଣକ ୨୦୧୭ ମସିହାରେ ବିବାହ କରି ଥିବା ବେଳେ ସ୍ୱାମୀ ଘର ଯୌତୁକ ଦାବି ମୁତାବକ ୨ ଲକ୍ଷ ଟଙ୍କା ସୁନା ରୁପା ଅଳଙ୍କାର ସହିତ ଘର କରଣା ସାମଗ୍ରୀ ନେଇଥିଲେ। ଉଭୟ ଭଲରେ ଚଳିବା ପରେ ସ୍ୱାମୀ ଅଧିକ ଯୌତୁକ ଦାବିକରି ମହିଳାଙ୍କୁ ନିର୍ଯ୍ୟାତନା ଦେବା ସହିତ ତାଙ୍କର ଶିଶୁ ପୁତ୍ରର ଦାୟିତ୍ୱ ନେଉ ନଥିବା ବେଳେ ଏନେଇ ପୂର୍ବରୁ ପିପିଲି ଥାନାରେ ମହିଳା ଦ୍ୱାରସ୍ଥ ହୋଇ ଥିଲେ। ପିପିଲି ଥାନା ପୋଲିସ ଆପୋସ ସମାଧାନ କରି ଛାଡି ଥିବା ବେଳେ ସ୍ୱାମୀ ପୂର୍ବ ଭଳି ଯୌତୁକ ଦାବି କରି ନିର୍ଯ୍ୟାତନା ଦେବାରୁ ମହିଳା ଜଣକ ନିଜ ଅଭିଯୋଗରେ ଦର୍ଶାଇଛନ୍ତି।

# କୁଲାଙ୍ଗିରେ ବୃଦ୍ଧଙ୍କୁ ହତ୍ୟା ଅଭିଯୋଗ

ବେଲଗୁଣ୍ଠା(ନିପ୍ର): ଗାଙ୍ଗପୁର ଥାନା ଅନ୍ତର୍ଗତ କୁଲାଙ୍ଗି ଗ୍ରାମରେ ଜଣେ ୭୧ ବର୍ଷୀୟ ବୃଦ୍ଧଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତ ବୃଦ୍ଧ ଜଣକ ସେହି ଗ୍ରାମର ବାବୁ ସ୍ୱାଇଁ (୭୧)ବୋଲି ଜଣାପଡ଼ିଛନ୍ତି। ଏ ନେଇ ମୃତକଙ୍କ ପୁଅ ଶମ୍ଭୁ ସ୍ୱାଇଁଙ୍କ ଲିଖିତ ଅଭିଯୋଗ କ୍ରମେ ଗାଙ୍ଗପୁର ଥାନାରେ କେସ୍ ନଂ ୩୮୨/୨୬ ରେ ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୩(୧) ଅଧୀନରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ୨୧ ତାରିଖ ରାତି ପ୍ରାୟ ୮:୩୦ ମିନିଟ୍ ସମୟରେ ବାବୁ ଗ୍ରାମର ଅଙ୍ଗନବାଡ଼ି କେନ୍ଦ୍ର ନିକଟରେ ଥିବା ଏକ ନଳକୂଅକୁ ଶୌଚ ହେବା ପାଇଁ ଯାଇଥିଲେ।କିନ୍ତୁ ବହୁ ସମୟ ଧରି ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ନଳକୂଅ ନିକଟରେ ପହଞ୍ଚିଥିଲେ। ସେଠାରେ ବାବୁ ସ୍ୱାଇଁଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗି ରକ୍ତାକ୍ତ ଅବସ୍ଥାରେ ମୃତ୍ୟୁବରଣ କରି ପଡ଼ିଥିବା ଦେଖିବାକୁ ପାଇଥିଲେ। ଆଖପାଖ ଲୋକଙ୍କୁ ପଚରାଉଚରା କରିବା ପରେ କୌଣସି ସନ୍ତୋଷଜନକ ଉତ୍ତର ନ ମିଳିବାରୁ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ଗ୍ରାମର ଜଣେ ବ୍ୟକ୍ତିଙ୍କ ସହ ଗତ ୮ ବର୍ଷ ହେଲା ରମେଶ ପ୍ରଧାନ(୫୦)ଙ୍କ ସହିତ ଶତ୍ରୁତା ଥିବାରୁ ସେହି ବ୍ୟକ୍ତି ହିଁ ଏହି ହତ୍ୟାକାଣ୍ଡ ଘଟାଇଥାଇ ପାରନ୍ତି ବୋଲି ପୁଅ ଶମ୍ଭୁ ସ୍ୱାଇଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ଦୁର୍ବୃତ୍ତ ଘରେ ପଶି ବୃଦ୍ଧାଙ୍କ ବେକରୁ କାଟିନେଲା ସୁନାଚେନ

ଆସିକା (ନିପ୍ର): ଆସିକା ସହରରେ ଆଜି ଦିନ ପ୍ରାୟ ୧୦ଟା ବେଳେ ମୋଟର ସାଇକେଲରେ ଆସି ଜଣେ ବୃଦ୍ଧାଙ୍କ ଘରେ ପଶି ଅଜଣା ଦୁର୍ବୃତ୍ତ ବୃଦ୍ଧାଙ୍କ ବେକରୁ ସୁନା ଚେନ କାଟିନେଇଛି। ପ୍ରକାଶ ଥାଉକି ଆସିକା କଳିଙ୍ଗ ରୋଡ଼ ସ୍ଥିତ ଓମ ଶାନ୍ତି ଗାଳିରେ ରହୁଥିବା କୁମାରୀ ଜେନା ତାଙ୍କ ଘର ସମ୍ମୁଖରେ ଛିଡା ହୋଇଥିବା ବେଳେ ହଠାତ ଜଣେ ଅଜଣା ଦୁର୍ବୃତ୍ତ ମୋଟର ସାଇକେଲରେ ଆସି ବୃଦ୍ଧାଙ୍କୁ ତାଙ୍କ ପୁଅ ଘରେ ଅଛିକି ପଚାରିବା ପରେ ଘରେ ଜୋରଜବରଦସ୍ତ ପଶି ବୃଦ୍ଧା ବେକରେ ପିନ୍ଧିଥିବା ସୁନା ଚେନ କାଟି ନେଇଛି।

# ମଦ୍ୟପାନ କରି ବାଇକ ଚାଳନା, ବାଇକ ଜବତ: ଚାଳକ ଅଟକ

ପିପିଲି(ନିପ୍ର): ମଦ୍ୟପାନ କରି ସର୍ବ ସାଧାରଣ ସ୍ଥାନରେ ବେପରୁଆ ଭାବରେ ବାଇକ ଚଳାଇବା ଅଭିଯୋଗରେ ବଳଙ୍ଗା ପୋଲିସ ପକ୍ଷରୁ ସ୍ଥାନୀୟ ବଜାରରୁ ଜଣେ ବାଇକ ଚାଳକକୁ ଅଟକ ରଖିବା ସହ ବାଇକକୁ ଜବତ କରାଯାଇଛି। ଅଟକ ଯୁବକ ଜଣଙ୍କ ପିପିଲି ଥାନା ଅନ୍ତର୍ଗତ ଉତ୍ତର ସାହିର ଅଶୋକ ମଲ୍ଲିକ। ସୂଚନା ମୁତାବକ ଗତକାଲି ବିଳମ୍ବିତ ରାତିରେ ବଳଙ୍ଗା ବଜାରରେ ପୋଲିସ ପକ୍ଷରୁ ଏ ଏସ ଆଇ ପ୍ରସାନ୍ତ ବେହେରାଙ୍କ ନେତୃତ୍ୱରେ ରାତ୍ର କାଳୀନ ପାଟ୍ରୋଲିଂ କରାଯାଉଥିଲା ବେଳେ ଅଶୋକ ଏକ ପଲସର ବାଇକ ଯୋଗେ ନିମାପଡ଼ାରୁ ଦ୍ରୁତ ଗତିରେ ବେପରୁଆ ଭାବେ ବଳଙ୍ଗା ଅଭିମୂଖେ ଆସୁଥିବା ବେଳେ ପୋଲିସ ଟିମ ତାକୁ ଅଟକ ରଖି ଯାଞ୍ଚ କରିବାରେ ସେ ପ୍ରବଳ ମଦ୍ୟପାନ କରିଥିବା ଜଣା ପଡିଥିଲା। ଏନେଇ ପୋଲିସ ପକ୍ଷରୁ ୨୫୦/୨୬ ମାମଲା ରୁଜୁ ହୋଇଛି।

# ମଦ ଜବତ, ୨ ଗିରଫ

ପିପିଲି(ନିପ୍ର): ବଳଙ୍ଗା ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ବିଦେଶୀ ମଦ ଜବତ କରାଯିବା ସହ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବଳଙ୍ଗା ଥାନା ଅନ୍ତର୍ଗତ ମହୁରା ଗ୍ରାମର ରାକେଶ ରଥ ଓ ଅଲଣ୍ଡା ପଡ଼ା ଗ୍ରାମର ପ୍ରଦୀପ୍ତ ପରିଡ଼ା ବୋଲି ପୋଲିସ ସୂଚନା ଦେଇଛି। ସୂଚନା ମୁତାବକ ମହୂରା ଛକରେ ଚଢାଉ କରି ଅଭିଯୁକ୍ତ ରାକେଶ ନିକଟରୁ ୭ଲିଟର ବିଦେଶୀ ମଦ ଜବତ କରାଯିବା ସହ କେତକୀ ପାଟଣା ବଜାରରେ ଚଢ଼ଉ କରାଯାଇ ଅଭିଯୁକ୍ତ ପ୍ରଦୀପ୍ତ ନିକଟରୁ ୬ଲିଟର ବିଦେଶୀ ମଦ ଜବତ କରାଯାଇଥିଲା । ଥାନା ଏ ଏସ ଆଇ ରତ୍ନାକର ବେହେରା ଓ ଅକ୍ଷୟ ମହାନ୍ତିଙ୍କ ନେତୃତ୍ୱରେ ଏହି ଚଢାଉ କରାଯାଇଥିଲା । ଏନେଇ ବଳଙ୍ଗା ଥାନାରେ ୨୪୯/୨୬ ଏବଂ ୨୫୧/୨୬ ମାମଲା ରୁଜୁ ହୋଇଛି।

# ଅବକାରୀ ଚଢ଼ାଉରେ ଦେଶୀମଦ ସହ ପୋଚ ନଷ୍ଟ: ୫ ମାମଲା ରୁଜୁ

ଆଠଗଡ଼(ନିପ୍ର): ଆଠଗଡ଼ ଅବକାରୀ ଉପ ଅଧୀକ୍ଷକ ସି ଏଚ ତିରୁପଥୀ ଏବଂ ଆଠଗଡ଼ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଡାଲୁଅ,ଖଣ୍ଡୁଆଳି,ହାତୀତୋପ,ମଠନାଳ, ବାଉଁଶ ଟାଙ୍ଗୋର, ସରସ୍ୱତୀପୁର,ବନିଆବନ୍ଧ,ଓ କଁସର ସଂରକ୍ଷିତ ଜଙ୍ଗଲରେ ଆଠଗଡ଼ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ଥାନା, ନରସିଂହପୁର ଅବକାରୀ ବିଭାଗ, ଜିଲ୍ଲା ମୋବାଇଲ ୟୁନିଟ,କଟକ ସଦର-୧ ଅବକାରୀ ଥାନା ଏବଂ ଖୁଣ୍ଟୁଣୀ ବନବିଭାଗ ସହିତ ଏକ ମିଳିତ ଚଢ଼ାଉ କରାଯାଇଥିଲା।ଏହି ଚଢାଉରେ ସର୍ବମୋଟ ୨୨୨୦ ଲିଟର ଦେଶୀମଦ ୨୧୫୨୦ ଲିଟର ମଦ ପ୍ରସ୍ତୁତି ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ଼ ପୋଚ ଉଦ୍ଧାର କରାଯାଇ ଘଟଣା ସ୍ଥଳରେ ନଷ୍ଟ କରାଯାଇଛି। ଏଥିସହ ୫ଟି ମାମଲା ରୁଜୁ ହୋଇଥିବାବେଳେ କେହି ମଦ ମାଫିଆ ଗିରଫ ନହେବା ଘଟଣା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଉକ୍ତ ଚଢ଼ାଉ କଟକ ଜିଲ୍ଲା ଅବକାରୀ ଅଧିକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶକ୍ରମେ ଆଠଗଡ଼ ଅବକାରୀ ଉପ ଅଧୀକ୍ଷକ ସି ଏଚ ତିରୁପଥୀ, ଆଠଗଡ଼ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନ ଜିଲ୍ଲା ମୋବାଇଲ ୟୁନିଟର ଅବକାରୀ ନିରୀକ୍ଷକ ବି.ବି. ବର୍ମା, ବାଙ୍କୀ ଅବକାରୀ ଥାନା ଉପ ନିରୀକ୍ଷକ ବାପି ସାହୁ,କଟକ ସଦର- ୧ ଅବକାରୀ ଥାନା ଉପ ନିରୀକ୍ଷକ ଏସ ଏସ ମହାପାତ୍ର, ନରସିଂହପୁର ଅବକାରୀ ସହ ଉପ ନିରୀକ୍ଷକ ରାଜ କିଶୋର ନାୟକ,ଖୁଣ୍ଟୁଣୀ ବନବିଭାଗ ଏବଂ ସମସ୍ତ ଅବକାରୀ ସହକର୍ମୀ ଅଂଶଗ୍ରହଣ କରିଥିଲେ।

# ଝାରସୁଗୁଡ଼ାରେ ମିଛ ଲୁଟ୍ ନାଟକର ପର୍ଦ୍ଦାଫାସ, ୪ ଗିରଫ



ଝାରସୁଗୁଡ଼ା(ନିପ୍ର): ଫାଇନାନ୍ସ କମ୍ପାନୀ ଖୋଲି ବ୍ୟବସାୟୀଙ୍କଠାରୁ ଟଙ୍କା ଆଦାୟ କରିବା ପରେ ତାହା ଲୁଟ୍ ହୋଇଯାଇଥିବାର ମିଛ ନାଟକ କରିଥିବା ଏକ ଗୋଷ୍ଠୀର ପର୍ଦ୍ଦାଫାସ କରିଛି ଝାରସୁଗୁଡ଼ା ପୋଲିସ। ଘଟଣାରେ ମୁଖ୍ୟ ଅଭିଯୁକ୍ତ ସମେତ ୪ ଜଣଙ୍କୁ ଗିରଫ କରାଯାଇଥିବାବେଳେ ମାଟି ତଳେ ପୋତା ଯାଇଥିବା ୪ ଲକ୍ଷ ୮୯ ହଜାର ଟଙ୍କା ଜବତ କରାଯାଇଛି। ସୂଚନା ଅନୁସାରେ, ଅଭିଯୁକ୍ତମାନେ ଏକ ଫାଇନାନ୍ସ କମ୍ପାନୀ ଚଳାଉଥିଲେ। ସେମାନେ ବିଭିନ୍ନ ବ୍ୟବସାୟୀଙ୍କଠାରୁ ଟଙ୍କା ଆଦାୟ କରି ତାହା କମ୍ପାନୀରେ ଜମା କରୁଥିଲେ। ତେବେ ଆଦାୟ ହୋଇଥିବା ଟଙ୍କାକୁ ନିଜେ ହଡ଼ପ କରିବା ଉଦ୍ଦେଶ୍ୟରେ ଲୁଟର ଏକ ମିଛ କାହାଣୀ ରଚିଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି।ଅଭିଯୁକ୍ତମାନେ ବଡ଼ମାଲ ଥାନାରେ ପହଞ୍ଚି ଆଦାୟ ଟଙ୍କା ଲୁଟ୍ ହୋଇଯାଇଥିବା ନେଇ ଏତଲା ଦେଇଥିଲେ। ଅଭିଯୋଗ ପାଇବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତେବେ ଘଟଣାସ୍ଥଳ, ଅଭିଯୁକ୍ତଙ୍କ ବୟାନ ଓ ଅନ୍ୟାନ୍ୟ ତଥ୍ୟକୁ ନେଇ ପୋଲିସ ଖୋଳତାଡ଼ କରିବା ପରେ ଲୁଟ୍ ଅଭିଯୋଗରେ ଅସଙ୍ଗତି ଥିବା ଜଣାପଡ଼ିଥିଲା। ପରବର୍ତ୍ତୀ ତଦନ୍ତରେ ମିଛ ଲୁଟ୍ ନାଟକର ପ୍ରକୃତ ରହସ୍ୟ ସାମ୍ନାକୁ ଆସିଥିଲା। ଆଦାୟ ଟଙ୍କାକୁ ଲୁଟ୍ ହୋଇଥିବା ଦର୍ଶାଇ ନିଜେ ହଡ଼ପ କରିବାକୁ ଅଭିଯୁକ୍ତମାନେ ଯୋଜନା କରିଥିବା ପୋଲିସ ଜାଣିବାକୁ ପାଇଥିଲା।ତଦନ୍ତ ସମୟରେ ପୋଲିସ ଅଭିଯୁକ୍ତମାନଙ୍କ ଠାରୁ ସୂଚନା ପାଇ ମାଟି ତଳେ ପୋତା ଯାଇଥିବା ୪.୮୯ ଲକ୍ଷ ଟଙ୍କା ଉଦ୍ଧାର କରିଥିଲା। ଏହା ପରେ ମାମଲାରେ ମିଛ ଲୁଟ୍ ନାଟକ ରଚିଥିବା ଅଭିଯୋଗରେ ୪ ଜଣଙ୍କୁ ଗିରଫ କରାଯାଇଛି।

# ଭେଜାଲ୍ ପନିରକୁ ନେଇ ଘନଘନ ଚଢ଼ାଉ

## ଖୋଲାରେ ବିକ୍ରି ପନିର ଯୋଗାଣ ହ୍ରାସ

କଟକ(ନିପ୍ର): ଭେଜାଲ୍ ପନିରକୁ ନେଇ ରାଜ୍ୟରେ ଘନଘନ ରେଡ୍। କେଉଁଠି ନକଲି ପନିର ଜବତ ହେଉଛି, ତ ଆଉ କେଉଁଠି ନଷ୍ଟ କରାଯାଉଛି ଅପମିଶ୍ରିତ ପନିର। ଫଳରେ ଏବେ ଏହାର ସିଧା ପ୍ରଭାବ ପଡ଼ିଛି ବଜାର ଉପରେ। ଯେଉଁଠି ଦିନେ ବିଭିନ୍ନ ଦୋକାନରେ ଖୋଲା ପନିର ସହଜରେ ମିଳୁଥିଲା, ଏବେ ସେଠାରେ ପନିର ମିଳିବା ମୁସ୍କିଲ। ଅଧିକାଂଶ ସ୍ଥାନରେ ଭରସା କରିବାକୁ ପଡୁଛି ପ୍ୟାକେଟ୍ ପନିର ଉପରେ। ପନିର ପାଇଁ ଦୋକାନକୁ ଯାଇ ଖାଲି ହାତରେ ଫେରୁଛନ୍ତି ଗ୍ରାହକ। ଏପରିକି କିଛି ଗ୍ରାହକ ଖୋଲା ପନିର ଖାଇବା ଉପରୁ ମୁହଁ ବି ଫେରାଇ ଆଣୁଛନ୍ତି। ଦୋକାନୀଙ୍କ କହିବା କଥା, ଖୋଲାରେ ବିକ୍ରି ହେଉଥିବା ପନିରର ଯୋଗାଣ ଯଥେଷ୍ଟ କମିଛି। ଅନେକ ସ୍ଥାନରେ ଚାହିଦା ଅନୁସାରେ ପନିର ମିଳୁନାହିଁ। ଫଳରେ ଗ୍ରାହକଙ୍କ ଭରସା ଏବେ ବିଭିନ୍ନ କମ୍ପାନୀର ପ୍ୟାକେଟ୍ ପନିର ଉପରେ। ଗୋଟିଏ ପଟେ ଭେଜାଲ୍ ପନିର ନେଇ ଭୟ, ଅନ୍ୟପଟେ ଅସଲି ପନିରର ଅଭାବ। ଭେଜାଲ୍ ପନିର ଧରପଗଡ଼ ପରେ ଏବେ ଅନେକ ଗ୍ରାହକ ପ୍ୟାକେଟ୍ ପନିର କିଣିବାକୁ ପସନ୍ଦ କରୁଛନ୍ତି। କାରଣ ପ୍ୟାକେଟ୍ ଉପରେ ଉତ୍ପାଦନ ଓ ଏକ୍ସପାୟାରୀ ତାରିଖ, ନିର୍ମାତା ଓ ଅନ୍ୟାନ୍ୟ ତଥ୍ୟ ରହୁଛି। ପ୍ୟାକେଟ୍ ପନିରର ଦର ଅପେକ୍ଷାକୃତ ଅଧିକ ଥିବାରୁ ଏହା ସାଧାରଣ ଖାଉଟିଙ୍କ ପକେଟ୍ ଉପରେ ମହଙ୍ଗା ପଡୁଛି। ସେହିପରି ହୋଟେଲ ଓ ରେଷ୍ଟୋରାଣ୍ଟଗୁଡ଼ିକରେ ପର୍ଯ୍ୟାପ୍ତ ପନିର ନମିଳିବାରୁ ବ୍ୟବସାୟ ମଧ୍ୟ ପ୍ରଭାବିତ ହେଉଥିବା ପରିଲକ୍ଷିତ ହେଉଛି। ସୂଚନାଯୋଗ୍ୟ ଯେ ଦୁଇ ଦିନ ପୂର୍ବେ ଛେନା ଓ ପନିର ପେଣ୍ଠ ଭାବେ ପରିଚିତ ନିଆଳିରୁ କଟକ ଆସୁଥିବା ୭୦ କୁଇଣ୍ଟାଲ ଅପମିଶ୍ରିତ ଛେନା ଓ ପନିରକୁ କଟକ ମହାନଗର ନିଗମ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜବତ କରାଯାଇ ନଷ୍ଟ କରାଯାଇଥିଲା । ତା' ପରଦିନ ସିଡିଏ ଅଂଚଳର ୨ଟି ହୋଟେଲରୁ ବିପୁଳ ପରିମାଣର ସିନ୍ଥେଟିକ ପନିର ଜବତ କରାଯାଇଥିଲା । ଏହାପରେ ଭୁବନେଶ୍ୱର ଓ ବ୍ରହ୍ମପୁରରେ ମଧ୍ୟ ଚଢ଼ାଉ କରାଯାଇ ଅପମିଶ୍ରିତ ପନିର ଜବତ ହୋଇଥିଲା । ଫଳରେ ରାଜ୍ୟ ବ୍ୟାପି ଏହା ସାଧାରଣ ଗ୍ରାହକଙ୍କୁ ଖୋଲା ପନିର ପ୍ରତି ବିମୁଖ କରାଇଥିଲେ ମଧ୍ୟ ସମସ୍ତେ ପ୍ୟାକେଟ ପନିର ପାଇଁ ସକ୍ଷମ ହେଉନଥିବାରୁ ଦ୍ୱନ୍ଦରେ ରହିଛନ୍ତି ।

# ଗୋଚାଲାଣ ସନ୍ଦେହରେ ଆକ୍ରମଣ ୩ ଆହତ: ଜଣେ ଗୁରୁତର



ପିପିଲି (ନିପ୍ର): ଶନିବାର ଦିନ ପିପିଲିରେ ଗାଈ ଓ ବୁଲା ଷଣ୍ଢ ବିକ୍ରି ସନ୍ଦେହ କରି ପିପିଲି କଣ୍ଟପୁର ଛକରେ ୩ଜଣଙ୍କୁ ନିର୍ଦ୍ଧୁମ ମାଡ଼ ମାରି ଆକ୍ରମଣ କରାଯାଇଛି। ଆକ୍ରମଣରେ ଜଣେ ମୃତ୍ୟୁ ସହିତ ସଂଘର୍ଷ କରି ଭୁବନେଶ୍ୱରରେ ଚିକିତ୍ସା ହେଉଥିବା ସୂଚନା ମିଳିଛି। ଉକ୍ତ ଆକ୍ରମଣ ସମୟରେ ୧୫ ରୁ ଉର୍ଦ୍ଧ୍ୱ ବ୍ୟକ୍ତି ସାମିଲ ରହି ଆକ୍ରମଣ କରିଥିବା ସୂଚନା। ଆହତମାନଙ୍କୁ ସ୍ଥାନୀୟ ଲୋକେ ଏବଂ ସମ୍ପର୍କିୟମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରି ପିପିଲି ମେଡିକାଲକୁ ଆଣିଥିଲେ। ଏଥିରେ ୩ଜଣ ଗୁରୁତର ଆହତ ହୋଇଥିବା ବେଳେ ସମସ୍ତଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତରିତ କରାଯାଇଛି। ଗୁରୁତର ଆହତ ହୋଇଥିବା ବ୍ୟକ୍ତି ଡେଲାଙ୍ଗ ଆଙ୍କୋଇ ଗ୍ରାମର ବନା ବେହେରା (୫୦) ଓ ପିପିଲି ସୁଲତାନ ନଗର ଦାନୋଗହିର ଗ୍ରାମର ଦୁଇ ଜଣ ବ୍ୟକ୍ତି ଅଟନ୍ତି। ଏନେଇ ପିପିଲି ଥାନା ଆଇଆଇ ସି ସୌମେନ୍ଦ୍ର ଶେଖର ତ୍ରିପାଠୀ। ଏସ ଆଇ ସୁରମା ସ୍ୱାଇଁ ଏବଂ ଥାନା କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ୩ଜଣ ଯୁବକଙ୍କୁ ଅଟକ ରଖି ତଦନ୍ତ କରୁଛି।


### ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

# ଡ୍ରାଇଭିଂ ଟ୍ରେନିଂ ସ୍କୁଲର ପୂର୍ବତନ ଅଧ୍ୟକ୍ଷଙ୍କୁ ୩ ବର୍ଷ ଜେଲ

କଟକ(ନିପ୍ର) : ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଭୁବନେଶ୍ୱର ସରକାରୀ ଡ୍ରାଇଭିଂ ଟ୍ରେନିଂ ସ୍କୁଲର ପୂର୍ବତନ ଅଧକ୍ଷ ପ୍ରଭାକର ବେହେରା ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ତାଙ୍କୁ ୩ ବର୍ଷ କାରାଦଣ୍ଡ ସହ ଏକ ଲକ୍ଷ ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି । ପ୍ରଭାକର ବେହେରା ଭୁବନେଶ୍ୱର ସରକାରୀ ଡ୍ରାଇଭିଂ ଟ୍ରେନିଂ ସ୍କୁଲର ଅଧକ୍ଷ ଭାବେ କାର୍ଯ୍ୟରତ ଥିବା ସମୟରେ ତାଙ୍କ ଜଣାଶୁଣା ଆୟର ଉତ୍ସ ତୁଳନାରେ ଅଧିକ ସମ୍ପତ୍ତି ରଖିଥିବା ଅଭିଯୋଗ ଉଠିଥିଲା । ଏହି ସମ୍ପତ୍ତିର ଉତ୍ସ ନେଇ ଭିଜିଲାନ୍ସ ପକ୍ଷରୁ ତଦନ୍ତ କରାଯାଇଥିଲା । ତଦନ୍ତ ପରେ ତାଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନ, ୧୯୮୮ର ଧାରା ୧୩(୨) ସହ ଧାରା ୧୩(୧)(ଇ) ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା । ପରେ ଭିଜିଲାନ୍ସ ପକ୍ଷରୁ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ମାମଲାରେ ପ୍ରଭାକର ବେହେରାଙ୍କ ନାମରେ ଥିବା ଆୟ ଓ ସମ୍ପତ୍ତିର ହିସାବ ଯାଞ୍ଚ କରାଯାଇଥିବା ବେଳେ, ଜଣାଶୁଣା ଆୟର ଉତ୍ସ ସହ ସମ୍ପତ୍ତିର ଅନୁପାତ ନେଇ ଭିଜିଲାନ୍ସ ପକ୍ଷରୁ ଅଭିଯୋଗ ଅଦାଲତରେ ରଖାଯାଇଥିଲା । ଭିଜିଲାନ୍ସ ପକ୍ଷରୁ ଦାଖଲ କରାଯାଇଥିବା ତଥ୍ୟ ଓ ପ୍ରମାଣକୁ ବିଚାର କରି ଭୁବନେଶ୍ୱରର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ପ୍ରଭାକର ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଏହାପରେ ଅଦାଲତ ତାଙ୍କୁ ୩ ବର୍ଷର ସାଧାରଣ କାରାଦଣ୍ଡ ଏବଂ ୧ ଲକ୍ଷ ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି । ପ୍ରଭାକର ବେହେରା ଏବେ ଅବସରପ୍ରାପ୍ତ ହୋଇଥିବାରୁ ତାଙ୍କର ପେନ୍‌ସନ୍ ବନ୍ଦ କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି ।

# କଣ୍ଡରା ବ୍ୟାଙ୍କ ଅଫ ଇଣ୍ଡିଆ ଝରକା ତାଡ଼ି ବ୍ୟାଙ୍କରେ ଲୁଟ୍ ଉଦ୍ୟମ ବିଫଳ

## ସିସିଟିଭିରେ ଫୁଟେଜକୁ ନେଇ ପୋଲିସର ତଦନ୍ତ ଆରମ୍ଭ



ଯୋଡ଼ା,(ନିପ୍ର): କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅଧୀନ କଣ୍ଡରା ସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ) ଶାଖାରେ କେତେକ ଦୁର୍ବୃର୍ତ୍ତ ଶୁକ୍ରବାର ବିଳମ୍ବିତ ରାତିରେ ବ୍ୟାଙ୍କର ପଛପଟ ଝରକା ତାଡ଼ି ଲୁଟ୍ ଉଦ୍ୟମ କରିଛନ୍ତି। ହେଲେ ଦୁର୍ବୃର୍ତ୍ତମାନେ ଏଥିରେ ବିଫଳ ହୋଇଥିବା ଜଣାପଡିଛି। ବ୍ୟାଙ୍କର ପଛପଟ ଝରକା ତାଡ଼ି ଭିତରକୁ ପଶିବା ପରେ ଦୁର୍ବୃତ୍ତମାନେ ବ୍ୟାଙ୍କର ବିଭିନ୍ନ ଡ୍ରୟର ଖୋଲି କାଗଜପତ୍ର ଓ ସାମଗ୍ରୀ ଏଣେତେଣେ କରିଥିଲେ। ତେବେ ଲକର ସୁରକ୍ଷିତ ରହିଥିବାରୁ କୌଣସି ଟଙ୍କା କିମ୍ବା ମୂଲ୍ୟବାନ ସାମଗ୍ରୀ ଲୁଟ୍ ହୋଇନଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ରାତିର ନିର୍ଜନତାର ସୁଯୋଗ ନେଇ ଦୁର୍ବୃତ୍ତମାନେ ବ୍ୟାଙ୍କର ପଛପଟ ଝରକା ତାଡ଼ି ଭିତରକୁ ପ୍ରବେଶ କରିଥିଲେ। ପରେ ବ୍ୟାଙ୍କର ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ସହ ଡ୍ରୟର ଖୋଲିଥିଲେ। ଏଥିରେ ବ୍ୟାଙ୍କର କାଗଜପତ୍ର ଓ ସାମଗ୍ରୀ ଏଣେତେଣେ ବିଛାଡ଼ି ହୋଇପଡ଼ିଥିଲା । ତେବେ ଟଙ୍କା ରଖାଯାଇଥିବା ଲକରକୁ ଦୁର୍ବୃତ୍ତମାନେ ଖୋଲି ପାରିନଥିବାରୁ ଲୁଟ୍ ଉଦ୍ୟମ ବିଫଳ ହୋଇଥିବା କୁହାଯାଉଛି । ଘଟଣା ସମ୍ପର୍କରେ ସକାଳେ ଖବର ପାଇ ଯୋଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବ୍ୟାଙ୍କ ପରିସର ଯାଞ୍ଚ କରିଥିଲେ। ଘଟଣାସ୍ଥଳରୁ ପ୍ରମାଣ ସଂଗ୍ରହ ସହ ଅପରାଧର ବୈଜ୍ଞାନିକ ତଦନ୍ତ ପାଇଁ ଫରେନସିକ୍ ଟିମ୍‌କୁ ଡକାଯାଇଥିବା ଜଣାପଡ଼ିଛି । ଏହି ଘଟଣାରେ ବ୍ୟାଙ୍କରେ ଲାଗିଥିବା ସିସିଟିଭି ଫୁଟେଜ୍ ପୁଲିସ ପାଇଁ ଗୁରୁତ୍ୱପୂର୍ଣ୍ଣ ସୁରାଗ ହୋଇଛି । ଲୁଟ୍ ଉଦ୍ୟମ ସମୟରେ ଦୁର୍ବୃତ୍ତମାନଙ୍କ ଗତିବିଧି କ୍ୟାମେରାରେ କଏଦ ହୋଇଥିବା ସୂଚନା ମିଳିଛି।

# କୁଚିଣ୍ଡା କଲେଜର ଭିତ୍ତିଭୂମି ସୁଦୃଢ ନେଇ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ




କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା କଲେଜରେ ଶନିବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ପ୍ରମୋଦ ସ୍ୱାଇଁଙ୍କ ସଭାପତିତ୍ୱରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, କୁଚିଣ୍ଡା ଉପଜିଲ୍ଲାପାଳ ସରଓ୍ୱନନ୍ ସ,ବାମରା ବନ୍ୟଜନ୍ତୁ ଏସିଏଫ ଆଲୋକ ଷଡ଼ଙ୍ଗୀ, ଅତିରିକ୍ତ ତହସିଲଦାର ଅନିମା ସୋରେଙ୍ଗ, ପୂର୍ତ୍ତବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସଞ୍ଜୟ କୁମାର ନାଏକ, କୁଚିଣ୍ଡା ବିଡିଓ ଜୟନ୍ତ ସାହୁଙ୍କ ସମେତ କଲେଜର ଅଧ୍ୟାପିକ ଅଧ୍ୟାପକା ଯୋଗଦେଇଥିଲେ। ମନ୍ତ୍ରୀ ନାଏକ କୁଚିଣ୍ଡା କଲେଜର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସହ ଆଗାମୀ ଦିନରେ କିପରି ଭିତ୍ତିଭୂମି ବ୍ୟବସ୍ଥାକୁ ସୁଦୃଢ଼ କରାଯିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଅର୍ଦ୍ଧନିର୍ମିତ ହୋଇ ପଡିରହିଥିବା ବିଭିନ୍ନ ପ୍ରକଳ୍ପର ଶୀଘ୍ର ସମ୍ପୂର୍ଣ୍ଣ, କଲେଜ ନାମରେ ଥିବା ଜମିର ପଟ୍ଟା, ନୂତନ ପ୍ରକଳ୍ପର ଶୀଘ୍ର ଶୁଭାରମ୍ଭ, ହଷ୍ଟେଲ ଗୁଡିକର ମରାମତି,ଖେଳ ପଡିଆର ଉନ୍ନତି,କଲେଜସହ ହଷ୍ଟେଲ ପାଇଁ ପାନୀୟଜଳ ଏବଂ ଟାଙ୍କି ବ୍ୟବସ୍ଥା, କଲେଜର ମୌଳିକ ସୁବିଧା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ କଲେଜ ପକ୍ଷରୁ ଏକ ପାୱାର ପଏଣ୍ଟ ଉପସ୍ଥାପନ କରାଯାଇଥିଲା।

# ଭଦ୍ରକର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କଲେ ଓଡିଶା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭଦ୍ରକ(ନିପ୍ର): ଓଡ଼ିଶା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ଼ଃ ରବୀନ୍ଦ୍ରନାଥ ମିଶ୍ର ଭଦ୍ରକ ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ଜିଲ୍ଲାରେ ଚାଲୁଥିବା ବିଭିନ୍ନ ସ୍ୱାସ୍ଥ୍ୟସେବା ଓ ବନ୍ୟା ପରବର୍ତ୍ତୀ ସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ ସ୍ୱାସ୍ଥ୍ୟ ବିଭାଗର ଟିମ୍ ସହ ଆଲୋଚନା କରି ବନ୍ୟା ପ୍ରଭାବିତ ଲୋକଙ୍କୁ ଦିଆଯାଉଥିବା ସ୍ୱାସ୍ଥ୍ୟସେବା, ରୋଗ ନିରୀକ୍ଷଣ ଓ ପ୍ରତିରୋଧମୂଳକ ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଥିଲେ। ନିର୍ଦ୍ଦେଶକ ଧାମନଗର ଓ ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ଏମଆରସି ପଏଣ୍ଟ ପରିଦର୍ଶନ କରି ସେଠାରେ ଉପଲବ୍ଧ ସ୍ୱାସ୍ଥ୍ୟସେବା ଓ ଚିକିତ୍ସା ବ୍ୟବସ୍ଥାର ତଦାରଖ କରିଥିଲେ। ସେହିପରି ଡାଳଙ୍ଗ ଓ ଜଳହରି ଅଞ୍ଚଳର ବିଭିନ୍ନ ଘରକୁ ଯାଇ ବନ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟସେବା, ପରିମଳ ବ୍ୟବସ୍ଥା, ରୋଗ ପ୍ରତିରୋଧ ଓ ନିରୀକ୍ଷଣ ଭଳି କାର୍ଯ୍ୟର ଯାଞ୍ଚ କରିଥିଲେ। ବନ୍ୟା ପରବର୍ତ୍ତୀ ସମୟରେ ଜଳବାହିତ ଓ ମଶାବାହିତ ରୋଗର ନିୟନ୍ତ୍ରଣ ପାଇଁ ନିରନ୍ତର ନିରୀକ୍ଷଣ ଏବଂ ଆବଶ୍ୟକ ସ୍ୱାସ୍ଥ୍ୟସେବା ତୁରନ୍ତ ଯୋଗାଇଦେବା ଉପରେ ନିର୍ଦ୍ଦେଶକ ଗୁରୁତ୍ୱାରୋପ କରିଥିଲେ।

### ଜଟଣୀ ମହାବିଦ୍ୟାଳୟ ଜମି ଜବରଦଖଲ

# ନାହିଁ ଛାତ୍ରାବାସ ଓ ଛାତ୍ରୀ ନିବାସ,ବଢୁଛି ଅସନ୍ତୋଷ

ଜଟଣୀ, (ନି.ପ୍ର): ଜଟଣୀ ମହାବିଦ୍ୟାଳୟକୁ ୫୦ ବର୍ଷ ପୂରି ଯାଇଛି । ହେଲେ ମହାବିଦ୍ୟାଳୟ ନାମରେ ଜମି ରେକର୍ଡ଼ ହୋଇ ନଥିବା ବେଳେ ୩/୪ ଏକର ଜମି ଜବରଦଖଲ ହୋଇଥିବା ଜଣାପଡ଼ିଛି । ନିଜସ୍ୱ ନାମରେ ଜମି ନଥିବାରୁ ଜଟଣୀ ମହାବିଦ୍ୟାଳୟ ୟୁଜିସି ଏବଂ ସରକାରୀ ଅନୁଦାନ ପାଉ ନଥିବା ଅଭିଯୋଗ ହେଉଛି । ଫଳରେ ମହାବିଦ୍ୟାଳୟରେ ବିଭିନ୍ନ ନୂତନ ପାଠ୍ୟକ୍ରମ ଖୋଲା ଯାଉ ନଥିବା ଜଣାପଡ଼ିଛି। ମହାବିଦ୍ୟାଳୟରେ ପିଲାଙ୍କ ଖେଳକୁଦ କରିବା ଲାଗି ଭଲ ଖେଳ ପଡ଼ିଆ ନାହିଁ । କମ୍ପ୍ୟୁଟର ଲ୍ୟାବ ନାହିଁ। ଛାତ୍ର ଛାତ୍ରୀଙ୍କ ଚାହିଦା ଅନୁସାରେ ସୋସିଓଲୋଜି, ସଂସ୍କୃତ, ଭୂଗୋଳ, ସାଇକୋଲୋଜି, ଜିଓଲୋଜି ଶ୍ରେଣୀ ଖୋଲା ଯାଉ ନାହିଁ। ଯୁକ୍ତ -୨ ଏବଂ ଯୁକ୍ତ-୩ରେ କଳା ଓ ବିଜ୍ଞାନରେ ସିଟ୍ ସଂଙ୍ଖ୍ୟା ବୃଦ୍ଧି କରା ଯାଉ ନଥିବାରୁ ସ୍ଥାନୀୟ ପିଲା ନାମ ଲେଖାଇ ପାରୁ ନଥିବା ଅଭିଯୋଗ ହୋଇଛି । ମହାବିଦ୍ୟାଳୟ ପରିସର ଜମି ଅସମତଳ ଓ ଆବଡ଼ା ଖାବଡ଼ା ହୋଇ ରହିଛି । ମହାବିଦ୍ୟାଳୟର ପୂର୍ବ ପଟେ ପାଚେରୀ ନିର୍ମାଣ କରା ଯାଉ ନାହିଁ । ଆଇଟି ନାହିଁ । ସାଇକେଲ ଷ୍ଟାଣ୍ଡରେ ଜଗୁଆଳୀ ନାହାନ୍ତି । ସ୍ୱତନ୍ତ୍ର ପ୍ରଶାସନିକ ବ୍ଲକ ନିର୍ମାଣ କରିବା ଆବଶ୍ୟକତା ରହିଛି । ରାଜଧାନୀ ସହର ତଳିରେ ଅଞ୍ଚଳ ଜଟଣୀ ସହରରେ ଥିବା ଏକମାତ୍ର ଏହି ମହାବିଦ୍ୟାଳୟରେ ୨୩୦୦ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଛନ୍ତି । ସେମାନଙ୍କ ମଧ୍ୟରେ ୭୦୦ରୁ ଅଧିକ ଛାତ୍ରୀ ରହିଛନ୍ତି । ଦୂର ଦୁରାନ୍ତରୁ ଆସୁଥିବା ଛାତ୍ରଙ୍କ ପାଇଁ ଛାତ୍ରାବାସ ଏବଂ ଛାତ୍ରୀ ନିବାସ ନିର୍ମାଣ କରାଯାଇନାହିଁ । ଶିକ୍ଷା କର୍ମଚାରୀଙ୍କ ଅଭାବ ରହିଥିବା ଜଣାପଡ଼ିଛି । ରାଜନୈତିକ ଛକାପଞ୍ଝା ଯୋଗୁ ମହାବିଦ୍ୟାଳୟରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିବା ଲାଗି ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଆଗ୍ରହ ପ୍ରକାଶ କରୁ ନଥିବା ଜଣାପଡ଼ିଛି । ମହାବିଦ୍ୟାଳୟର ଅଧକ୍ଷା ସ୍ୱପ୍ନା ମଲ୍ଲିକ କହିଛନ୍ତି ଯୁକ୍ତ -୨ ପାଇଁ ୭ ଏକର ଏବଂ ଯୁକ୍ତ - ୩ ପାଇଁ ରାଜ୍ୟ ସରକାର ୧୩ ଏକର ସରକାରୀ ଜମି ପ୍ରଦାନ କରିଛନ୍ତି । କିନ୍ତୁ ଜମି ଏ ପର୍ଯ୍ୟନ୍ତ ମହାବିଦ୍ୟାଳୟ ନାମରେ ରେକର୍ଡ଼ ହୋଇ ନାହିଁ। ଫାଇଲ ଚୁଡ଼ାନ୍ତ ଅନୁମୋଦନ ସ୍ଥିତିରେ ରହିଥିବା ସୂଚନା ମିଳିଛି । ଏହା ବ୍ୟତିତ ମହାବିଦ୍ୟାଳୟର ଜମି ମାପ ଚୁପ ଓ ଚିହ୍ନ ବାଡ଼ି ଅଧାପନ୍ତରିଆ ହୋଇ ରହିଥିବାରୁ ପାଚେରୀ ନିର୍ମାଣ ହୋଇ ପାରୁ ନଥିବା କୁହାଯାଉଛି। ଜଟଣୀ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ସମାଧାନ କରିବା ନିମନ୍ତେ ଡ଼ବଲ ଇଞ୍ଜିନ ସରକାରଙ୍କୁ ଜଟଣୀବାସୀ ଅନୁରୋଧ କରିଛନ୍ତି ।



ଭୁବନେଶ୍ୱର: ପିଏମ୍‌ଜିରେ ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଅହୋରାତ୍ର ଧାରଣା ୭ମ ଦିନରେ। (ଫଟୋ-ଦିନଲିପି)

# ଆଳନ୍ଦିଆ ଗାମୁଛାର ସୁରକ୍ଷା ସହ ବୁଣାକାରଙ୍କ ଆର୍ଥିକ ବିକାଶ ଉପରେ ଗୁରୁତ୍ୱ

ପୁରୀ,୨୨।୮(ନିପ୍ର): ବିଶ୍ୱ ଲୋକକଥା ଦିବସ ଅବସରରେ ୨୨ ଅଗଷ୍ଟ ଦିନଟିର ଐତିହାସିକ ସ୍ମୃତିକୁ ମନେ ପକାଇ ପ୍ରତାପ ପୁରୁଷୋତ୍ତମ ପଞ୍ଚାୟତ ଅନ୍ତର୍ଗତ ଆଳନ୍ଦିଆ ଗ୍ରାମରେ ସଂପର୍କ ତରଫରୁ ସ୍ୱଦେଶୀ ବସ୍ତ୍ର ଚେତନା ସ୍ମୃତି ଦିବସ ପାଳିତ ହୋଇଥିଲା। ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ସ୍ମୃତି, ସ୍ୱଦେଶୀ ବସ୍ତ୍ରର ପ୍ରସାର ଏବଂ ଆଳନ୍ଦିଆ ଗାମୁଛାର ପାରମ୍ପରିକ ବୟନଶିଳ୍ପକୁ ସମ୍ମାନ ଦେବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମରେ ପ୍ରତାପ ପୁରୁଷୋତ୍ତମ ପଞ୍ଚାୟତର ସରପଞ୍ଚ, ସଂପର୍କର ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସ, ଉପସଭାପତି ଡା. କମଳେଶ ପ୍ରଧାନ, ପାରମ୍ପରିକ ହସ୍ତଶିଳ୍ପ ଗୁରୁକୁଳର କୃଷ୍ଣଚନ୍ଦ୍ର ମହାନ୍ତି, ସତ୍ୟ ନାରାୟଣ ମହାନ୍ତି, ସଦର ଥାନା ତନ୍ତୁବାୟ ସହଯୋଗ ସମିତିର ସଭାପତି ଓ ସମ୍ପାଦକ ଉଦୟନାଥ ମହାରଣାଙ୍କ ସମେତ ବହୁ ବୁଣାକାର ଓ ସ୍ଥାନୀୟ ଲୋକ ଯୋଗ ଦେଇଥିଲେ। ଏହି ଅବସରରେ ଆଳନ୍ଦିଆ ଗାମୁଛାର ଉତ୍ପତ୍ତି, ପାରମ୍ପରିକ ବୟନ ପ୍ରଣାଳୀ ଏବଂ ଶ୍ରୀମନ୍ଦିର ସହ ଏହାର ସମ୍ପର୍କ ନେଇ ଆଲୋଚନା ହୋଇଥିଲା। ପୌରାଣିକ ଉପାଖ୍ୟାନ, ଆଞ୍ଚଳିକ ଇତିହାସ ଓ ଲୋକକଥା ଅନୁଯାୟୀ, ଗଜପତି ମହାରାଜାଙ୍କ ଆଜ୍ଞାରେ ବୁଣାକାର ସମ୍ପ୍ରଦାୟର କାରିଗରମାନଙ୍କୁ ପୁରୀ ଅଞ୍ଚଳ ନିକଟରେ ବସତି ସ୍ଥାପନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଆଳନ୍ଦିଆ ଗ୍ରାମ ବୟନଶିଳ୍ପର ଏକ ପ୍ରମୁଖ କେନ୍ଦ୍ର ଭାବେ ପରିଚିତ ହୋଇଥିବା ନେଇ ଲୋକକଥାରୁ ଜଣାପଡ଼େ। ବକ୍ତାମାନେ କହିଥିଲେ ଯେ, ଆଳନ୍ଦିଆ ଗାମୁଛା କେବଳ ଏକ ବସ୍ତ୍ର ନୁହେଁ, ଏହା ଓଡ଼ିଶାର ଲୋକପରମ୍ପରା, ବୟନକଳା ଓ ସାଂସ୍କୃତିକ ପରିଚୟର ଏକ ଅମୂଲ୍ୟ ନିଦର୍ଶନ। ଏହାର ବଜାର ବୃଦ୍ଧି ସହ ବୁଣାକାରଙ୍କ ଆର୍ଥିକ ସୁରକ୍ଷା ନିଶ୍ଚିତ କରିପାରିଲେ ଏହି ପାରମ୍ପରିକ କଳା ଆଗାମୀ ପିଢ଼ି ପର୍ଯ୍ୟନ୍ତ ସୁରକ୍ଷିତ ରହିପାରିବ।

## ୧ ନମ୍ବର ହାଟରେ ପୁଣି ଅଗ୍ନିକାଣ୍ଡ

ଭୁବନେଶ୍ୱର,୨୨।୮: ଏକ ନମ୍ବର ହାଟରେ ପୁଣି ନିଆଁ। ଜଳି ଗଲା ୫ ଟି ଦୋକାନ। ୨ ଟି ଦୋକାନ ସଂପୂର୍ଣ୍ଣ ଜଳି ପାଉଁଶ ହୋଇଯାଇଛି। ପୂଜା ସାମଗ୍ରୀ ସହ ପାନମସଲା, ଗ୍ରୋସରି ସାମଗ୍ରୀ ପୋଡି ଯାଇଛି। ପାଖାପାଖି ୨୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଯାଇଛି। ୨ଟି ଅଗ୍ନିଶମ ବିଭାଗ ଟିମ ଆସି ନିଆଁକୁ ଆୟତ୍ତ କରିଥିଲେ। ସର୍ଟସର୍କିଟରୁ ଅଗ୍ନିକାଣ୍ଡ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ୨ଟି ଦୋକାନ ସମ୍ପୂର୍ଣ୍ଣ ଜଳି ଯାଇଥିବା ବେଳେ ୫ରୁ ଅଧିକ ଦୋକାନ ଆଂଶିକ ଭାବରେ ଜଳି ଯାଇଛି।

## ହିନ୍ଦ ମଜଦୁର ସଭାର ରାଜ୍ୟ ସମ୍ମିଳନୀ

ଭୁବନେଶ୍ୱର,୨୨।୮: ଦେଶର ବୃହତ୍ତମ କେନ୍ଦ୍ରୀୟ ଶ୍ରମ ସଂଗଠନ ହିନ୍ଦ ମଜଦୁର ସଭାର ଓଡ଼ିଶା ରାଜ୍ୟ ପରିଷଦର ରାଜ୍ୟ ସମ୍ମିଳନୀ ଉପଲକ୍ଷେ ଏକ ରାଜ୍ୟସ୍ତରୀୟ ପ୍ରତିନିଧି ଓ ଭାର ଆୟୋଜନ ୟୁନିଟ୍-୩ ଭୁବନେଶ୍ୱରସ୍ଥିତ ଓଡ଼ିଶା ବ୍ଲାଇଣ୍ଡ ଆସୋସିଏସନର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶ୍ରମିକ ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ




ସଭାପତିତ୍ୱରେ ଆୟୋଜିତ ଉକ୍ତ ପ୍ରତିନିଧି ସଭାରେ ହିନ୍ଦ ମଜଦୁର ସଭାର ରାଷ୍ଟ୍ରୀୟ ଅଧ୍ୟକ୍ଷ ସି.ଏ. ରାଜାଶ୍ରୀଧର ଏବଂ ରାଷ୍ଟ୍ରୀୟ ସାଧାରଣ ସଂପାଦକ ହରଭଜନ ସିଂ ସିଦ୍ଧୁ ଯୋଗଦାନ କରି ରାଜ୍ୟର ସମସ୍ତ ଜିଲ୍ଲାରୁ ହିନ୍ଦ ମଜଦୁର ସଭାର ସହବନ୍ଧିତ ପ୍ରାୟ ୯୨ଟି ଶ୍ରମିକ ସଂଗଠନର ପ୍ରତିନିଧିମାନଙ୍କୁ ସାଂପ୍ରତିକ ପରିସ୍ଥିତିରେ ଟ୍ରେଡ୍ ୟୁନିଅନ୍‌ମାନଙ୍କର ଭୂମିକା ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଆଗାମୀ ଦିନରେ ଏହି ଆନ୍ଦୋଳନର ରୂପରେଖ କିପରି ହେବାକୁ ଯାଉଛି ସେ ସଂପର୍କରେ ଅବଗତ କରାଇ ଏହାକୁ କିଭଳି ହିନ୍ଦ ମଜଦୁର ସଭା ପ୍ରତିହତ କରିବ ତାର ବିସ୍ତୃତ ଭାବେ କାର୍ଯ୍ୟପନ୍ଥା ସ୍ଥିର କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଓ ସାଧାରଣ ସଂପାଦକଙ୍କୁ ରାମମନ୍ଦିର ଟ୍ରାଫିକ୍ ଛକଠାରୁ ଏକ ବିରାଟ ଶୋଭାଯାତ୍ରାରେ ସଭାଗୃହ ପର୍ଯ୍ୟନ୍ତ ହିନ୍ଦ ମଜଦୁର ସଭାର ରାଜ୍ୟ କାର୍ଯ୍ୟକାରୀ ସଭାପତି ପାଛୋଟି ନେଇଥିଲେ। ପରିଶେଷରେ ସମସ୍ତ ପ୍ରତିନିଧି ହସ୍ତ ଉତ୍ତୋଳନ କରି ଉକ୍ତ ପ୍ରସ୍ତାବକୁ ସମର୍ଥନ ସୂଚକ ସମ୍ମତି ଜଣାଇଥିଲେ ଏବଂ ଏହାର ଏକ ଦସ୍ତାବିଜ୍ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକଙ୍କୁ ହସ୍ତାନ୍ତର କରିଥିଲେ।

## ଢେଙ୍କାନାଳ ଓ କେନ୍ଦୁଝରରେ ଖୋଲିବ ଚାଉଳ ଏଟିଏମ୍

ଭୁବନେଶ୍ୱର,୨୨।୮: ଢେଙ୍କାନାଳ ଓ କେନ୍ଦୁଝରରେ ଖୋଲିବ ଚାଉଳ ଏଟିଏମ୍। ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଆସନ୍ତା ୩୧ ତାରିଖରେ ଢେଙ୍କାନାଳ ଓ କେନ୍ଦୁଝରରେ ଚାଉଳ ଏଟିଏମ୍‌ରେ ଶୁଭାରମ୍ଭ ହେବ। ଖୁବ୍ ଶୀଘ୍ର ସମସ୍ତ ଜିଲ୍ଲାରେ ଚାଉଳ ଏଟିଏମ୍ ଖୋଲାଯିବ।

## ସରକାରଙ୍କ ସ୍ୱତନ୍ତ୍ର ନିର୍ଦ୍ଦେଶକୁ ସ୍ୱାଗତ କଲେ 'କ୍ରେଡାଇ ଓଡ଼ିଶା'



ଭୁବନେଶ୍ୱର, ୨୨।୮: କ୍ରେଡାଇ ଜାତୀୟ (ପୂର୍ବ)ର ଉପାଧ୍ୟକ୍ଷ ଏବଂ କ୍ରେଡାଇ ଓଡ଼ିଶାର ଅଧ୍ୟକ୍ଷ ସ୍ୱଦେଶ କୁମାର ରାଉତରାୟଙ୍କ ନେତୃତ୍ୱରେ କ୍ରେଡାଇ ଓଡ଼ିଶାର ଏକ ପ୍ରତିନିଧିମଣ୍ଡଳ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କୁ ଭେଟିଲେ। ପ୍ରତିନିଧି ମଣ୍ଡଳରେ କ୍ରେଡାଇ ଓଡିଶାର ସଭାପତି ଅନିଲ କୁମାର ଅଗ୍ରୱାଲ; କ୍ରେଡାଇ ଓଡିଶାର ଉପାଧ୍ୟକ୍ଷ ଉମେଶ ଖଣ୍ଡେଲୱାଲ; କ୍ରେଡାଇ ଭୁବନେଶ୍ୱରର ସଭାପତି ସେଖ ମୈରାଜୁଲ ହକ; ସଚିବ କଳିଙ୍ଗ କେଶରୀ ରଥ; କୋଷାଧ୍ୟକ୍ଷ ମନମୋହନ ଅଗ୍ରୱାଲ; ଏବଂ ପରିଚାଳନା କମିଟି ସଦସ୍ୟ ଦେବାଶିଷ ଦାସ ଏବଂ ଶ୍ରୀ ଏ. ମୋହନ ରାଓ ସାମିଲ ଥିଲେ। ବୈଠକ ସମୟରେ, କ୍ରେଡାଇ ଓଡିଶା ରିଅଲ-ଇଷ୍ଟେଟ୍ କ୍ଷେତ୍ର ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ ଏବଂ ପ୍ରକ୍ରିୟାର ସରଳୀକରଣ, ସ୍ୱଚ୍ଛତା ଏବଂ ବ୍ୟବସାୟ କରିବାର ସହଜତା ପାଇଁ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗର ପଦକ୍ଷେପକୁ ସ୍ୱାଗତ କରିଥିଲେ। ପ୍ରତିନିଧି ଦଳ ୨୧ ଅଗଷ୍ଟ ୨୦୨୬ରେ ଓଡ଼ିଶା ଆପାର୍ଟମେଣ୍ଟ (ମାଲିକାନା ଏବଂ ପରିଚାଳନା) ଆଇନ, ୨୦୨୩ ଅଧୀନରେ ଓଡ଼ିଶା ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ସ୍ୱତନ୍ତ୍ର ଆଦେଶକୁ ସ୍ୱାଗତ କରିଛନ୍ତି।

## ଖରିଫ ଋତୁ ପାଇଁ ପଂଜିକରଣ କଲେଣି ୭ ଲକ୍ଷରୁ ଅଧିକ ଚାଷୀ

ଭୁବନେଶ୍ୱର, ୨୨।୮(ନିପ୍ର) ଖରିଫ ଋତୁ ପାଇଁ ୭ ଲକ୍ଷରୁ ଅଧିକ ଚାଷୀ ପଞ୍ଜୀକରଣ କରିସାରିଲେଣି। ଏନେଇ ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ସେ କହିଛନ୍ତି ଯେ, ପ୍ରକ୍ରିୟାକୁ ସରଳ କରାଯାଇଛି, କୌଣସି ପ୍ରକାର ବାଧା ନାହିଁ। ଗତକାଲି ଗୋଟିଏ ଦିନରେ ୧ ଲକ୍ଷ ୨୦ ହଜାରଚାଷୀ ପଞ୍ଜୀକରଣ କରିଛନ୍ତି। ଅଗଷ୍ଟ ୩୧ ତାରିଖ ସୁଦ୍ଧା ଚାଷୀମାନେ ପଞ୍ଜୀକରଣ କରିନିଅନ୍ତୁ। ଆବଶ୍ୟକ ଦସ୍ତାବିଜ ନେଇ ପ୍ୟାକ୍ସ, ଲ୍ୟାମ୍ପସ୍‌ରେ ପଞ୍ଜୀକରଣ କରିନିଅନ୍ତୁ ବୋଲି ମନ୍ତ୍ରୀ ଅପିଲ କରିଛନ୍ତି।

## ମହାପ୍ରଭୁଙ୍କୁ ଦର୍ଶନ ବେଳେ ଟଳି ପଡ଼ିଲେ ମହିଳା ଶ୍ରଦ୍ଧାଳୁ

ପୁରୀ,୨୨।୮(ନିପ୍ର): ଶନିବାର ଛୁଟି ଦିନ ଥିବା ଯୋଗୁଁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଶ୍ରୀମନ୍ଦିର ନାଟ ମଣ୍ଡପ ଭିତରେ ଜଣେ ମହିଳା ଶ୍ରଦ୍ଧାଳୁ ଅଣନିଶ୍ୱାସୀ ହୋଇ ଅଚେତ ହୋଇପଡ଼ିଥିଲେ। ମହିଳା ଜଣକ ହେଲେ ରାଜସ୍ଥାନର ବର୍ଷା ଗୁପ୍ତା (୪୨)ବୋଲି ସୂଚନା ମିଳିଛି। ତାଙ୍କୁ ତୁରନ୍ତ ପରିବାର ଲୋକେ ଶ୍ରୀମନ୍ଦିର ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ପରୀକ୍ଷା କରି ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ମୁତାବକ, ବର୍ଷା ତାଙ୍କ ସପରିବାର ରାଜସ୍ଥାନରୁ ମହାପ୍ରଭୁଙ୍କୁ ଦର୍ଶନ ପାଇଁ ପୁରୀ ଆସିଥିଲେ। ହେଲେ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ପ୍ରବେଶ କରି ନାଟ ମଣ୍ଡପରେ ଛିଡ଼ା ହୋଇଥିବା ବେଳେ ପ୍ରବଳ ଭିଡ଼ ମଧ୍ୟରେ ଅଣନିଶ୍ୱାସୀ ହୋଇ ହଠାତ ଅଚେତ ହୋଇପଡ଼ିଥିଲେ। ପରିବାର ଲୋକେ ମହିଳାଙ୍କୁ ଉଦ୍ଧାରକରି ବାହାରକୁ ଆଣିବା ପରେ ଶ୍ରୀମନ୍ଦିର ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ପରୀକ୍ଷା କରି ମୃତ ଘୋଷଣା କରିଥିଲେ। ହୃତଘାତରେ ସେ ପ୍ରାଣ ହରାଇଥିବା ଡାକ୍ତର ସୂଚନା ଦେଇଥିବା ବେଳେ ପରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଜଣା ପଡ଼ିଛି।

## ସୁନା ମୂର୍ତ୍ତି ବିକ୍ରୟ କାରବାର ଭିଡିଓରୁ ହତ୍ୟା !

ପିପିଲି,୨୨।୮: ପୁରୀ ଜିଲ୍ଲାର ଗୋପ ବ୍ଲକ ଅନ୍ତର୍ଗତ ରାମଚଣ୍ଡୀ ପୋଲିସ ସୀମା ଅନ୍ତର୍ଗତ ଅଳସଙ୍ଖା ଗ୍ରାମରେ ଏକ ସନ୍ଦେହଜନକ ମୂର୍ତ୍ତି ଚୋରା କାରବାର ସହିତ ଜଡିତ ଏକ ହତ୍ୟାକାଣ୍ଡ ପର୍ଦ୍ଦାଫାସ ହୋଇଛି। ମୃତକଙ୍କ ପରିବାର ଅଭିଯୋଗ କରିଛନ୍ତି ଯେ ହତ୍ୟାକାଣ୍ଡକୁ ଏକ ସଡ଼କ ଦୁର୍ଘଟଣା ଭାବରେ ଦେଖାଯାଇଥିଲା। ଅଭିଯୋଗ ଅନୁଯାୟୀ, ଘଟଣାଟି ମାର୍ଚ୍ଚ ୧୯, ୨୦୨୬ ଦିନ ରାତି ୧୧ଟା ସମୟରେ ଘଟିଥିଲା। କିଛି ଲୋକ ମନ୍ଦିରରୁ ଚୋରି ହୋଇଥିବା ଲକ୍ଷ୍ମୀ ନାରାୟଣଙ୍କ ଏକ ସୁନା ମୂର୍ତ୍ତି ବିକ୍ରୟ ପାଇଁ ଆଲୋଚନା କରୁଥିଲେ ବୋଲି ଅଭିଯୋଗ ହୋଇଥିଲା, ସେହି ସମୟରେ ସ୍ଥାନୀୟ ବାସିନ୍ଦା ଆଲୋକ ଭୋଇ ଗୁପ୍ତ ଭାବରେ ଏହି କାରବାରର ଏକ ଭିଡିଓ ରେକର୍ଡ କରିଥିଲେ। ଏହି କାରବାରରେ ସମ୍ପୃକ୍ତ ଜଣେ ସୁନାରି ଆଲୋକଙ୍କୁ ରେକର୍ଡ କରୁଥିବା ଦେଖି ଅନ୍ୟମାନଙ୍କୁ ସତର୍କ କରିବା ପରେ ଘଟଣାଟି ପ୍ରକାଶ ପାଇଲା। ତିନି ଜଣ ବ୍ୟକ୍ତି ତାଙ୍କୁ ଧରିବାକୁ ଚେଷ୍ଟା କରିଥିଲେ ବୋଲି ଅଭିଯୋଗ ହୋଇଥିଲା, କିନ୍ତୁ ଆଲୋକ ଖସିଯିବାରେ ସଫଳ ହୋଇଥିଲେ ଏବଂ ତାଙ୍କ ସହଯୋଗୀ ରଶ୍ମିରଞ୍ଜନ କାଣ୍ଡିଙ୍କ ସହାୟତାରେ ଏକ ମୋଟରସାଇକେଲରେ ପଳାଇ ଯାଇଥିଲେ। ଆଲୋକ ତାଙ୍କ ମା' ରୀନା ଭୋଇଙ୍କ ମୋବାଇଲ୍ ଫୋନକୁ କଥିତ କାରବାରର ଭିଡିଓ ପଠାଇଥିବା ଜଣାପଡ଼ିଛି। ପରବର୍ତ୍ତୀ ସମୟରେ, କାରବାରରେ ସମ୍ପୃକ୍ତ ବ୍ୟକ୍ତିମାନେ ଉଭୟଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆକ୍ରମଣକାରୀମାନେ ଆଲୋକ ଏବଂ ରଶ୍ମିରଞ୍ଜନ ଉଭୟଙ୍କ ମୃତ୍ୟୁ ହୋଇସାରିଛି ବୋଲି ଭାବି ଘଟଣାସ୍ଥଳ ଛାଡି ପଳାଇଥିଲେ। ଆଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ରଶ୍ମିରଞ୍ଜନ ଆକ୍ରମଣରୁ ବଞ୍ଚିଯାଇଥିବା ଏବଂ ପରେ ଚେତା ଫେରିପାଇଥିଲେ ବୋଲି ଏକ ସୂତ୍ରରୁ ଖବର ମିଳିଛି।

## ଗୁହିରାଘାଟ ଗୁଳିକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗିରଫ

ତରଭା,୨୨।୮(ନିପ୍ର) ଗତ ରବିବାର ସନ୍ଧ୍ୟାରେ ତରଭା ଥାନା ଅନ୍ତର୍ଗତ ଗୁହିରାଘାଟରେ ସଂଘଟିତ ଗୁଳିକାଣ୍ଡରେ ସମ୍ପୃକ୍ତ ଥିବା ଅଭିଯୋଗରେ ତରଭା ପୁଲିସ ଆଉ ୩ ଜଣଙ୍କୁ ବାନ୍ଧି ଥିଲା। ଘଟଣାରେ ସଂପୃକ୍ତ ଥିବା ଅଭିଯୋଗରେ ତରଭା ତଅଁଳାପଡାର ବବିସେନ ନାଏକ(୨୩)କୁ ପୁଲିସ ଅଟକ ରଖି ପଚରା ଉଚରା କରିଥିଲା। ସୋମବାର ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉକରି କଣ୍ଟାମାଲ ଥାନା ଅନ୍ତର୍ଗତ ବଡଛପାପାଲିର ସାନନ୍ଦ ସାହୁ(୨୨),ତରଭା ବ୍ଲକପଡାର ସାଗର ମହାନନ୍ଦ (୨୩), ସିଂହାରି ପଞ୍ଚାୟତ ଅନ୍ତର୍ଗତ ଟିଠେଇପାଲିର ଦୀପକ ଷାଣ୍ଢ(୨୦) କୁ ଗିରଫ କରି ଥିଲା। ଘଟଣାର ମୁଖ୍ୟ ଅଭିଯୁକ୍ତ ତରଭା ଥାନା ଅନ୍ତର୍ଗତ ବନ୍ଧପାଲିର ଖୁସିରାମ ଭୋଇ (ହରି) ଘଟଣା ଦିନ ଠାରୁ ଫେରାର ଥିଲା। ପୋଲିସ କୌଣସି ସୂତ୍ରରୁ ଖବର ପାଇ ଶନିବାର ଅପରାହ୍ଣରେ ସିଂହାରୀ ପଞ୍ଚାୟତ ଜଡାପାଳ ଜଙ୍ଗଲରେ ଲୁଚିଥିବା ମୁଖ୍ୟ ଅଭିଯୁକ୍ତକୁ ତରଭା ପୁଲିସ ସଦଳବଳେ ଘେରା ବନ୍ଦୀ କରି ଧରିବାରେ ସଫଳ ହୋଇଛି। ଅଭିଯୁକ୍ତ ଠାରୁ ଗୋଟିଏ ଦେଶୀ ପିସ୍ତଲ ଓ ଗୋଟିଏ ଅଫୁଟା ଗୋଟିଏ ଜବତ କରାଯାଇଛି।

## ମା' ଚର୍ଚ୍ଚିକାଙ୍କ ପୀଠରେ ଲିଫ୍ଟ ବ୍ୟବସ୍ଥାର ଶିଳାନ୍ୟାସ

ବାଙ୍କୀ,୨୨।୮(ନିପ୍ର): ବାଙ୍କୀର ଆରାଧ୍ୟା ଦେବୀ ମା' ଚର୍ଚ୍ଚିକାଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ପାଇଁ ଖୁସି ଖବର। ପାହାଡ଼ ଉପରେ ଅବସ୍ଥିତ ମା'ଙ୍କ ମନ୍ଦିରକୁ ଶ୍ରଦ୍ଧାଳୁଙ୍କ ସହଜରେ ଯାତାୟାତ ଓ ଦର୍ଶନକୁ ଦୃଷ୍ଟିରେ ରଖି ଏଠାରେ ନିର୍ମାଣ ହେବ ଅତ୍ୟାଧୁନିକ ଲିଫ୍ଟ ବ୍ୟବସ୍ଥା ନେଇ ଶନିବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏଥିସହ ଚାଲିଥିବା ପରିକ୍ରମା ପ୍ରକଳ୍ପ କାମରେ ବିଳମ୍ବକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି କଟକ ସାଂସଦ ଭର୍ତ୍ତୃହରି ମହତାବ। ବାଙ୍କୀର ପ୍ରସିଦ୍ଧ ଶକ୍ତିପୀଠ ମା' ଚର୍ଚ୍ଚିକାଙ୍କ ଦର୍ଶନ ପାଇଁ ପ୍ରତିଦିନ ଆସୁଛନ୍ତି ଶତାଧିକ ଶ୍ରଦ୍ଧାଳୁ। ପାହାଡ଼ ଉପରେ ମା'ଙ୍କ ମନ୍ଦିର ଥିବାରୁ ବୟସ୍କ, ଅସୁସ୍ଥ ଓ ଚାଲିବାରେ ଅସୁବିଧା ଥିବା ଶ୍ରଦ୍ଧାଳୁଙ୍କ ପାଇଁ ଉପରକୁ ଯିବା ଅନେକ ସମୟରେ କଷ୍ଟକର ହୋଇଥାଏ।

## କପିଳେନ୍ଦ୍ର ଦେବଙ୍କ ରାଜତ୍ୱ ସମୟର ଶିଳାଲେଖ ଆବିଷ୍କୃତ



ଭୁବନେଶ୍ୱର,୨୨।୮: ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲ୍ଲାର ଟେକାଲି ସହରରେ ଗଜପତି କପିଳେନ୍ଦ୍ର ଦେବଙ୍କ ରାଜତ୍ୱ ସମୟର ଏକ ଶିଳାଲେଖ ବହନକାରୀ ପଥର ଆବିଷ୍କୃତ ହୋଇଛି, ଯାହା ଗଜପତି ରାଜ୍ୟର ଇତିହାସ ଏବଂ ଏହି ଅଞ୍ଚଳରେ ଓଡ଼ିଶାର ଐତିହାସିକ ପ୍ରଭାବ ବିଷୟରେ ନୂତନ ଅନ୍ତର୍ଦୃଷ୍ଟି ପ୍ରଦାନ କରିବାର ସମ୍ଭାବନା ରହିଛି।

## ସାପ କାମୁଡା: କକା-ପୁତୁରା ମୃତ

ନୂଆପଡ଼ା,୨୨।୮: ନୂଆପଡ଼ା ଓ ବଲାଙ୍ଗୀର ଜିଲ୍ଲା ସୀମାନ୍ତ ବଙ୍ଗୋମୁଣ୍ଡା ଥାନା ବଲଧା ଗାଁରେ ବିଷାକ୍ତ ସାପ କାମୁଡାରେ କକା ଓ ପୁତୁରାଙ୍କ ମୃତ୍ୟୁ ହୋଇଛି। ମୃତକ ସିନାପାଲି ଥାନା ଚଚରାଭଟା ଗାଁର କକା ଦୈତାରି ତାଣ୍ଡି(୪୦) ଓ ପୁତୁରା ଭରତ ତାଣ୍ଡି(୩୦) ଏବଂ ଗୁରୁତର ତୁଳସୀ ବରର୍ଗତି(୪୫)। ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ବଲଧାଠାରେ ପୋଲ ନିର୍ମାଣ କାମରେ ସିନାପାଲି ଥାନା ଅଂଚଳର ୧୦ ଜଣ ଶ୍ରମିକ ଭାବେ ନିୟୋଜିତ ହୋଇଥିଲେ। ରାତିରେ ଖାଇ ସାରି ଖୋଲା କ୍ୟାମ୍ପରେ ଶୋଇଥିଲେ। ସେଠି ଏକ ବିଷାକ୍ତ ସାପ ଆସି ଦୈତାରୀ, ଭରତ ଓ ତୁଳସୀ ୩ ଜଣ ଶ୍ରମିକଙ୍କୁ କାମୁଡି ଥିଲା ବୋଲି କୁହାଯାଇଛି।

## ଅଙ୍ଗନୱାଡି ପିଲାଙ୍କୁ ନିମ୍ନମାନର ପୋଷାକ ବଣ୍ଟନ ଅଭିଯୋଗ

ସୋନପୁର,୨୨।୮(ନିପ୍ର): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକର ଅଙ୍ଗନବାଡି ଶିଶୁମାନଙ୍କୁ ପ୍ରଦାନ କରାଯାଉଥିବା ପୋଷାକ ଅତି ନିମ୍ନ ମାନର ବଣ୍ଟନ ହେଉଥିବା ଅଭିଯୋଗ ହେଉଛି। ପ୍ରାପ୍ତ ସୂଚନା ଅନୁସାରେ ରାଜ୍ୟ ସରକାର ୩ ବର୍ଷରୁ ୬ ବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଶିଶୁମାନଙ୍କୁ ପୋଷାକ ବଣ୍ଟନ ନେଇ ଜିଲ୍ଲାପାଳ ସମସ୍ତ ବ୍ଲକକୁ ଚିଠି ସଂଖ୍ୟା ୨୪୧୦ (୧୪ ଜୁଲାଇ ୨୦୨୬) ରେ ପ୍ରତି ପୁଅ ଶିଶୁ ମାନଙ୍କ ପାଇଁ ହଳକୁ ୧୭୫ ଟଙ୍କା ଲେଖାଏଁ ଥିବା ବେଳେ ଶିଶୁ କନ୍ୟା ମାନଙ୍କ ପାଇଁ ୨୨୫ ଟଙ୍କା ରହିଛି। ପ୍ରତି ଶିଶୁମାନଙ୍କୁ ୨ ହଳ ଲେଖାଏଁ ପୋଷାକ ପ୍ରଦାନ କରିବାକୁ ନିୟମ ରହିଛି। ସରକାର ଦେଉଥିବା ଅର୍ଥରେ ଶିଶୁମାନଙ୍କ ପାଇଁ ଭଲ ପୋଷାକ ହୋଇପାରିବ କିନ୍ତୁ ମୁନଫାଖୋର ଅଧିକାରୀ ଓ ମହିଳା ଗୋଷ୍ଠୀମାନେ ଅଧିକ ମୁନଫା ଆଶାରେ ଅତି ନିମ୍ନମାନର ପୋଷାକ ବଣ୍ଟନ ପ୍ରଦାନ କରୁଥିବା ଅଭିଯୋଗ ହେଉଛି। ବୀରମହାରାଜପୁର ବ୍ଲକର ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନଙ୍କୁ ଏହି ଡ୍ରେସ ତିଆରି କରି ପିଲାମାନଙ୍କୁ ପ୍ରଦାନ କରିବାର ନିୟମ ଥିବାବେଳେ ସ୍ୱୟଂ ସହାୟକ ଦଳମାନେ ନିଜ ପାଖରେ ସିଲେଇ ସାଧନ ନଥାଇ ଅଧିକାରୀଙ୍କ ସହ ସଲାସୁତୁରା ହୋଇ କାମ ହାତକୁ ନେଇ ଅତି ନିମ୍ନମାନର ପୋଷାକ କମ ଦାମରେ କ୍ରୟକରି ଶିଶୁ ମାନଙ୍କୁ ପ୍ରଦାନ କରୁଥିବା କୁହାଯାଉଛି। ଏ ନେଇ ସିଡିପିଓଙ୍କୁ ଯୋଗାଯୋଗ କରିବାରୁ ଏ ପର୍ଯ୍ୟନ୍ତ ବିଲ୍ ପୈଠ କରାଯାଇନାହିଁ ଓ ଯଦି ନିମ୍ନମାନର ଡ୍ରେସ ଦିଆଯାଇଛି ତାହେଲେ ତଦନ୍ତ କରାଯିବ ବୋଲି ସେ କହିଥିଲେ।

## ଆଜିଠୁ ଓଡ଼ିଶା ଅର୍ବାନ କନକ୍ଲେଭ୍

ଭୁବନେଶ୍ୱର,୨୨।୮: ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ରବିବାର ଭୁବନେଶ୍ୱରସ୍ଥିତ ଲୋକସେବା ଭବନର କନଭେନସନ ସେଂଟର ଅଡିଟୋରିୟମରେ ପୌରସଂସ୍ଥାଗୁଡ଼ିକ ପାଇଁ ଏକ ସାମଗ୍ରିକ ସମୀକ୍ଷା ତଥା ଅନୁସ୍ଥାପନ (ଓରିଏଣ୍ଟସନ) କାର୍ଯ୍ୟକ୍ରମ 'ଓଡ଼ିଶା ଅର୍ବାନ କନକ୍ଲେଭ୍ ୨୦୨୬' ଆୟୋଜିତ ହେବ। ଏହି ସମ୍ମିଳନୀରେ ବରିଷ୍ଠ ପ୍ରଶାସକ, ନଗର ଯୋଜନାକାରୀ, ପୌର ପ୍ରତିନିଧି ଓ ଯନ୍ତ୍ରୀମାନେ ଏକତ୍ରିତ ହୋଇ ଜାରି ରହିଥିବା ଯୋଜନାଗୁଡ଼ିକର ସମୀକ୍ଷା କରିବେ। କ୍ଷେତ୍ରସ୍ତରୀୟ ସମସ୍ୟାଗୁଡ଼ିକୁ ଚିହ୍ନଟ କରିବେ ଏବଂ ସମଗ୍ର ଓଡ଼ିଶାରେ ତ୍ୱରିତ ତଥା ଅଧିକ ପ୍ରଭାବଶାଳୀ ସହରାଞ୍ଚଳ ରୂପାନ୍ତରଣ ପାଇଁ ରଣନୈତିକ ପ୍ରାଥମିକତା ସ୍ଥିର କରିବେ। କାର୍ଯ୍ୟକ୍ରମରେ ମାନ୍ୟବର ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଉଦ୍‌ଘାଟନୀ ଅଭିଭାଷଣ ପ୍ରଦାନ କରିବେ ଏବଂ ଏହାପରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢୀ ପ୍ରମୁଖ ପ୍ରାଥମିକତା ଉପରେ ଉପସ୍ଥାପନା ରଖିବେ। ଦିନବ୍ୟାପୀ ଚାଲିବାକୁ ଥିବା ଏହି ସମ୍ମିଳନୀରେ ସହରାଞ୍ଚଳ ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ଦିଗ, ଯଥା: ପୌରସଂସ୍ଥାର ରାଜସ୍ୱ ବୃଦ୍ଧି, ଟାୟାର-୨ ଏବଂ ଟାୟାର-୩ ସହରଗୁଡ଼ିକ ପାଇଁ ଟାଉନ ପ୍ଲାନିଂ ଯୋଜନାର ଏସଓପି, ସମୃଦ୍ଧ ସହର, ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ ଏବଂ 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା' ଅଧୀନରେ ଭିତ୍ତିଭୂମି ବିକାଶ ଉପରେ ଆଲୋଚନା କରାଯିବ।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ନୂତନ କୁଳପତିଙ୍କ ଦାୟିତ୍ୱ ଗ୍ରହଣ




ଭୁବନେଶ୍ୱର,୨୨।୮(ନିପ୍ର): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସତ୍ୟନାରାୟଣ ଆଚାର୍ଯ୍ୟ। ଶୁକ୍ରବାର ଲୋକ ଭବନ ପକ୍ଷରୁ ରାଜ୍ୟପାଳଙ୍କ ଦ୍ୱାରା ବିଜ୍ଞପ୍ତି ପ୍ରକାଶ ପରେ ଶନିବାର ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ମଦନପୁର, ଭୁବନେଶ୍ୱର କ୍ୟାମ୍ପସ୍ ପରିସରକୁ ଆସି ଡ. ଆଚାର୍ଯ୍ୟ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ନେଉ ନେଉ ସେ କହିଛନ୍ତି, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପରି ଏକ ମହାନ ସାଂସ୍କୃତିକ ଅନୁଷ୍ଠାନର କୁଳପତି ପଦବି ମଣ୍ଡନ କରିବା ସୌଭାଗ୍ୟର ବିଷୟ। ଅନୁଷ୍ଠାନର ଦାୟିତ୍ୱ ନେବା ପରେ ଭାର ଆହୁରି ବଢ଼ିଛି, ପ୍ରତିଶ୍ରୁତି ଦେଉଛି ତାକୁ ସୁଚାରୁ ରୂପେ ନିର୍ବାହ କରିବି। ଅନୁଷ୍ଠାନ ଯେଉ ଲକ୍ଷ୍ୟ ନେଇ ବିକାଶ ଧାରାରେ ଆଗେଇ ଚାଲିଛି, ତାହା ପୂରଣ ହେବ। ସେଥିପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଡ. ଆଚାର୍ଯ୍ୟ କହିବା ସହ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିକୁ ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଧିକ କ'ଣ କରାଯାଇପାରିବ ଏବଂ ଏ କ୍ଷେତ୍ର କିପରି ସମୃଦ୍ଧ ହେବ ତା' ଉପରେ ସଫଳତାର ସହ କାର୍ଯ୍ୟ କରିବାକୁ ବିଶ୍ୱବିଦ୍ୟାଳୟର ସହକର୍ମୀ ଓ କର୍ମଚାରୀମାନଙ୍କ ସହଯୋଗ ଲୋଡ଼ିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଡ. ଆଚାର୍ଯ୍ୟଙ୍କୁ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଥିଲା। କୁଳସଚିବ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର, ସ୍ନାତକୋତ୍ତର ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ଚକ୍ରଧର ବେହେରା, ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ଓ ସମସ୍ତ ଶିକ୍ଷକ ଏବଂ କର୍ମଚାରୀ ଓ ଛାତ୍ରଛାତ୍ରୀ ପୁଷ୍ପଚାରା, ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ।

### ୧୫ ଗାଁର ଦୁଃଖ ମହେନ୍ଦ୍ରତନୟା: ୧୫ ବର୍ଷ ହେଲା ସରିନି ବ୍ରିଜ୍ ନିର୍ମାଣ କାମ

# ଜୀବନକୁ ବାଜିରେ ଲଗାଇ ନଦୀ ପାର

ପାରଳାଖେମୁଣ୍ଡି,୨୨।୮(ନିପ୍ର): ଦୁଇବର୍ଷ ଭିତରେ ବ୍ରିଜ୍ ନିର୍ମାଣ କାମ ଶେଷ ହେବାକୁ ଥିଲା କିନ୍ତୁ ଦେଖୁ ଦେଖୁ ଏହା ମଧ୍ୟରେ ୧୫ ବର୍ଷ ବିତିଗଲାଣି। ନଦୀ ଉପରେ ବ୍ରିଜ୍ କାମ ପାଇଁ ପିଲାର୍ ସେମିତି ଅଧାପନ୍ତରିଆ ଅବସ୍ଥାରେ ଛିଡ଼ା ହୋଇଛି। ଆଉ ଆଜି ବି ଗ୍ରାମବାସୀ ମୌଳିକ ସୁବିଧା ପାଇଁ ଜୀବନକୁ ବାଜିରେ ଲଗାଇ ଭରାନଦୀ ପାର ହେଉଛନ୍ତି। ଗୋଟିଏ କି ଦୁଇଟି ନୁହେଁ, ୧୫ରୁ ଅଧିକ ଗାଁର ଲୋକଙ୍କ ପାଇଁ ଏହି ନଦୀ ଯେମିତି ଦୁଃଖ ପାଲଟିଛି। ଏହି ଚିତ୍ର ହେଉଛି ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ୍ ଅନ୍ତର୍ଗତ କରଡ଼ାସିଂ, କୁଜାସିଂ ଓ ଅଜୟଗଡ଼ ପଞ୍ଚାୟତର ଉଭୟ ପଞ୍ଚାୟତର ୧୫ରୁ ଅଧିକ ଗାଁ ମହେନ୍ଦ୍ରତନୟା ନଦୀର ଆରପାରିରେ ରହିଛି। ରାୟଗଡ଼ ବ୍ଲକ୍ କାର୍ଯ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ, ବିଦ୍ୟାଳୟ, ହସ୍ପିଟାଲ ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟକୁ ଯିବା ପାଇଁ ଏହି ନଦୀ ପାର ହେବାକୁ ପଡ଼ିଥାଏ। ତେବେ ବର୍ଷା ଋତୁରେ ମହେନ୍ଦ୍ରତନୟାର ଜଳସ୍ତର ବଢ଼ିଗଲେ ସମସ୍ୟା ଆହୁରି ଗମ୍ଭୀର ହୋଇଥାଏ। ବର୍ଷ ବର୍ଷ ଧରି ଏଭଳି ଦୁର୍ଦ୍ଦଶା ଭୋଗୁଥିବାରୁ ଶେଷରେ ଲୋକଙ୍କ ଦାବିକୁ ଗୁରୁତ୍ୱ ଦେଇ ୨୦୧୨ରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମହେନ୍ଦ୍ରତନୟା ନଦୀ ଉପରେ ବ୍ରିଜ୍ ନିର୍ମାଣ ଆରମ୍ଭ ହୋଇଥିଲା। ଦୁଇବର୍ଷ ମଧ୍ୟରେ କାମ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ତେବେ ୨୦୧୨ରୁ ୨୦୧୫ ମଧ୍ୟରେ ଠିକାସଂସ୍ଥା ଚାରିଟି ପିଲାର୍ କାମ କରି ଛାଡ଼ି ଦେଇଥିଲା। ପରବର୍ତ୍ତୀ ସମୟରେ ଟେଣ୍ଡର ଅର୍ଥ ତୁଳନାରେ ଅଧିକ ଖର୍ଚ୍ଚ ହେବା ଦର୍ଶାଇ ପୁନଃଆକଳନ ପାଇଁ ଅନୁରୋଧ କରାଯାଇଥିଲା। ତିତଲି ବାତ୍ୟା ଓ ବନ୍ୟା ସମୟରେ ନଦୀର ଜଳସ୍ତର ବୃଦ୍ଧିକୁ ନଜରରେ ରଖି ନୂଆ ଆକଳନ କରିବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ନୂଆ ଆକଳନ ଓ ପ୍ରଶାସନିକ ପ୍ରକ୍ରିୟା ମଧ୍ୟରେ ବର୍ଷ ପରେ ବର୍ଷ ବିତିଥିବା ସହ ବ୍ରିଜ୍ ନିର୍ମାଣ କାମ ଅଧାରେ



ଅଟକିଗଲା। ଏହାମଧ୍ୟରେ ୧୫ ବର୍ଷ ବିତିଗଲାଣି କିନ୍ତୁ ନଦୀ ଉପରେ ବ୍ରିଜ୍‌ଟିଏ ଛିଡ଼ା ହୋଇପାରୁନି। ସରକାର ଓ ଅଧିକାରୀ ବଦଳିଛନ୍ତି। କିନ୍ତୁ ୧୫ଟି ଗାଁର ଲୋକଙ୍କ ଭାଗ୍ୟ ବଦଳିପାରିନି। ସରପଞ୍ଚ ଉମାଶଙ୍କରଙ୍କ ନେତୃତ୍ୱରେ ଅଞ୍ଚଳବାସୀ ଗ୍ରାମ୍ୟ ଉନ୍ନୟନ ସଚିବଙ୍କୁ ସାକ୍ଷାତ କରି ଦାବି ଉପସ୍ଥାପନ କରିଛନ୍ତି। ଦୁଇ ମାସ ମଧ୍ୟରେ ବ୍ରିଜ୍ ନିର୍ମାଣ କାମ ଆରମ୍ଭ ନହେଲେ ଆସନ୍ତା ପଞ୍ଚାୟତ ନିର୍ବାଚନରେ ଭୋଟ୍ ବର୍ଜନ ସହ କୌଣସି ଜନପ୍ରତିନିଧି ଓ ସରକାରୀ ଅଧିକାରୀଙ୍କୁ ଗାଁରେ ପ୍ରବେଶ କରାଇଦେବୁନି ବୋଲି ଚେତାବନୀ ଦେଇଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ଗୋବିନ୍ଦ ମାରାଣ୍ଡି କହିଛନ୍ତି, ବ୍ରିଜ୍ ନିର୍ମାଣ କାମ ସାରିବାକୁ ପୁଣିଥରେ ଆକଳନ କରି ବିଭାଗକୁ ରିପୋର୍ଟ ପ୍ରଦାନ କରାଯାଇଛି। ଟେଣ୍ଡର ପ୍ରକ୍ରିୟା ଶେଷ ହେବା ପରେ ଯଥାଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ତେବେ ବ୍ରିଜ୍ କାମ କେବେ ସରୁଛି, ତାହା ଦେଖିବାକୁ ବାକି ରହିଛି।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ